# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 24/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 149 | ମୂଲ୍ୟ ₹୭/-



DSPL - 39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ପଞ୍ଚାୟତିରାଜ ଦିବସ - ୨୦୨୫

ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
ସଦୟ ଉପସ୍ଥିତିରେ
## ରାଜ୍ୟସ୍ତରୀୟ ସମାରୋହ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ
**ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲର ଉନ୍ମୋଚନ**

ରାଜ୍ୟର ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ପାଇଁ ରେକର୍ଡ ପ୍ରସ୍ତୁତି, ବୈଷୟିକ ମଞ୍ଜୁରୀ, ପ୍ରଶାସନିକ ଅନୁମୋଦନ ଭଳି ପ୍ରକ୍ରିୟା ଗୁଡ଼ିକୁ ସୁଗମ ରୂପେ ପରିଚାଳନା କରିବା ନିମନ୍ତେ
**ପି.ପି.ଏମ୍.ଏସ୍ ପୋର୍ଟାଲର ଉନ୍ମୋଚନ**

ଗ୍ରାମ ପଞ୍ଚାୟତ ଭିତ୍ତିଭୂମିର ଦୃଶ୍ୟକରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ତଥ୍ୟକୁ ପ୍ରାପ୍ତ କରିବା ପାଇଁ
**ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ**
(ପୋର୍ଟାଲ ଓ ମୋବାଇଲ ଆପ୍)

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ
**୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ**

**୬ ଲକ୍ଷ** ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା**ରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ **୧,୩୮,୦୦୦ ଟଙ୍କା** ପର୍ଯ୍ୟନ୍ତ ସବସିଡି ପ୍ରଦାନ
ଶକ୍ତି ବିଭାଗ, ଓଡ଼ିଶା ସରକାର

**୪,୧୨୪ କୋଟି ଟଙ୍କା** ମୂଲ୍ୟର **୩୧୪** ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ
କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର

**୨ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨୦୦ କୋଟି** ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0016/2526

# ଜାତୀୟ ପଞ୍ଚାୟତିରାଜ ଦିବସ ଏବଂ ଓଡ଼ିଶା



**ରବିନାରାୟଣ ନାଏକ**
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ

ପଞ୍ଚାୟତ ବ୍ୟବସ୍ଥା ଆଜିର ନୁହେଁ, କେଉଁ ଆବହମାନ କାଳରୁ ଆମ ସମାଜରେ ଏହା ପ୍ରଚଳିତ ହୋଇଆସୁଛି। ସେଥିପାଇଁ ଆମ ଗାଁ ଗହଳିରେ କଥା କଥାରେ କହନ୍ତି, ପାଞ୍ଚଜଣ ଲୋକଙ୍କୁ ଯାହା ସୁନ୍ଦର ଲାଗିବ ତାହା ହିଁ କରିବା। ପାଞ୍ଚଜଣ ଭଦ୍ରଲୋକ ଯାହା ନିର୍ଣ୍ଣୟ କରିବେ, ତାହାକୁ ମାନିବା। ମହାଭାରତ କାଳର ପଞ୍ଚପାଣ୍ଡବଙ୍କୁ ଯଦି ଭିନ୍ନ ଦୃଷ୍ଟିରେ ବିଚାର କରିବା, ସେମାନେ ମଧ୍ୟ ଭିନ୍ନ ଭିନ୍ନ ଶାରୀରିକ ଓ ମାନସିକ ବ୍ୟକ୍ତିତ୍ୱ ବହନ କରୁଥିବା ପାଞ୍ଚଜଣ ଗାଁ ମୁଖିଆ, ଯେଉଁମାନେ ତାଙ୍କ ନେତୃତ୍ୱ ନେଉଥିବା ବରିଷ୍ଠ ଯୁଧିଷ୍ଠିରଙ୍କ ସମସ୍ତ ନିଷ୍ପତ୍ତିକୁ ମୁଣ୍ଡପାତି ଗ୍ରହଣ କରିଛନ୍ତି ଓ ଶେଷ ପର୍ଯ୍ୟନ୍ତ ଅନ୍ୟାୟ ବିରୋଧରେ ସଂଗ୍ରାମ କରିଛନ୍ତି। ତାହା ମଧ୍ୟ ଏକ ପଞ୍ଚାୟତ। ଏଣୁ ପଞ୍ଚାୟତ ବ୍ୟବସ୍ଥା ଆମ ସମାଜରେ କେଉଁ କାଳରୁ ପ୍ରଚଳିତ ଏବଂ ପଞ୍ଚାୟତର ନିଷ୍ପତ୍ତିକୁ ଆମେ ସର୍ବମାନ୍ୟ ଭାବେ ଗ୍ରହଣ କରିଆସିଅଛୁ।

ସ୍ୱାଧୀନ ଭାରତର ପ୍ରଥମ ରାଜ୍ୟ ଭାବେ ରାଜସ୍ଥାନ ସରକାର ୧୯୫୩ ମସିହାରେ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ। ତେବେ ୧୯୫୭ରେ ତତ୍କାଳୀନ ସାଂସଦ ବଳବନ୍ତରାଓ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଆଧାରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହେଲା। ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ୧୯୫୯ ଅକ୍ଟୋବର ୨ରେ ରାଜସ୍ଥାନର ନାଗୌରଠାରେ ଉଦ୍‌ଘାଟିତ ହୋଇଥିଲା।

ସମୟ ସ୍ରୋତରେ ଅନେକ ସଂଶୋଧନ, ପରିବର୍ତ୍ତନ ଓ ପରୀକ୍ଷା ନିରୀକ୍ଷା ପରେ ୧୯୯୨ ଏପ୍ରିଲ ୨୪ରେ ସମ୍ବିଧାନର ୭୩ତମ ସଂଶୋଧନ ବଳରେ ଏହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେଲା। ଏହି ଆଇନ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା। ସେଇଥିପାଇଁ ଏପ୍ରଲ ୨୪ ତାରିଖକୁ 'ଜାତୀୟ ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଇଆସୁଛି। ଏହି ସଂଶୋଧନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା ୨୯ଟି ବିଷୟ ପଞ୍ଚାୟତିରାଜ ବିଭାଗ ଅଧୀନକୁ ଆସିବା ପରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗ୍ରାମାଞ୍ଚଳରେ ସକ୍ରିୟଭାବେ କାର୍ଯ୍ୟ ଆରମ୍ଭକଲେ।

ପଞ୍ଚାୟତିରାଜ ବ୍ୟବସ୍ଥା ଏକ ନିରବଚ୍ଛିନ୍ନ ନୀରବ ଆନ୍ଦୋଳନ। ଲୋକଙ୍କ ଭିତରେ ଶୋଇପଡ଼ିଥିବା ଶକ୍ତି ଓ ସାମର୍ଥ୍ୟକୁ ଜାଗ୍ରତକରିବା ପାଇଁ ଯେଉଁ ସାର୍ଥକ ନେତୃତ୍ୱର ଆବଶ୍ୟକତା ଅଛି, ତାହା ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ହିଁ ସମ୍ଭବ। ଏଣୁ ଏହି ବ୍ୟବସ୍ଥା ନେତୃତ୍ୱ ନିର୍ମାଣର ଏକ ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବନାହିଁ। ହେଲେ ଗତ ସରକାର ସମୟରେ ସାମନ୍ତବାଦୀ ସ୍ତବପାଠ ଓ ଦରବାରୀ କୋଳାହଳ ମଧ୍ୟରେ ପଞ୍ଚାୟତ ପ୍ରତିନିଧିମାନଙ୍କର ସ୍ୱର କ୍ଷୀଣ ଓ ଉପେକ୍ଷିତ ଥିଲା।

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ନୂଆ ଯୁଗର ଆରମ୍ଭ ହେଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେଲା। ଡବଲ ଇଞ୍ଜିନ ସରକାରଙ୍କ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବହୁମୁଖୀ ପ୍ରକଳ୍ପ ମାଧ୍ୟମରେ ଭିତ୍ତିଭୂମିର ବିକାଶ ସହ ଗ୍ରାମାଞ୍ଚଳର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ଆଧାରକରି ଗ୍ରାମ୍ୟ ସଂସ୍କୃତି, ପରମ୍ପରା ଓ ଚଳଣିର ସଂରକ୍ଷଣ ସହ ଏକ ସମୃଦ୍ଧ ଗାଁ ଗଠନର ମୂଳଦୁଆ ପଡ଼ିଲା।

ଏହି ଯୋଜନାରେ ସ୍ଥାୟୀ ଭିତ୍ତିଭୂମି, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ଗ୍ରାମ୍ୟ ପରିବେଶର ସୁରକ୍ଷା, ସାଧାରଣ ସମ୍ପତ୍ତିର ସୁବିନିଯୋଗ, ଗ୍ରାମବାସୀଙ୍କ ଆବଶ୍ୟକତା ଅନୁଯାୟୀ ଗୋଷ୍ଠୀକେନ୍ଦ୍ର ପ୍ରତିଷ୍ଠା, ଧାର୍ମିକପୀଠଗୁଡ଼ିକର ଉନ୍ନତୀକରଣ, ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଶିକ୍ଷା ଭିତ୍ତିଭୂମିର ଉନ୍ନତୀକରଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଇଣ୍ଟରନେଟ୍ ସେବା, ଛାତ୍ରୀଛାତ୍ରଙ୍କ ପାଇଁ ପଠନଗୃହ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ଯୋଜନାଗୁଡ଼ିକ ଗ୍ରାମସଭା ମାଧ୍ୟମରେ ସମସ୍ତଙ୍କ ସହଭାଗିତାରେ ସର୍ବସାଧାରଣଙ୍କ ଆବଶ୍ୟକତାକୁ ଆଖିରେ ରଖି ଅଗ୍ରାଧିକାର ଭିତ୍ତିରେ ଚୟନକରି ପର୍ଯ୍ୟାୟକ୍ରମେ ବିଭିନ୍ନ ବୈଷୟିକ କମିଟି ଦ୍ୱାରା ଯାଞ୍ଚକରିବା ପରେ ସମ୍ପୃକ୍ତ ଜିଲାପାଳଙ୍କ ଅନୁମୋଦନ ନିମନ୍ତେ ବିଭାଗକୁ ସୁପାରିସ କରିବେ। ପୂର୍ବରୁ ପଞ୍ଚାୟତିରାଜ ବ୍ୟବସ୍ଥା ଥିଲା ଉପର ସ୍ତରରେ ବସିଥିବା କେତେଜଣ ଧୋବଧାଉଳିଆ ବାବୁମାନଙ୍କର ବିଳାସର ବ୍ୟାପାର। ଏଥିରେ ଗାଁରେ ଥିବା ମଳିମୁଣ୍ଡିଆ ଲୋକଙ୍କର କିଛି ଭୂମିକା ନ ଥିଲା। ହେଲେ ଏହି ଯୋଜନା ମାଧ୍ୟମରେ ଗାଁର ବିକାଶ ଖସଡ଼ା ଗାଁରେ ପ୍ରସ୍ତୁତ ହେବ ଏବଂ ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରକ୍ରିୟା ନିୟମାବଳୀ-୨୦୦୨ ଅନୁସାରେ ପ୍ରଶାସନିକ ଓ ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ। ଏହି ପାରଦର୍ଶୀ ବ୍ୟବସ୍ଥା ଫଳରେ କାହାର ମନମାନି କିମ୍ବା ଏକଚାଟିଆ କାରବାର ଚାଲିପାରିବ ନାହିଁ ଏବଂ ଗ୍ରାମାଞ୍ଚଳର ପ୍ରକୃତ ବିକାଶ ହୋଇପାରିବ। କେବଳ ପ୍ରକଳ୍ପ ନିର୍ମାଣ ନୁହେଁ, ତା'ର ତଦାରଖ ଓ ପର୍ଯ୍ୟବେକ୍ଷଣ ମଧ୍ୟ ସୁନିଶ୍ଚିତ କରାଯିବ। ଏଥିପାଇଁ ଆଧୁନିକ ଯୋଗାଯୋଗ ବ୍ୟବସ୍ଥା ସହ ଏଗୁଡ଼ିକୁ ସଂଯୋଗ କରାଯିବ। ଏମ୍‌ଆଇଏସ୍(MIS) ଓ ମୋବାଇଲ ଆପ୍ (Mobile App) ମାଧ୍ୟମରେ କାର୍ଯ୍ୟାରମ୍ଭ ପୂର୍ବର, କାର୍ଯ୍ୟକାରିତା ସମୟର ଏବଂ ପ୍ରକଳ୍ପ ସମାପ୍ତ ପରେ ତାକୁ ଜିଓ ଟ୍ୟାଗ୍‌କରି ୱେବ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ।

ଗତ ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁ ଆଦିବାସୀ ଭାଇଭଉଣୀଙ୍କ ଜୀବନଜୀବିକା ସହ ଜଡ଼ିତ ପେସା ଆଇନ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଆମ ସରକାର ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣକରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲାଗୁକରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେହି ଅନୁସାରେ ଆମ ରାଜ୍ୟର ୧୩ ଜିଲାର ୧୧୯ ବ୍ଲକ୍‌ର ୨,୦୬୮ ଗ୍ରାମପଞ୍ଚାୟତର ୧୯,୪୯୮ଟି ଗ୍ରାମରେ ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇ ତଥା ୧୧ଟି ଭିନ୍ନ ଭିନ୍ନ କମିଟି ଗଠନ କରାଯାଇ ଆଦିବାସୀ ଅଞ୍ଚଳର ବିକାଶ ନିମନ୍ତେ ଯୋଜନା ପ୍ରଣୟନ ଏବଂ ତା'ର ତଦାରଖ କରିବାର ଖସଡ଼ା ପ୍ରସ୍ତୁତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଇନ କାର୍ଯ୍ୟକାରୀ ହେବାପରେ ଆଦିବାସୀ ଅଞ୍ଚଳର ଗ୍ରାମସଭାଗୁଡ଼ିକ ସଶକ୍ତ ହେବ। ସେମାନଙ୍କର ସ୍ଥାବର ସମ୍ପତ୍ତିର ସୁରକ୍ଷା, ବୃହତ୍ ଏବଂ ଲଘୁ ଖଣିଜ ଉତ୍ସଗୁଡ଼ିକର ଲାଇସେନ୍ସ ପ୍ରଦାନରେ ସ୍ୱଚ୍ଛତା, ଆର୍ଥିକ ନେଣଦେଣ ଉପରେ ନିୟନ୍ତ୍ରଣ, ମାଦକଦ୍ରବ୍ୟ ବ୍ୟବହାରକୁ ନିଷିଦ୍ଧ ଓ ନିୟନ୍ତ୍ରଣ କରିବା, ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ସଂଗ୍ରହ, ବ୍ୟବହାର ଓ ବିକ୍ରି କରିବାର ଅଧିକାର ପ୍ରଦାନ କରିବା, ସାମାଜିକ ସମସ୍ୟାଗୁଡ଼ିକର ସମାଧାନ। ଶାନ୍ତି ଓ ସୌହାର୍ଦ୍ଦ୍ୟ ତଥା ସାଂସ୍କୃତିକ ବାତାବରଣକୁ ସୁରକ୍ଷିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଫଳରେ ପୁରୁଷ ପୁରୁଷ ଧରି ବଣ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଶୋଷଣର ଶିକାର ହେବାରୁ ସୁରକ୍ଷା ଦେଇ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ।

ଅନ୍ତ୍ୟୋଦୟ ଗୃହ ଯୋଜନା ଆମ ସରକାରର ଏକ ବଡ଼ ଉପଲବ୍ଧି। ସମାଜରେ ବସବାସ କରୁଥିବା ବିଧବା, ଭିନ୍ନକ୍ଷମ, ନିଃସହାୟ, ଏଡ୍‌ସ ରୋଗାକ୍ରାନ୍ତ, ବନ୍ୟା-ବାତ୍ୟା-ଭୂମିକମ୍ପ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ, ବନ୍ୟଜନ୍ତୁ ଦ୍ୱାରା କ୍ଷତିଗ୍ରସ୍ତ, ସରକାରୀ ଯୋଜନା ପାଇଁ ବିସ୍ଥାପିତ ଅଧିବାସୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କାଘର ଯୋଗାଇ ଦେବାପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ପକ୍କାଘର ପାଇଁ ଆଉ ବେଶିଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ଗତ ସରକାର ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥା କେବଳ ଯୋଜନା ପ୍ରଣୟନରେ ସୀମିତ ଥିଲା। ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କାହାର ତିଳେ ବି ଆନ୍ତରିକତା ନ ଥିଲା। ଫଳରେ ପଞ୍ଚାୟତଗୁଡ଼ିକ କେବଳ ଭିତ୍ତିଭୂମି ବିକାଶ କୈନ୍ଦ୍ରିକ ହୋଇ ରହିଗଲା। ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ଓ ଆଧୁନିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଉଦ୍ଦିଷ୍ଟ ବହୁ ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆଦର୍ଶ ପଞ୍ଚାୟତ ଗଠନ ପାଇଁ ପଞ୍ଚାୟତ ପ୍ରତିନିଧିମାନେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ଫଳରେ ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ, ସୁସ୍ଥ ଗ୍ରାମପଞ୍ଚାୟତ, ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମପଞ୍ଚାୟତ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଞ୍ଚାୟତ, ଭିତ୍ତିଭୂମି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ, ସାମାଜିକ ଭାବେ ସୁରକ୍ଷିତ ଗ୍ରାମପଞ୍ଚାୟତ, ସୁଶାସନ ଥିବା ଗ୍ରାମପଞ୍ଚାୟତ ଏବଂ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଗଠନର ସ୍ୱପ୍ନ ଆଜି ବିଡ଼ମ୍ବିତ। ଆମ ସରକାର ଏଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଉତ୍ସାହିତ କରିଆସୁଛନ୍ତି। ସେଥିପାଇଁ ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ଗୋଟିଏ ମିଶନ ବା ଅଭିଯାନ ଭାବରେ ଗ୍ରହଣକରି ଏହାର ବ୍ୟାପକ ପ୍ରଚାରପ୍ରସାର, ସଚେତନତା, ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ପ୍ରଶିକ୍ଷଣ, ସ୍ଥାନୀୟ କମିଟିଗୁଡ଼ିକୁ ସକ୍ରିୟ କରିବାର ପ୍ରୟାସ ଜାରି ରହିଛି।

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ତ ସ୍ତରକୁ ସକ୍ରିୟକରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି। ଗୋଟିଏ ମହାଭାରତୀୟ ସ୍ରୋତରେ ସାମିଲ ହେବାର ଏହି ମହାର୍ଘ ମୁହୂର୍ତ୍ତକୁ ସ୍ମରଣୀୟ କରିବାପାଇଁ ଯେଉଁ ସଂକଳ୍ପ, ସାଧନା ଓ ସାମର୍ଥ୍ୟର ଆବଶ୍ୟକତା ଅଛି, ତାକୁ ଆଧାରକରି ଏକ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଆମକୁ ଏକାଠିହୋଇ କାମ କରିବାକୁ ପଡ଼ିବ।

'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅପାର ସମ୍ଭାବନାର ଅସରନ୍ତି ପସରା ନେଇ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଅଭୟହସ୍ତ ପ୍ରଦାନକାରୀ ଅଭିଭାବକ ଭଳି ଆମ ପଛରେ ଦୃଢ଼ଭାବରେ ଠିଆ ହୋଇଛନ୍ତି। ଶିକ୍ଷା, ସଚେତନତା, ପ୍ରଶିକ୍ଷଣ, ଦୂରଦୃଷ୍ଟି ଓ ଆତ୍ମବିଶ୍ୱାସ ବଳରେ ଗାନ୍ଧିଜୀଙ୍କ ପରିକଳ୍ପିତ ଗ୍ରାମସ୍ୱରାଜର ସ୍ୱପ୍ନକୁ ସାକାର କରିବାକୁ ସମସ୍ତେ ସହଯୋଗର ହାତ ବଢ଼ାଇବେ ବୋଲି ଆମେ ଆଶାବାଦୀ।



# ୧୯୯୩ରୁ ପାଳନ

୧୯୯୨ ଏପ୍ରିଲ ୨୪ରେ ସମ୍ବିଧାନର ୭୩ତମ ସଂଶୋଧନ କ୍ରମେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେଲା। ୧୯୯୩ ମସିହାରୁ ଏପ୍ରିଲ ୨୪କୁ 'ଜାତୀୟ ପଞ୍ଚାୟତିରାଜ ଦିବସ' ରୂପେ ପାଳନ କରାଯାଇଆସୁଛି। ସୂଚନାଯୋଗ୍ୟ, ଆମ ଦେଶରେ ପ୍ରଥମ ରାଜ୍ୟ ଭାବେ ରାଜସ୍ଥାନ ସରକାର ୧୯୫୩ରେ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ। ୧୯୫୭ରେ ଏମ୍‌ପି ବଳବନ୍ତରାଓ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଆଧାରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହେଲା। ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ୧୯୫୯ ଅକ୍ଟୋବର ୨ରେ ରାଜସ୍ଥାନର ନାଗୌରଠାରେ ଉଦ୍‌ଘାଟିତ ହୋଇଥିଲା।

# ବ୍ୟବସ୍ଥା ସମ୍ପର୍କରେ...

ରାଜ୍ୟରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସମ୍ପର୍କରେ ଏମାନେ ଯାହା କୁହନ୍ତି...

### ସ୍ୱଚ୍ଛତା ରହିଲେ ସୁଫଳ ମିଳିବ

ପଞ୍ଚାୟତିରାଜ ଦିବସର ଲକ୍ଷ୍ୟ କିଛିକାଂଶରେ ଓଡ଼ିଶାରେ ସଫଳ ହୋଇଛି। ଯେଉଁ ଲକ୍ଷ୍ୟ ନେଇ ଏହି ଦିବସର ସୃଷ୍ଟି ସେଥିରେ ସ୍ୱଚ୍ଛତା ରହିଲେ ଲୋକେ ଏହାର ସୁଫଳ ପାଇବେ ବୋଲି ମୋର ଆଶା।

**– ନଳୀନ କୁମାର ପଟ୍ଟନାୟକ, ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ବ୍ରହ୍ମପୁର ଉପଖଣ୍ଡ**

### ଲକ୍ଷ୍ୟ ହାସଲ ସେଭଳି ହୋଇପାରିନାହିଁ

ପଞ୍ଚାୟତିରାଜ ଦିବସ ଯେଉଁ ଲକ୍ଷ୍ୟ ନେଇ ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ସେଭଳି ସଫଳ ହୋଇପାରିନାହିଁ। ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟମାନଙ୍କୁ ସଂଶ୍ଳିଷ୍ଟ କରାଗଲେ ଏହା ପୂର୍ଣ୍ଣମାତ୍ରାରେ ସଫଳ ହେବ।

**– ରାଜେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ,ବ୍ରହ୍ମପୁର**




ରାୟଗଡ଼ା ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ଅନ୍ୟମାନେ।

# ଏପ୍ରିଲ ୨୪ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ

**ଆମ ରାଜ୍ୟରେ ପଞ୍ଚାୟତିରାଜ ଦିବସ ୧୯୯୩ ମସିହାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିଲା। ମାତ୍ର ଚଳିତବର୍ଷ ରାଜ୍ୟ ସରକାର ଏହି ଦିବସକୁ ମାର୍ଚ୍ଚ ୫ ବଦଳରେ ଏପ୍ରିଲ ୨୪ ଜାତୀୟ ପଞ୍ଚାୟତିରାଜ ଦିବସ ସହ ପାଳନ ଲାଗି ନିଷ୍ପତ୍ତି ନେଇଛନ୍ତି। ଫଳରେ ପ୍ରଥମଥର ଲାଗି ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ପାଳନ ହେଉଛି। ଏ ସମ୍ପର୍କରେ ରାଜ୍ୟର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମତାମତକୁ ନେଇ ଉପସ୍ଥାପନ..**

### ରାଜ୍ୟ ସରକାର ନିଜ ଦାୟିତ୍ୱ ତୁଲାଇଛନ୍ତି



ରାଷ୍ଟ୍ରୀୟସ୍ତରରେ ପଞ୍ଚାୟତିରାଜ ଦିବସ ପାଳନ ନେଇ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଓଡିଶା ସରକାର ନିଜର ଦାୟିତ୍ୱ ତୁଲାଇଛନ୍ତି। ଏପ୍ରିଲ ୨୪ରେ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ପାଳନ କରିବେ। ଏହାକୁ ମାର୍ଚ୍ଚ ୫ରେ ପାଳନ କରି ବିଜେଡି ନିଜର ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କରୁଥିଲା। ସମ୍ବିଧାନର ପାଳନ ନ କରି ଆମେ କଣ ସ୍ୱାଧୀନତା ଦିବସ କିମ୍ବା ଗଣତନ୍ତ୍ର ଦିବସ ପାଳନର ତାରିଖ ପରିବର୍ତ୍ତନ କରିଦେଇପାରିବା। ଏହା ଗତ ବିଜେଡି ସରକାରର ଉଦ୍ଭଟ ଚିନ୍ତାଧାରା ଥିଲା। ଓଡିଶା ସରକାର ମଧ୍ୟ ଏବେ ଭାରତ ସରକାରଙ୍କ ନିଷ୍ପତ୍ତି ସହିତ ଚାଲିବ। ଏହା ରାଜ୍ୟ ସରକାରଙ୍କ କୌଣସି ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟକ୍ରମ ନୁହେଁ ବରଂ ବିଜେଡି ସରକାର ସମୟରେ କରାଯାଇଥିବା ଭୁଲ୍‌ର ସଂଶୋଧନ।

**–ଯତୀନ ମହାନ୍ତି, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ**

### ବରପୁତ୍ରଙ୍କୁ ସରକାର ଅସମ୍ମାନିତ କରୁଛନ୍ତି



ରାଜ୍ୟ ସରକାର 'ଜାତୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ-୨୪'କୁ ରାଜ୍ୟସ୍ତରରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ଯାଉଛନ୍ତି। ଏଥିରୁ ଭାଜପା ସରକାର ବରପୁତ୍ରମାନଙ୍କୁ କିଭଳି ଅସମ୍ମାନ କରୁଛନ୍ତି ତାହା ସ୍ପଷ୍ଟ ହେଉଛି। ମାର୍ଚ୍ଚ ୫ରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସହ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ଉକ୍ତ ଦିନ ସରକାରୀ ଛୁଟି ହେଉଥିଲା। ଚଳିତ ବର୍ଷ କ୍ୟାଲେଣ୍ଡରରେ ରାଜ୍ୟ ସରକାର ଏହାକୁ ମଧ୍ୟ ଦର୍ଶାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହାକୁ ଏପ୍ରିଲ ୨୪କୁ ଘୁଞ୍ଚାଇ ବିଜୁବାବୁଙ୍କୁ ଅସମ୍ମାନିତ କରାଯାଇଛି। ରାଜ୍ୟର ଭାଜପା ସରକାର କେବଳ ବିଜୁଙ୍କୁ ଅସମ୍ମାନିତ କରିଛି ତାହା ନୁହେଁ, ପଣ୍ଡିତ ଜବାହରଲାଲ୍ ନେହେରୁ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଭଳି ବହୁ ବରପୁତ୍ରଙ୍କୁ ମଧ୍ୟ ଅସମ୍ମାନିତ କରୁଛି ।

**– ସନ୍ତୋଷ ସିଂ ସାଲୁଜା, ପୂର୍ବତନ କଂଗ୍ରେସ ବିଧାୟକ**

### ନିଷ୍ପତ୍ତି ଦୁର୍ଭାଗ୍ୟଜନକ



ଓଡ଼ିଶାରେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ଯେତେବେଳେ ଏହା ପାଳନ ହେଉଥିଲା ସେତେବେଳେ ରାଜ୍ୟରେ ବିଜେଡି ସହିତ ଭାଜପାର ଭାଗିଦାରୀ ସରକାର ଥିଲା। ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନ ୧୯୯୩ରୁ ଆରମ୍ଭ ହୋଇଛି। ତେବେ ଏମାନେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଲାଗି ନେଇଥିବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଚଳିତ ଥର କ୍ୟାଲେଣ୍ଡର ମଧ୍ୟ ଛପା ସରିଥିଲା। ଶେଷ ସମୟରେ ଏମାନେ ଯେପରି ଏହାକୁ ବନ୍ଦ କଲେ ଏଥିରୁ ସ୍ପଷ୍ଟ ବୁଝାପଡୁଛି ଏହା ଉଦ୍ଦେଶ୍ୟ ପ୍ରଣୋଦିତ ।

**– ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ନେତା ତଥା ବିରୋଧୀ ଦଳ ଉପନେତା**

### ଲୋକଙ୍କ ମଧ୍ୟରେ ଜାତୀୟତା ଭାବ ଦେଖିବାକୁ ମିଳିବ



ଦେଶରେ ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହେଉଥିବାବେଳେ ଓଡ଼ିଶାରେ କିନ୍ତୁ ମାର୍ଚ୍ଚ ୫ରେ ଏହି ଦିବସ ପାଳନ ହେଉଥିଲା, ଯାହାକି ଟିକେ ଅଲଗା ଲାଗୁଥିଲା। କାରଣ ରାଜ୍ୟ ଓ ଦେଶର ପାଳନ ତାରିଖ ସମାନ ନ ଥିଲା। ହେଲେ ଏଥର ରାଜ୍ୟରେ ଭାଜପା ସରକାର ଆସିବା ପରେ ଜାତୀୟ ପଞ୍ଚାୟତିରାଜ ଦିବସ ଦିନ ହିଁ ଓଡ଼ିଶାରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବ। ଏହା ଦ୍ୱାରା ଲୋକଙ୍କ ମଧ୍ୟରେ ଜାତୀୟତା ତଥା ଏକତ୍ୱ ଭାବ ଦେଖିବାକୁ ମିଳିବ। ଏହା ଏକ ଉତ୍ତମ ପଦକ୍ଷେପ, ଆମେ ଏହାକୁ ସ୍ୱାଗତ କରୁଛୁ। ଏହି ଦିବସକୁ ମହାସମାରୋହରେ ପାଳନ କରିବୁ।

**– ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ, କଳାହାଣ୍ଡି**

### କୌଣସି ଅସୁବିଧା ହେବନାହିଁ



ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ୭୩ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୩ରେ ପାରିତ ହୋଇଛି । ୧୭ଟି ରାଜ୍ୟ ବିଧାନସଭାରେ ଏହା ମଧ୍ୟ ଗୃହୀତ ହୋଇଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ । ତେବେ ରାଜ୍ୟରେ ବିଜେଡି ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରୁଥିଲେ। ସରକାର ବଦଳିବା ପରେ ଭାଜପା ସରକାର ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ନୁହେଁ, ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରିବାକୁ ଯାଉଛନ୍ତି । ଏଥିରେ କିଛି ଅସୁବିଧା ହେବ ନାହିଁ ବୋଲି ମୁଁ ଅନୁଭବ କରୁଛି ।

**–କୈଳାସ ବାଣ୍ଟ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ,ନୟାଗଡ଼**

### ୟୁନିଟି ଓ ଇନ୍‌ଫରମିଟି ବଜାୟ ରହିବ



ପଞ୍ଚାୟତରାଜ ଦିବସ ସାରା ଭାରତ ବର୍ଷରେ ପାଳନ ହେଉଛି । ରାଜ୍ୟରେ ପୂର୍ବ ସରକାରଙ୍କ ଅମଳରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସରେ ଏହା ପାଳନ ହେଉଥିଲା। ଏହା ଏକ ସ୍ୱୟଂଶାସିତ, ଆଇନଗତ ଓ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ରହିଛି । ଏହି ଦିବସ ସ୍ୱତନ୍ତ୍ର ଭାବେ ଏବଂ ମିଳିତ ଭାବେ କେନ୍ଦ୍ର ଓ ରାଜ୍ୟ ଗୋଟିଏ ଦିନରେ ପାଳନ କରୁଥିବାରୁ ଏଥିରେ ୟୁନିଟି ଓ ଇନ୍‌ଫରମିଟି ବଜାୟ ରହିବ ।

**–ଶ୍ରୀକାନ୍ତ ବେହେରା, ସାମାଜିକର୍ମୀ, ଢେଙ୍କାନାଳ**

### ଆଉ ଭିନ୍ନତା ରହିବ ନାହିଁ



ଜାତୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ଆମ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫ରେ ଏହି ଦିବସ ପାଳନ କରାଯାଉଥିଲା। ଯାହା ଦ୍ୱାରା ଜାତୀୟ ଏକତା ଭିତରେ ଓଡ଼ିଶାରେ ଏକ ଭିନ୍ନତା ପରିଲକ୍ଷିତ ହେଉଥିଲା। ଚଳିତ ବର୍ଷ ସମଗ୍ର ଭାରତ ବର୍ଷରେ ଏହି ଦିବସ ପାଳନ ହେଉଥିବାରୁ ଆଉ ଭିନ୍ନତା ରହିବ ନାହିଁ।

**–ପ୍ରବୋଧ କୁମାର ଭୂୟାଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବେଲପାଳ,ବଡ଼ସାହି, ମୟୂରଭଞ୍ଜ।**

### ବରପୁତ୍ରଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଛି



ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଗଠନ ପରେ ସରକାରର ଅହଂ ମନୋଭାବ ଜାତ ହୋଇଛି । ଯାହାଫଳରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ହେଉଥିବା ପଞ୍ଚାୟତିରାଜ ଦିବସର ତାରିଖ ପରିବର୍ତ୍ତନ କରାଯାଇଛି । ଏହା ଓଡିଆ ବରପୁତ୍ର ଭାବେ ପରିଚିତ ବିଜୁ ପଟ୍ଟନାୟକଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଛି। ତତ୍‌ସହିତ ଓଡିଆ ଓ ବିଜୁପ୍ରେମୀଙ୍କ ପ୍ରତି ଭାଜପା ସରକାରର ଏହା ଏକ ଛଳନା ।

**–ହରପ୍ରସାଦ ହେପ୍ରୃକା, ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ**

### ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ରହିଛି



ଚଳିତ ବର୍ଷ ନୂତନ ସରକାର ମାର୍ଚ୍ଚ ୫ତାରିଖ ପରିବର୍ତ୍ତେ ଏପ୍ରିଲ ୨୪ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଜୁ ପଟ୍ଟନାୟକଙ୍କ ଓଡ଼ିଶା ପ୍ରତି ଅବଦାନ ରହିଥିଲେ ମଧ୍ୟ ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଗୁରୁତ୍ୱ ରହିଛି। ଏକ ସଂଘୀୟ ରାଷ୍ଟ୍ରରେ ଦେଶର ଏକତା, ଅଖଣ୍ଡତା, ସଂହତି ବିଶେଷ ମହତ୍ୱ ରହିଛି। ପୂର୍ବ ସରକାର ଏକ ସଂକୀର୍ଣ୍ଣ ମନୋଭାବ ନେଇ ଏହାର ମହତ ଉଦ୍ଦେଶ୍ୟକୁ ଚାପି ରଖିଥିଲେ।

**–ଦେବବ୍ରତ ଆଚାର୍ଯ୍ୟ, ସାମାଜିକ କର୍ମୀ, ଖୋର୍ଦ୍ଧା**

### ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ



ଚଳିତବର୍ଷ ନୂତନ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪କୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେନ୍ଦ୍ର ଓ ରାଜ୍ୟ ସ୍ତରରେ ଗୋଟିଏ ଦିନରେ ଏହା ପାଳନ କରାଯିବ। ଏହାଦ୍ୱାରା ସଂଘୀୟ ବ୍ୟବସ୍ଥାରେ ପଞ୍ଚାୟତିରାଜ ଯୋଜନା କାର୍ଯ୍ୟକାରିତାର ସଫଳ ରୂପାୟନ ହୋଇପାରିବ ବୋଲି ଆଶା କରାଯାଉଛି।

**– ଡ. ବଦ୍ରି ମିଶ୍ର, ରାଜ୍ୟ ସଭାପତି, ଓଡ଼ିଶା ଯୁବ ଚେତନା ସଙ୍ଗଠନ, ପୁରୀ**

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୪/୨୦୨୫ | Bhubaneswar, Thursday, April 24/2025 | ପୃଷ୍ଠା-୧



### ହମ୍ପିଙ୍କୁ ସ୍ୱର୍ଣ୍ଣ ପଦକ

ପୁଣେରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟର ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୮

### ଶାହାବାନୋଙ୍କ ଭୂମିକାରେ ୟାମୀ

ଖୁବ୍‌ଶୀଘ୍ର ସୁପର୍ନ ଏସ୍ ବର୍ମାଙ୍କ ନିର୍ଦ୍ଦେଶିତ ଏକ ଫିଲ୍ମରେ ଅଭିନେତ୍ରୀ ୟାମୀ ଗୌତମ ଧର୍‌ଙ୍କୁ ଶାହାବାନୋଙ୍କ ଭୂମିକାରେ ଦେଖିବାକୁ ମିଳିବ।



# ସୁରକ୍ଷା ବିଫଳତାରୁ ପହଲଗାମ୍ ଆକ୍ରମଣ

**କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ଅନ୍ତର୍ଗତ ପ୍ରମୁଖ ପର୍ଯ୍ୟଟନସ୍ଥଳ ବୈସରନ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ଅନେକ ଭାରତୀୟଙ୍କୁ ବିଚଳିତ କରିଛି। ଦେଶର ବିଭିନ୍ନ ସ୍ଥାନରେ ଶୋକ ଓ କ୍ରୋଧ ପ୍ରକାଶ ପାଇବା ସହ ପାକିସ୍ତାନୀ ଆତଙ୍କବାଦୀଙ୍କ ଉପରେ ପ୍ରତିଶୋଧ ନେବାକୁ ଦାବି ଉଠିଛି। ଜାତୀୟ ଗଣମାଧ୍ୟମଗୁଡ଼ିକରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରମଣ ସଂକ୍ରାନ୍ତରେ ପୂର୍ବରୁ ଗୋଇନ୍ଦା ସୂଚନା ଥିବା ସତ୍ତ୍ୱେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ବୈସରନ୍‌ରେ ମଙ୍ଗଳବାର ୨ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଥିଲେ ମଧ୍ୟ ସୁରକ୍ଷା କର୍ମଚାରୀ ମୁତୟନ ନ ହେବା କେନ୍ଦ୍ର ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ମତ ପ୍ରକାଶ ପାଇଛି। ଏଥିଯୋଗୁ ଏତେ ବଡ଼ ଆକ୍ରମଣ ଘଟାଇବାରେ ଆତଙ୍କବାଦୀ ସଫଳ ହେଲେ ବୋଲି ବିରୋଧୀ କହିବା ସହ ଏଥିପାଇଁ ସୁରକ୍ଷା ବିଫଳତାକୁ ଦାୟୀ କରିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସିଙ୍କ ଭଳି କେତେଜଣ ନେତା କେନ୍ଦ୍ରର ଗୋଇନ୍ଦା ବିଫଳତାକୁ ଦାୟୀ କରିବା ସହ ଆଗକୁ ଯେପରି ଏଭଳି ଆକ୍ରମଣର ପୁନରାବୃତ୍ତି ନ ଘଟିବ, ସେଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଆକ୍ରମଣ କେବଳ ପର୍ଯ୍ୟଟକଙ୍କ ଉପରେ ହୋଇନାହିଁ, ବରଂ କଶ୍ମୀରବାସୀଙ୍କ ଉପରେ ଏକ ବୃହତ୍ ଆର୍ଥିକ ମାଡ଼ ବୋଲି ବିବେଚନା କରାଯାଉଛି। କାରଣ ଉପତ୍ୟକାରେ ଦୀର୍ଘ ସମୟ ଧରି ଆତଙ୍କବାଦୀଙ୍କ ହିଂସା ଓ ବର୍ବରତା ଦେଖି ଆସିଥିବା କଶ୍ମୀରବାସୀ କିଛିବର୍ଷ ହେଲା ମୁଖ୍ୟତଃ ପର୍ଯ୍ୟଟନକୁ ଭିତ୍ତିକରି ରୋଜଗାର ପାଉଥିଲେ। ସ୍ଥିତିରେ କ୍ରମଶଃ ସୁଧାର ଆସୁଥିବାବେଳେ ଉପତ୍ୟକାବାସୀ ଅଣ୍ଟା ସଳଖି ପର୍ଯ୍ୟଟନଭିତ୍ତିକ ବ୍ୟବସାୟରେ ନିୟୋଜିତ ହୋଇଛନ୍ତି। ଏଭଳି ସମୟରେ ଆତଙ୍କବାଦୀ ୨୬ ପର୍ଯ୍ୟଟକଙ୍କୁ ହତ୍ୟାକରି ଜମ୍ମୁ-କଶ୍ମୀରର ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିବା ଅନେକେ କହିଲେଣି। ଏଥିପାଇଁ କଶ୍ମୀରବାସୀ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରି ବୁଧବାର ସ୍ୱତଃପ୍ରବୃତ୍ତ ବନ୍ଦ ପାଳନ କରିଛନ୍ତି।**

**ନୂଆଦିଲ୍ଲୀ/ପହଲଗାମ୍,୨୩।୪**

ସୂତ୍ରରୁ ଜଣାପଡ଼ିଛି ଯେ, ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ବୈସରନ୍ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ହୋଇପାରେ ବୋଲି ପୂର୍ବରୁ ଗୋଇନ୍ଦା ସୂଚନା ମିଳିଥିଲା। ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)ର ଏକ ଜଣେ ଆତଙ୍କବାଦୀ ଏହି ଆକ୍ରମଣର ସଙ୍କେତ ଦେଇଥିଲେ। କିନ୍ତୁ ସୁରକ୍ଷା ସଂସ୍ଥାଗୁଡ଼ିକ ଏହା ଉପରେ ତତ୍ପରତା ପ୍ରକାଶ ନ କରିବାରୁ ଏତେବଡ଼ ଆକ୍ରମଣ ଘଟିଗଲା, ଯହିଁରେ ୨୬ ନିରୀହ ପର୍ଯ୍ୟଟକଙ୍କ ଜୀବନ ଚାଲିଗଲା ବୋଲି କୁହାଯାଉଛି।

ପିଓକେ ଏବଂ ପାକିସ୍ତାନରେ ଥିବା ଅନ୍ତର୍ଜାତୀୟ ହ୍ୟାଣ୍ଡଲରମାନେ କିଛିଦିନ ତଳେ ଏହି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ସେମାନେ ହିଁ ଆତଙ୍କବାଦୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହି କାଣ୍ଡ ଭିଆଇବାକୁ। ଏହି ଆକ୍ରମଣରେ ନିୟୋଜିତ ଆତଙ୍କବାଦୀମାନଙ୍କୁ ବନ୍ଧୁକ ଚଳାଇବା ତାଲିମ ପ୍ରଦାନ ସହ କେଉଁ ପଥ ଦେଇ ଅନୁପ୍ରବେଶ କଲେ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରିହେବ ସେନେଇ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇଥିଲା। ଏପରିକି କେଉଁ ସମୟରେ ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହେ ଏବଂ ଅଧିକରୁ ଅଧିକ ଲୋକଙ୍କ ହତ୍ୟା କରାଯାଇପାରି ତାହା ମଧ୍ୟ ଆତଙ୍କବାଦୀଙ୍କୁ ଜଣାଇ ଦିଆଯାଇଥିଲା। ତଦନୁସାରେ ଆତଙ୍କବାଦୀମାନେ ଭାରତୀୟ ସୈନ୍ୟଙ୍କ ଭଳି ପୋଷାକ ପିନ୍ଧିଥିଲେ। ସେମାନେ କ୍ୟାମେରା ସଂଲଗ୍ନ ହେଲ୍‌ମେଟ୍ ପିନ୍ଧିଥିଲେ। ଉକ୍ତ କ୍ୟାମେରାରେ ଗୁଳିକରି ଗଣହତ୍ୟା କରାଯିବାର ସମ୍ପୂର୍ଣ୍ଣ ଦୃଶ୍ୟ କଏଦ୍ ହୋଇଥିଲା, ଯାହାର ସିଧା ପ୍ରସାରଣ ଆତଙ୍କବାଦୀଙ୍କ ହ୍ୟାଣ୍ଡଲରମାନଙ୍କ ନିକଟକୁ ଯାଇଥିଲା ବୋଲି କୁହାଯାଉଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) କମାଣ୍ଡର ସଇଫୁଲ୍ଲା କସୁରି ଓରଫ୍ ଖାଲିଦଙ୍କୁ ଏହି ଗଣହତ୍ୟାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ପାକିସ୍ତାନର ଗୁଜରନ୍‌ୱାଲାରେ ରହୁଥିବା ଖାଲିଦ୍ ହେଉଛନ୍ତି ଆତଙ୍କବାଦୀ ହାଫିଜ୍ ସଇଦଙ୍କ ସମ୍ପର୍କୀୟ।




ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ କଶ୍ମୀରର ଶ୍ରୀନଗରରେ ବୁଧବାର ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ କରାଯାଇଛି।

## କଶ୍ମୀରୀଙ୍କ ଉପରେ ଆର୍ଥିକ ମାଡ଼

ଜମ୍ମୁ-କଶ୍ମୀରର ମୋଟ ଘରୋଇ ଉତ୍ପାଦ (ଜିଡିପି) ପ୍ରତି ଏହି କେନ୍ଦ୍ରଶାସିତ ଅଞ୍ଚଳ ପର୍ଯ୍ୟଟନ ଶିଳ୍ପର ଅବଦାନ ହେଉଛି ୭ରୁ ୮%। ୨୦୧୯-୨୦ରେ ଏହା -୦.୯୯% ଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷ ପରଠୁ କ୍ରମଶଃ ସ୍ଥିତିରେ ସୁଧାର ଆସି ଏସ୍‌ଜିଡିପି ବୃଦ୍ଧିପାଇବାରେ ଲାଗିଛି। ୨୦୨୪-୨୫ ଆର୍ଥିକବର୍ଷରେ ଏସ୍‌ଜିଡିପି ୭.୦୬% ଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ୨୦୨୫-୨୬ରେ ଏହା ୯.୫%ରେ ପହଞ୍ଚିବା ନେଇ ଆକଳନ



ସୟଦ୍ ଆଦିଲ ହୁସେନ୍ ଶାହା

କରାଯାଇଛି। ଏଥିପାଇଁ ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠୁ ନିଆଯାଉଥିବା ଭିତ୍ତିଭୂମି ବିକାଶ ଓ ଅନ୍ୟ ପଦକ୍ଷେପଗୁଡ଼ିକୁ ଶ୍ରେୟ ଦିଆଯାଉଛି। ପ୍ରାକୃତିକ ଶୋଭାରାଜି ଓ ସାଂସ୍କୃତିକ ଐତିହ୍ୟରେ ପରିପୂର୍ଣ୍ଣ କଶ୍ମୀରରେ ଅନେକ ପର୍ଯ୍ୟଟନସ୍ଥଳ ରହିଛି। ସେହି ଟୁରିଷ୍ଟ ସ୍ପଟ୍‌ଗୁଡ଼ିକରେ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଗାଇଡ୍ ହେବାଠାରୁ ନେଇ ବିଭିନ୍ନ ସାମଗ୍ରୀ ବିକ୍ରି କରିଥାଆନ୍ତି। ପର୍ଯ୍ୟଟନଭିତ୍ତିକ ରୋଜଗାରର ମୂଲ୍ୟବୋଧକୁ ବୁଝି ପହଲଗାମ୍‌ର ମୁସଲିମ୍ ଯୁବକ ସୟଦ୍ ଆଦିଲ ହୁସେନ୍ ଶାହା ପର୍ଯ୍ୟଟକଙ୍କୁ ସାହାଯ୍ୟ କରୁଥିଲେ। ସେ ଘୋଡ଼ାରେ ବସାଇ ଲୋକଙ୍କୁ ନେବାଆଣିବା କରୁଥିଲେ। ମଙ୍ଗଳବାର ଆଦିଲ୍ ପର୍ଯ୍ୟଟକମାନଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବାବେଳେ ଆତଙ୍କବାଦୀମାନେ ତାଙ୍କୁ ମଧ୍ୟ ଗୁଳିକରି ହତ୍ୟା କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଆଦିଲ୍‌ଙ୍କୁ ପ୍ରଶଂସା କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ପରିବାର ଲୋକଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ରାଜ୍ୟରେ ହେବ ନୂଆ ୨୦ ଏନ୍‌ଏସି: ମନ୍ତ୍ରୀ

ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର):. ରାଜ୍ୟରେ ଅଧିକ ୨୦ଟି ନୂଆ ଏନ୍‌ଏସି ଗଠନ ହେବ। ଏନେଇ ପ୍ରକ୍ରିୟାକୁ ତ୍ୱରିତ କରାଯାଇଛି। ଜିଲାପାଳମାନେ ଦେଇଥିବା ରିପୋର୍ଟକୁ ଏବେ ପଞ୍ଚାୟତିରାଜ ବିଭାଗକୁ ପଠେଇ ଦିଆଯାଇଛି। ସେମାନେ ତର୍ଜମା କରି ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପରେ ତାହା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ। ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ ରାଜ୍ୟରେ ୨୦ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ବିଭିନ୍ନ ଅଞ୍ଚଳର ଦାବିକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜିଲାପାଳମାନଙ୍କୁ ଫିଜିବିଲିଟି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲା। ଜିଲାପାଳମାନେ ରିପୋର୍ଟ ପ୍ରଦାନ କରିବା ପରେ ତାହା ପଞ୍ଚାୟତିରାଜ ବିଭାଗକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଠାଇ ଦିଆଯାଇଛି। ରାଜ୍ୟରେ ବର୍ତ୍ତମାନ ଯେଉଁ ୧୭ ପ୍ରତିଶତ ସହରାଞ୍ଚଳ ରହିଛି ଆସନ୍ତା ୫ ବର୍ଷ ଭିତରେ ତାହା ୩୦ ପ୍ରତିଶତରେ ପହଞ୍ଚାଇବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ମ୍ୟୁନିସିପାଲଟି ମଧ୍ୟ ବୃଦ୍ଧି କରିବାକୁ ଯୋଜନା ଥିବା ମନ୍ତ୍ରୀ ମହାପାତ୍ର କହିଛନ୍ତି।

## ଆର୍‌ଆଇ, ଅମିନ ପ୍ରିଲିମ୍ ପରୀକ୍ଷାରେ ଶତପ୍ରତିଶତ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର,୨୩।୪(ସୁଚିସ୍ମିତା ସାହୁ)**

ଗତବର୍ଷ ରାଜସ୍ୱ ନିରୀକ୍ଷକ(ଆରଆଇ), ସହକାରୀ ନିରୀକ୍ଷକ(ଏଆର୍‌ଆଇ), ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଓ ଅମିନ ପଦ ପାଇଁ ପ୍ରାଥମିକ (ପ୍ରିଲିମ୍) ପରୀକ୍ଷା ଦେଇଥିବା ସମସ୍ତ ଚାକିରି ଆଶାୟୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ତେବେ ପ୍ରିଲିମ୍ ପରୀକ୍ଷାରେ କପିକରି ଧରାପଡ଼ିଥିବା ୯ଜଣ ମୁଖ୍ୟ (ମେନ୍) ପରୀକ୍ଷା ଦେଇପାରିବେ ନାହିଁ। ମୁଖ୍ୟ ପରୀକ୍ଷା ତାରିଖ ସଂକ୍ରାନ୍ତରେ ପରେ ସୂଚନା ଦିଆଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁସାରେ, ବିଜ୍ଞପ୍ତି ନମ୍ବର ୯୩୮/୨୯।୧୨।୨୦୨୩ ଅନୁସାରେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଉପରୋକ୍ତ ନିଯୁକ୍ତି ପାଇଁ ପ୍ରିଲିମ୍ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ବିଭିନ୍ନ ପ୍ରକାର ଦୁର୍ନୀତି ଓ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଥିଲେ ପରୀକ୍ଷାର୍ଥୀ। ଏନେଇ ପରୀକ୍ଷାର୍ଥୀଙ୍କ ସହ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା। ଏପରିକି ମାମଲା ଥାନା ଓ କୋର୍ଟକୁ ଯାଇଥିଲା। ରାଜ୍ୟ ସରକାର କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା, ପରୀକ୍ଷା କେନ୍ଦ୍ର ଚୟନରେ କେଳେଙ୍କାରୀ ଓ ନକଲି ସେଣ୍ଟର ମାଲିକ ଗିରଫ ଆଦିକୁ ପ୍ରସଙ୍ଗ କରି ଷ୍ଟୁଡେଣ୍ଟସ ଏଗ୍‌ନେଷ୍ଟ କରପ୍‌ଶନ ନେତୃତ୍ୱରେ ଆଶାୟୀମାନେ ଦୀର୍ଘ ମାସ ଧରି ଆନ୍ଦୋଳନ ଚଳାଇବା ସହ ପରୀକ୍ଷା ବାତିଲ ଦାବି କରିଥିଲେ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିଥିଲା। ନଭେମ୍ବର ୭ରେ ପରୀକ୍ଷାର୍ଥୀଙ୍କଠାରୁ ଅଭିଯୋଗ ଗ୍ରହଣ କରିବାକୁ ଏକ ପୋର୍ଟାଲ ଓଏସ୍‌ଏସ୍‌ଏସ୍‌ସି ମାଧ୍ୟମରେ ଖୋଲାଯାଇଥିଲା, ଯେଉଁଥିରେ ହଜାର ହଜାର ପରୀକ୍ଷାର୍ଥୀ ଏଭଳି ଅନେକ ଅଭିଯୋଗ ରଖିଥିଲେ। ଏସବୁ ଆଧାରରେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଏବେ ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ ଘୋଷଣା କରାଯାଇଥିବା କୁହାଯାଉଛି।

# ପାକ୍ ସହ କୂଟନୈତିକ ସମ୍ପର୍କ ଛିନ୍ନ

- ଭିଜା ରଦ୍ଦ, ଅଟ୍ଟାରୀ-ୱାଘା ସୀମା ବନ୍ଦ
- ଭାରତ ଛାଡ଼ିବାକୁ ପାକିସ୍ତାନୀଙ୍କୁ ନିର୍ଦ୍ଦେଶ
- ସିନ୍ଧୁ ଜଳ ଚୁକ୍ତି ବାତିଲକଲା ଭାରତ

**ନୂଆଦିଲ୍ଲୀ,୨୩।୪**

ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି ଭାରତ। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ରାତିରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତ- ପାକିସ୍ତାନର ଅଟ୍ଟାରୀ-ୱାଘା ସୀମାକୁ ଭାରତ ବନ୍ଦ କରିଦେଇଛି। ଭାରତରେ ଥିବା ସମସ୍ତ ପାକିସ୍ତାନୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ପାକିସ୍ତାନୀଙ୍କ ଭିଜାକୁ ରଦ୍ଦ କରିଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସରେ କର୍ମଚାରୀଙ୍କ ସଂଖ୍ୟା ୩୦କୁ ହ୍ରାସ କରାଯାଇଛି। କେବଳ ଏତିକି ନୁହେଁ, ବିଶ୍ୱବ୍ୟାଙ୍କ ମଧ୍ୟସ୍ଥତାରେ ୧୯୬୦ ସେପ୍ଟେମ୍ବର ୧୯ରେ ପାକିସ୍ତାନ ସହ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ମଧ୍ୟ ଭାରତ ସରକାର ବାତିଲ କରିଦେଇଛନ୍ତି। ଏହି ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ସ୍ଥିତି ଉପରେ ସମୀକ୍ଷା ସହ ସରକାରଙ୍କ ପକ୍ଷରୁ ଭବିଷ୍ୟତ ରଣନୀତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଏନ୍‌ଏସ୍‌ଏ ଅଜିତ୍ ଡୋଭାଲଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ୪୦ ଡିଗ୍ରୀ ଉପରେ ୧୬ ସହର

ଭୁବନେଶ୍ୱର,୨୩।୪(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ବୁଧବାର ୧୬ ସହରରେ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ବା ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡ଼ା ୪୫.୪ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ଟିଟିଲାଗଡ଼ରେ ୪୪ଡିଗ୍ରୀ, ସମ୍ବଲପୁର ଓ ବୌଦ୍ଧରେ ୪୩.୮, ବଲାଙ୍ଗୀରରେ ୪୩.୭, ସୁନ୍ଦରଗଡ଼, ହୀରାକୁଦ ଓ ତାଳଚେରରେ ୪୩.୪, ସୋନପୁରରେ ୪୩.୨ ଏବଂ ରାଉରକେଲାରେ ୪୨.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିଲା। ଗୁରୁବାର ମଧ୍ୟ ପ୍ରବଳ ଗ୍ରୀଷ୍ମ ଲହରି ଜାରି ରହିବ। ପଶ୍ଚିମ ଓଡ଼ିଶା ବିଶେଷକରି ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ରାତିରେ ଗୁଳୁଗୁଳି ନେଇ ସମ୍ବଲପୁର, ସୁନ୍ଦରଗଡ଼ ଓ ବଲାଙ୍ଗୀର ଜିଲାକୁ ସତର୍କ ସୂଚନା ଦିଆଯାଇଛି। ଅନ୍ୟପଟେ ନୂଆପଡ଼ା, ବରଗଡ଼, କଳାହାଣ୍ଡି, ଦେବଗଡ଼, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ଢେଙ୍କାନାଳ ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



ପରଲୋକଗତ ପୋପ୍ ଫ୍ରାନ୍ସିସ୍‌ଙ୍କ ସମ୍ମାନାର୍ଥେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ଅବସରରେ ଭୁବନେଶ୍ୱର ବିଧାନସୌଧ ନିକଟରେ ଥିବା ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। (ଫଟୋ-ବିକାଶ ନାୟକ)

## ଅଙ୍ଗନୱାଡ଼ି ସୁପରଭାଇଜର ପାଇଁ ସ୍ନାତକ ଜରୁରୀ

**୬ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ**

**ଭୁବନେଶ୍ୱର,୨୩।୪ (ରବିନାରାୟଣ ଜେନା)**

ଓଡ଼ିଶାକୁ ୨୦୩୬ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ କରିବା ଲକ୍ଷ୍ୟ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ ବିଭାଗର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶା ଶିଶୁ ଏବଂ ମହିଳା କଲ୍ୟାଣ ସେବା(ସଂଶୋଧନ) ନିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି। ଏହାଦ୍ୱାରା କନିଷ୍ଠ ବର୍ଗ ସେବା ପଦବୀରେ ଚୟନଭିତ୍ତିକ ନିଯୁକ୍ତି ପ୍ରଦାନ ଲାଗି ଏଣିକି ଜଣେ ଅଙ୍ଗନୱାଡ଼ି କର୍ମୀ ନିଶ୍ଚିତ ଭାବେ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ କିମ୍ବା ସମାନ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ସରକାରଙ୍କ ନିୟମ ଅନୁଯାୟୀ, ଯେତେବେଳେ ସୁପରଭାଇଜର ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରୁ ୫୦% ଚୟନଭିତ୍ତିକ ନିଯୁକ୍ତ ହେବେ ସେତେବେଳେ ସେମାନଙ୍କ ଯୋଗ୍ୟତା ଅଧିକ ଆବଶ୍ୟକ ହେଉଥିବାରୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ମାତ୍ର ବର୍ତ୍ତମାନ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମଚାରୀମାନେ ନୂତନ ମାନଦଣ୍ଡରୁ ମୁକ୍ତ ଅଛନ୍ତି। ସେମାନଙ୍କୁ ପଦୋନ୍ନତି ବେଳେ କୌଣସି ଅସୁବିଧା ହେବନାହିଁ। ସରକାରଙ୍କ ସଂଶୋଧିତ ନିଷ୍ପତ୍ତି ଦ୍ୱାରା ଶିଶୁ ଓ ମହିଳାଙ୍କ କଲ୍ୟାଣ ସାଧିତ ହୋଇପାରିବ। ଅଙ୍ଗନୱାଡ଼ି କର୍ମୀଙ୍କ ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି ହେବା ଯୋଗୁ ସେମାନେ ସୂଚନା ପ୍ରଯୁକ୍ତି ଓ ବିଜ୍ଞାନ ଉପରେ ଅଧିକ ପାରଙ୍ଗମ ହୋଇପାରିବେ। ଫଳରେ ଶିଶୁ ଓ ଗର୍ଭବତୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁପରିଚାଳନା କରିପାରିବେ। ସେ କହିଛନ୍ତି, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗଙ୍କ ବିକାଶ ଲାଗି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଓଡ଼ିଶା ମଙ୍ଗଳ ସେବା ଏବଂ ଓଡ଼ିଶା ଅଧସ୍ତନ ମଙ୍ଗଳ ସେବାର ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏଥିରେ ଉପରୋକ୍ତ ସମସ୍ତ ବର୍ଗଙ୍କ ପାଇଁ ବିଭିନ୍ନ ସ୍ତରରେ ୨୪ଟି ନୂତନ ପଦବୀ ସୃଷ୍ଟି କରାଯିବାକୁ ରହିଛି। କ୍ୟାଡର ପୁନର୍ଗଠନରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପାହ୍ୟାରେ ୨ଟି ପଦ ରହିବାକୁ ଥିବାବେଳେ ଉପନିର୍ଦ୍ଦେଶକ ପାହ୍ୟାରେ ୧୧, ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାରେ ୮ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପାହ୍ୟାରେ ୩ଟି ଅତିରିକ୍ତ ପଦବୀ ସୃଷ୍ଟିହେବ, ଯାହାଦ୍ୱାରା ଏହି ସମସ୍ତ ବର୍ଗ ବିଶେଷ ଭାବେ ଲାଭାନ୍ୱିତ ହୋଇପାରିବେ।

**ଆଜିର ସମ୍ପାଦକୀୟ**

ମୁଁ ଓ ମୋର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୩ତମ କଥା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୪ଟା ୩୦।
- ହିନ୍ଦୁସ୍ତାନୀ କ୍ଲାସିକାଲ ଭୋକାଲ ମ୍ୟୁଜିକ୍ ଇଭିନିଙ୍ଗ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିଗିରିଆ,
- ସମୟ: ୧୦ଟା।

## ଖୋର୍ଦ୍ଧା
- ଜାତୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ସିଧା ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଭୂଜାଖିଆ ପୀର ବାବାଙ୍କ ଉର୍ଷ ଦ୍ୱିତୀୟ ଦିବସ, ସ୍ଥାନ: ପୀର ବାବାଙ୍କ ଆସ୍ଥାନ, ସୁନହଟ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବାଲିଆପାଳରେ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୫ ଅନୁଷ୍ଠିତ, ସ୍ଥାନ: ବ୍ଲକ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଆୟୁଷ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତିରାଜ ଦିବସ, ସ୍ଥାନ: ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୟନଗର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱର୍ଗତ ମୁରଲୀଧର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଓ ମୁରଲୀ ମନୋହର ସ୍ମରଣିକା ଉନ୍ମୋଚନ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ରାଶନ କାର୍ଡ ବଣ୍ଟନ ଓ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଚରମ୍ପା ଅଗ୍ରସେନ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବାସୁଦେବପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଧୁସୁରୀ, ଧାମନଗର, ସମୟ: ଅପରାହ୍ନ ୫ଟା।
- ପାଲା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ନବାହ୍ନ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ହାଟଡିହୀ ବ୍ଲକ ପରିସର, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ଡିଆର୍‌କେ ସହିତ ମୟୂରଭଞ୍ଜ ୟେଲୋ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଛତ୍ରପୁର ଅନସ୍ଲୋ ଖେଳ ପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତରାଜ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଦିଗପହଣ୍ଡି ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ରାଜ ଦିବସ ପାଳନ, ସ୍ଥାନ: ବୁଗୁଡ଼ା ବ୍ଲକ ସଭାଗୃହଏ ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଆସିକା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମାଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ମଧ୍ୟାହ୍ନ ୧୨ ଟା।

## କନ୍ଧମାଳ
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ୭୩ ତମ ଜାତୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ଗଜପତି
- ଜିଲ୍ଲାସ୍ତରୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ
ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର
- ନୂତନ ରାଶନ କାର୍ଡ ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସକାଳ: ୧୦ ଘଟିକା।

## କେନ୍ଦ୍ରାପଡ଼ା
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜାତୀୟ ପଞ୍ଚାୟତରାଜ ଦିବସ ଉଦଘାଟନ,ସ୍ଥାନ : ଯାଜପୁର ବ୍ଲକ ପରିସର,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମା' ରତ୍ନମାଳା ଠାକୁରାଣୀଙ୍କ ପୀଠରେ ୨ୟ ଦିବସରେ ନାମ ଯଜ୍ଞ, ଘୃତ ଯଜ୍ଞ, ସ୍ଥାନ: ଚଢ଼ୟାପଲ୍ଲୀ ଚଣ୍ଡୀମଠ ଆଶ୍ରମ, ସମୟ: ସକାଳ ୮ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଗଣିଆ ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ରଣପୁର ବ୍ଲକ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ: ରାୟଗଡା ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ, ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସର, ଗୁଡ଼ାରି ନୂତନ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ, ସ୍ଥାନ:ଗୁଣପୁର ବ୍ଲକ ଅଫିସ ପରିସର, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର
- ଜାତୀୟ ପଞ୍ଚାୟତରାଜ ଦିବସ, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ମେଘମାଳା ତୋଟା, ଡାବୁଗାଁ ଶ୍ରୀନିବାସ କଲ୍ୟାଣ ମଣ୍ଡପ, ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ ଅଫିସ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତରାଜ ଦିବସ ପାଳିତ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- କବାଡି ଖେଳାଳିଙ୍କ ମା' ସମଲେଇଙ୍କ ଦର୍ଶନ ଓ ସହର ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ସମ୍ମୁଖ ରାସ୍ତା, ସମୟ : ସକାଳ ୭ଟା ୩୦।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ ଉଦ୍‌ଘାଟନ ଉତ୍ସବ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ : ଅପରାହ୍ନ ୫ଟା।

## ରାଉରକେଲା
- ଏଆଇଟିୟୁସି ପକ୍ଷରୁ ଧାରଣା ପ୍ରଦର୍ଶନ, ସ୍ଥାନ ସେକ୍ଟର-୫ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ ଆୟୁକ୍ତକାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ୧୧ଟା।
- ଛାତ୍ର କର୍ମଶାଳା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୧୦ଟା।

## ସୁନ୍ଦରଗଡ଼
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୧୦ଟା।

## ବରଗଡ଼
- ମନ୍ଦିର ପ୍ରତିଷ୍ଠା ମହୋତ୍ସବ କଳସଯାତ୍ରା, ସ୍ଥାନ: ଗୋଡଭଗା, ଅତାବିରା,ସମୟ:ସକାଳ ୭ଟା ୩୦।
- ଖାଦ୍ୟ ଆୟୋଗ ସଦସ୍ୟଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦ମିନିଟ।
- ଭୂତପୂର୍ବ ସୈନିକ ସଂଘର ମହମବତୀ ଶୋଭାଯାତ୍ରା,ସ୍ଥାନ: ଥାନା ଛକ, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବୌଦ୍ଧ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ଦେବଗଡ଼ କଲେଜ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଭର୍ତ୍ତୁଆଲରେ ଜାତୀୟ ପଞ୍ଚାୟତିରାଜ ଦିବସ, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ:ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ବୀରମହାରାଜପୁରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା ।
- ପ୍ରକାଶ ଲୁହାଙ୍କୁ ନ୍ୟାୟ ଦାବି ସହ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ମେଳଣ ପଡ଼ିଆ ଠାରୁ ବୀରମହାରାଜପୁର ଥାନା ପର୍ଯ୍ୟନ୍ତ, ସମୟ: ସକାଳ ୯ଟା ।

## ଝାରସୁଗୁଡ଼ା
- ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଜିଲା ଖଣିଜ ପ୍ରକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁ ସହସ୍ର ନାମ ପାଠ, ସ୍ଥାନ: ପରାମନପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ଓ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶ ଚନ୍ଦ୍ର ଯୋଗୁ ଗତକାଲିର ସ୍ଥିତି ବଦଳି ଯାଇଥିବାରୁ ମନ ହାଲୁକା ରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚି ବଢ଼ିବ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ଲାଭାଧିପ ରାଶିସ୍ଥ ହେତୁ ଅନ୍ୟମାନଙ୍କୁ ସହଜରେ ମନେଇ କାମ ହାସଲ କରିନେବେ। ବ୍ୟବସାୟିକ ସ୍ଥିତି ଭଲ ରହିବ ଏବଂ କୌଣସି ମୂଲ୍ୟବାନ୍ ଜିନିଷ ଖରିଦ କରିପାରନ୍ତି। ଭଲ ସମ୍ପର୍କ ନ ଥିବା ଲୋକଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିପାରେ। ଆଜି ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** କର୍ମସ୍ଥାନରେ ରାଜଯୋଗ କାରଣରୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ କାମଗୁଡ଼ିକ ଅପରାହ୍ନ ଯାଏ ଠିକ୍ ଚାଲିବ। ବନ୍ଧୁଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶଜନିତ କଳହର ସମ୍ମୁଖୀନ ହୋଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ କ୍ଷେତ୍ରରୁ ସମ୍ମାନ ମିଳିବ। ସଭାସମିତି, ଜମିଜମା ବିବାଦକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ରାଶ୍ୟାଧିପ ଦୁଃସ୍ଥାନରେ ଥିବାରୁ ସମସ୍ୟା ଘନଉଥିବାର ଅନୁଭବ କରିବେ। ଶତ୍ରୁତା କରୁଥିବା ଲୋକ ସାହାଯ୍ୟ ନ କଲେ ମଧ୍ୟ ବିରୋଧ କରିବେ ନାହିଁ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଯାନ୍ତ୍ରିକ ଜିନିଷ, ଜମିଜମା କ୍ରୟବିକ୍ରୟ, ଯାତ୍ରା, ବାଣିଜ୍ୟ ବ୍ୟବସା ପ୍ରଭୃତିରେ ଅସୁବିଧା ରହିବ ନାହିଁ।

**ସିଂହ** ଶୁକ୍ର ଅଷ୍ଟମସ୍ଥ ଯୋଗୁ ବନ୍ଧୁଙ୍କ ଖାପଛଡ଼ା କଥା ଓ ବିବାଦୀୟ ମନ୍ତବ୍ୟ ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇପାରେ। ବାଣିଜ୍ୟ ଓ ପରିବହନରେ ବାଧା ଉପୁଜିବା କାରଣରୁ କଳହର ସମ୍ଭାବନା ମଧ୍ୟ ରହିଛି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ରାଶି ପ୍ରତି ପାପଗ୍ରହଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ରହିଲେ ମଧ୍ୟ ସବୁ ସୁବିଧା ପାଇବେ ନାହିଁ। ଅଧୁରା କାମ ଓ ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ରହିଛି। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ପରିବହନ, ବାଣିଜ୍ୟ ଓ ଯାତ୍ରା ପାଇଁ ଅନୁକୂଳତା ପ୍ରାପ୍ତ ହେବ।

**ତୁଳା** କର୍ମାଧିପତି ଚନ୍ଦ୍ର କୋଣଭାବସ୍ଥ ହେତୁ ନୂଆ ଯୋଜନାକୁ ବାସ୍ତବ ରୂପ ଦେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ନିର୍ମାଣ ଯୋଗାଯୋଗ ଓ ଯାତ୍ରା ପ୍ରଭୃତି ପାଇଁ ଦିନଟି ଭଲ। ଆର୍ଥିକ ସ୍ଥିତି ମନ୍ଦ ହେବନି। ଜମିଜମା ସମସ୍ୟା ନିୟନ୍ତ୍ରଣାଧୀନ ରହିବ।

**ବିଛା** ଶନିଙ୍କ ସ୍ଥିତିଜନିତ ବିବାଦୀୟ ପରିସ୍ଥିତିର ମୁକାବିଲା କରି ସଫଳତା ହାସଲ କରିପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଗ୍ରହମାନଙ୍କ ଅନୁକୂଳ ସମ୍ପର୍କରୁ ଆଇନ ଅଦାଲତର ରାୟ ସପକ୍ଷରେ ଯିବାର ବହୁ ସମ୍ଭାବନା ରହିଛି। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ମଙ୍ଗଳ ଦୃଷ୍ଟିରେ ଚନ୍ଦ୍ର ଯୋଗୁ ମନପସନ୍ଦର କାମକୁ ପ୍ରାଥମିକତା ଦେଇ ନିଜ ଲୋକଙ୍କ ବିରାଗର କାରଣ ହେବେ। ଅଶୁଣା କଥା ଓ ଅଜଣାଲୋକଙ୍କ ଉପରେ ବିଶ୍ୱାସ କରି ହଇରାଣ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ବନ୍ଧୁ ପ୍ରସ୍ତାବରେ ଅଗ୍ରଗତି ଘଟିପାରେ। ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର** ବଳହୀନ ଚତୁର୍ଥେ। ସପ୍ତମସ୍ଥ ଯୋଗୁ ଅଯଥା ଖର୍ଚ୍ଚ, ବୃଥା ଭ୍ରମଣ, ବିରକ୍ତିପୂର୍ଣ୍ଣ ବ୍ୟବହାର ସମ୍ବନ୍ଧିତ ସମସ୍ୟାରେ ଚିନ୍ତିତ ରହିବେ। ଶୁଣା କଥାକୁ ସତ୍ୟ ମନେକରି ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତଭାବନା ସୃଷ୍ଟି ହେବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ।

**କୁମ୍ଭ** ରାଶିସ୍ଥ ଚନ୍ଦ୍ରଜନିତ ଅଭାବ ନ ଥିଲେ ମଧ୍ୟ ମନ ଅଶାନ୍ତ ରହିପାରେ। ନିଜର ଅଭିସନ୍ଧିମୂଳକ କଥାରେ ମିତ୍ରମାନେ ମଧ୍ୟ ଆକସ୍ମିକ ଭାବରେ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ, ରାଜନୈତିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** ଆଜି ଦ୍ୱାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ବାସ୍ତବତାକୁ ପରିହାର କରି କାଳ୍ପନିକତା ମାଧ୍ୟମରେ ଆନନ୍ଦ ଅନୁଭବ କରିପାରନ୍ତି। ସାହିତ୍ୟିକ, ସମାଲୋଚକ, ସଙ୍ଗୀତ ପ୍ରେମୀ, ଭାବୁକ ଓ ଗବେଷଣାକାରୀ ଲକ୍ଷ୍ୟସ୍ଥଳରେ ଉପନୀତ ହେବେ। ସକାଳୁ ଖୁସି ଖବରଟିଏ ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

ଆଜି ଏପ୍ରିଲ ୨୪ ତାରିଖ, ମାନବ ଏକତା ଦିବସ, ସର୍ବସମ୍ମତ ବରୁଥିନୀ ଏକାଦଶୀ ଗୁରୁବାର। ରାଶିନକ୍ଷତ୍ର- ଦିବା ଘ.୧୦।୪୭ ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ, ଗୃହପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠାଦି ସକାଶେ ଶୁଭଦିନ। ଦିବା ଘ. ୦୫।୨୫ ଗତେ ଘ.୦୭।୦୭ ମଧ୍ୟେ, ଘ.୧୦।୨୯ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୧୯ ଗତେ ଘ.୦୨।୫୪ ମଧ୍ୟେ ରାହୁ କାଳ।

## କୂଅ ସଫା ସମୟରେ ଶ୍ୱାସରୁଦ୍ଧହୋଇ ୨ଶ୍ରମିକଙ୍କ ମୃତ୍ୟୁ

ଚନ୍ଦ୍ରପୁର,୨୩।୪ (ବିଜୟ ପ୍ରସାଦ ଉଲାକା)-ପରିତ୍ୟକ୍ତ କୂଅ ସଫା କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ଅଧୀନ ବନ୍ଦିରୀ ଗ୍ରାମରେ ବୁଧବାର ସକାଳେ ଏଭଳି ଅଘଟଣ ଘଟିଛି। ମୃତକ ହେଲେ ବନ୍ଦିରୀର ପେପେ ଟାଙ୍ଗାରାଙ୍ଗା (୨୫) ଏବଂ ଚିତ୍ତରଞ୍ଜନ ଟାଙ୍ଗାରାଙ୍ଗା (୨୮)। ବନ୍ଦିରୀ ଅଙ୍ଗନୱାଡି କେନ୍ଦ୍ର ନିକଟ ସରକାରୀ କୂଅକୁ ସଫା କରିବାକୁ ଜଣେ ଶ୍ରମିକ ଭିତରକୁ ଯାଇଥିଲେ। କୌଣସି ଶବ୍ଦ ନ ହେବାରୁ ଆଉ ଜଣେ ଶ୍ରମିକ କୂଅ ଭିତରକୁ ଯାଇଥିଲେ। ତା'ପରେ ମଧ୍ୟ କୌଣସି ଶବ୍ଦ ନ ଆସିବାରୁ ଗ୍ରାମବାସୀ ଚନ୍ଦ୍ରପୁର ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଦମକଳ ବାହିନୀ ୨ ଶ୍ରମିକଙ୍କୁ ଉଦ୍ଧାରକରି ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବିଲକୁ ସଲଖେ ହଳ ଲଙ୍ଗଳ ଲୋ**
**ହିଡ଼କୁ ସଲଖେ କୋଡ଼ି**
**ଛଚିନ୍ଦ୍ରା ଫଳକୁ ଗୋଡ଼ି ସଲଖଇ**
**ଦୁଷ୍ଟକୁ ସଲଖେ ବାଡ଼ି।**

ହଳ ଲଙ୍ଗଳ ସାହାଯ୍ୟରେ ବିଲକୁ ସମତୁଲ କରାଯାଏ। କୋଡ଼ି ସାହାଯ୍ୟରେ ମାଟି ପକାଇ ହିଡ଼ ସିଧା କରାଯାଏ। ସେହିପରି ଛଚିନ୍ଦ୍ରାରେ ଗୋଡ଼ି ବାନ୍ଧି ତାକୁ ସିଧା କରାଯିବା ଭଳି ଦୁଷ୍ଟ ଲୋକଙ୍କୁ ମାଡ଼ରେ ଶାସନ କରାଯିବା ବା ବାଟକୁ ଆଣିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବ୍ରାହ୍ମଣ, ବୃଷଭ, ଅତିଥି, ଜ୍ଞାତି, ବନ୍ଧୁ**
**ପୂଜା ନୋହିଲେ ବଢାନ୍ତି କ୍ରୋଧସିନ୍ଧୁ।**

ବ୍ରାହ୍ମଣଙ୍କୁ ସତ୍କାର, ବୃଷଭକୁ ଖାଦ୍ୟ, ଅତିଥି ଦେବୋ ଭବ। ଅତିଥିଙ୍କୁ ଚର୍ଚ୍ଚା କରାଯିବା ଭଳି ଜ୍ଞାତିକୁଟୁମ୍ବ ବନ୍ଧୁଙ୍କୁ ଅଭ୍ୟର୍ଥନା ଦେଖାଇବାକୁ ପଡ଼ିଥାଏ ; ଅନ୍ୟଥା ସେମାନେ ଅସନ୍ତୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ରାଜ୍ୟ କ୍ୟାବିନେଟ୍

## ଇଥାନଲ ଉତ୍ପାଦନ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍‌ର ମୋହର


**ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)** ରାଜ୍ୟରେ ଇଥାନଲ ଉତ୍ପାଦନ କିଭଳି ବୃଦ୍ଧି ପାଇବ ସେନେଇ ଅବକାରୀ ବିଭାଗର ଏକ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁମୋଦନ ଦେଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାରତ ସରକାର ପେଟ୍ରୋଲରେ ୨୦ପ୍ରତିଶତ ଇଥାନଲ ମିଶାଇବାକୁ ଚାହୁଁଛନ୍ତି। ଏଥିପାଇଁ ରାଜ୍ୟରେ ଏହାର ଉତ୍ପାଦନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ନେଇ ଓଡ଼ିଶା ଅବକାରୀ ନିୟମ-୨୦୧୭ର ସଂଶୋଧିତ ରୁଲ୍ସ ୭୯ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି, ଯାହାଦ୍ୱାରା ଡିଷ୍ଟିଲେରି, ବଟ୍‌ଲିଂ ୟୁନିଟ୍ ଏବଂ ବ୍ରୁଅରି ପାଇଁ ଅତିରିକ୍ତ ଘଣ୍ଟା କାର୍ଯ୍ୟ ଶୁଳ୍କ ଛାଡ଼ କରାଯାଇଛି। ବର୍ତ୍ତମାନ ୮ ଘଣ୍ଟା କାର୍ଯ୍ୟ ପରେ ପ୍ରତି ଘଣ୍ଟା ପିଛା ଦେୟ ଦେବାକୁ ପଡୁଥିଲା ଏବଂ ଅନୁମତି ନେବାକୁ ମଧ୍ୟ ପଡୁଥିଲା। କ୍ୟାବିନେଟ୍‌ରେ ଏହି ସଂଶୋଧନ ପରେ ଆଉ ଦେୟ ଦେବାକୁ ପଡ଼ିବନାହିଁ କି ଅନୁମତି ନେବାକୁ ପଡ଼ିବନି। ଏହି ନିଷ୍ପତ୍ତି ଓଡ଼ିଶାରେ ବ୍ୟବସାୟ କରିବାର ସହଜତାକୁ ବୃଦ୍ଧି କରିବ। ଏହାଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାସହ ପୁଞ୍ଜି ନିବେଶ ଅଧିକ ହୋଇପାରିବ। ସେହିପରି ଓଡ଼ିଶା ନିମ୍ନ ଅବକାରୀ ସେବା(ଅବକାରୀ ସେବା କନ୍‌ଷ୍ଟେବଲ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ- ୨୦୨୫କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ବିଭାଗ ସେବା ପରିଚାଳନାରେ ଉନ୍ନତି ଅଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ସରକାର ଅବକାରୀ କନ୍‌ଷ୍ଟେବଲ କ୍ୟାଡରକୁ ଡିଭିଜନାଲରୁ ଜିଲାସ୍ତର କ୍ୟାଡରରେ ପରିଣତ କରିଛନ୍ତି। ଏହା କରିବା ପାଇଁ ଓଡ଼ିଶା ଲୋୟର ଏକ୍ସାଇଜ୍ ସେବା ନିୟମରେ ସଂଶୋଧନ କରାଯାଇଛି। ଏହି ପୁନର୍ଗଠନ ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସୁଗମ ଏବଂ ଏକ୍ସାଇଜ୍ କନ୍‌ଷ୍ଟେବଲଙ୍କ ପାଇଁ ଉତ୍ତମ ପରିଚାଳନାର ପ୍ରତିଶ୍ରୁତି ଦିଆଯାଇଛି।

## ଆନନ୍ଦପୁର ଜଳସେଚନ ପ୍ରକଳ୍ପ ପାଇଁ ୧୦୮ କୋଟିର ବ୍ୟବସ୍ଥା

**ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)** କେନ୍ଦୁଝର ଓ ବାଲେଶ୍ୱରରେ ଭୂତଳ ପାଇପ୍‌ଲାଇନ୍ ଜଳବଣ୍ଟନ ବ୍ୟବସ୍ଥା ଜରିଆରେ ଜଳସେଚନ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ୧୦୮ କୋଟି ଟଙ୍କାର ସମନ୍ୱିତ ଆନନ୍ଦପୁର ଜଳସେଚନ ପ୍ରକଳ୍ପକୁ ଅନୁମୋଦନ ଦେଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ୬୦ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବା ଲାଗି ସରକାରଙ୍କ ପକ୍ଷରୁ ୧୦୮ କୋଟି ଟଙ୍କାର ଏକ ସମନ୍ୱିତ ଜଳସେଚନ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ବୁଧବାର ଅନୁମୋଦନ ଦେଇଛି। ଏହି ପ୍ରକଳ୍ପର ଏକ ଅଂଶ କେନ୍ଦୁଝର ଜିଲାର ବୈତରଣୀ ବାମପାର୍ଶ୍ୱ କେନାଲର ଶୂନଠାରୁ ୨୮.୫୦ କିମି ମଧ୍ୟରେ ଥିବା ୨୨୨୧ ହେକ୍ଟର ଏବଂ ବୈତରଣୀ ଦକ୍ଷିଣପାର୍ଶ୍ୱ କେନାଲର ୯ କିମି ମଧ୍ୟରେ ଥିବା ୧୨୨୯ ହେକ୍ଟର ଚାଷଜମିରେ ଭୂତଳ ପାଇପ୍‌ଲାଇନ୍ ଜରିଆରେ ଜଳବଣ୍ଟନ ବ୍ୟବସ୍ଥା କରାଯିବ। ଏହାସହିତ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ଦ୍ୱାରା ସମୁଦାୟ ୩୪୫୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇହେବ। ଏହା ଇପିସି ଏବଂ ଟର୍ନକୀ ଆଧାରରେ ନିର୍ମାଣ ହେବ। ୧୮ ମାସ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସମାପ୍ତ କରାଯିବାକୁ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ କେନ୍ଦୁଝର ଜିଲାର ଆନନ୍ଦପୁର, ହାଟଡ଼ିହି ଓ ଘଷିପୁରା ବ୍ଲକର ଚାଷୀମାନେ ଉପକୃତ ହେବେ ଏବଂ ସ୍ଥାନୀୟ ଲୋକଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ସରକାର ଲକ୍ଷ୍ୟ ରଖିଥିବା ମନୋଜ କହିଥିଲେ।

## ଆମ୍ବୁଲାନ୍ସ ସେବା ପାଇଁ ୨୩୯୮କୋଟି ମଞ୍ଜୁର

**ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)** ରାଜ୍ୟରେ ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବାକୁ ତ୍ୱରାନ୍ୱିତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗର ୨୩୯୮.୪୫ କୋଟି ଟଙ୍କାର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ୨୦୧୩ ମାର୍ଚ୍ଚ ୫ରୁ ରାଜ୍ୟରେ ଆମ୍ବୁଲାନ୍ସ ସେବା-୧୦୮ ପ୍ରଚଳିତ ହୋଇଆସୁଛି। ରାଜ୍ୟରେ ବର୍ତ୍ତମାନ ୮୬୬ଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରେ ୪୧୧ଟି ଏଏଲ୍‌ଏସ୍ ଏବଂ ୪୪୯ଟି ବିଏଲ୍‌ଏସ୍ ଆମ୍ବୁଲାନ୍ସ ରହିଛି। ଏହି ଯୋଜନା ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ରହିଛି। ଏହା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୧-୧୨ ଲକ୍ଷ ଜରୁରୀ ରୋଗୀ(ଗର୍ଭବତୀ, ଶିଶୁ ସମେତ)ଙ୍କୁ ୨୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏକ ଘରୋଇ ସଂସ୍ଥା ଦ୍ୱାରା ଏହା ପରିଚାଳିତ ହେଉଛି, ଯାହାକୁ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ କରାଯାଇଛି। ଏହି ଯୋଜନାର କାର୍ଯ୍ୟକାରିତା ଲାଗି ୫ ବର୍ଷ ପାଇଁ ମୋଟ ୨୩୯୮.୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ପକ୍ଷରୁ ଅନୁମତି ମିଳିଛି।




# ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ଉପରେ ଗୁରୁତ୍ୱ


ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରିପରିଷଦ ବୈଠକ।

## ମନ୍ତ୍ରୀ ପରିଷଦର ସପ୍ତମ ବୈଠକ

## ୪ସ୍ଥାନରେ ହେବ ଆଞ୍ଚଳିକ କର୍ମଶାଳା

**ଭୁବନେଶ୍ୱର, ୨୩।୪(ସୁନିତ୍ ମିଶ୍ର)**

ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ। ସରକାର ଅଗଷ୍ଟ ୨୦୨୪ରୁ ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି, ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜର ଆଧାର। ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସ୍‌ଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବା ଏବଂ ଭାରତର ଜିଡିପିର ୫% ଅଂଶୀଦାର ହେବା ପାଇଁ ଓଡ଼ିଶା ଏ ପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାରକୁ ଅତିକ୍ରମ କରିଛି। ଆସନ୍ତା ୧୫ ଦିନ ଭିତରେ ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ଉପରେ ରାଜ୍ୟର ୪ଟି ସ୍ଥାନରେ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ କରାଯିବ। ଏହାସହ ବିଭିନ୍ନ ସ୍ତରରେ ଜନପ୍ରତିନିଧି, ଜନସାଧାରଣ, ନାଗରିକ ସମାଜ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ କରାଯାଇ ଏହି ଭିଜନ ଦସ୍ତାବିଜକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ମନ୍ତ୍ରୀ ପରିଷଦର ୭ମ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ଓ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଏହା ଆମ ପାଇଁ ଏକ ଆହ୍ୱାନ ଓ ସୁଯୋଗ। ସହଯୋଗୀ ପରିବେଶ, ସରକାରୀ ବେସରକାରୀ ନିବେଶ, କାର୍ଯ୍ୟାନ୍ୱୟନଜନିତ ସହାୟତା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସମନ୍ୱୟ ବ୍ୟବସ୍ଥା ସହ ଏହି ଲକ୍ଷ୍ୟ ହାସଲ ହୋଇପାରିବ। ୨୦୩୬ ସୁଦ୍ଧା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ୩୬ଟି ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ ସହ ରଣନୈତିକ ପଦକ୍ଷେପ ‘୩୬ ପାଇଁ ୩୬’ ଆରମ୍ଭକରି ଓଡ଼ିଶାର ଅଭିବୃଦ୍ଧି ପରିବର୍ତ୍ତନ ଯାତ୍ରାକୁ ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିବାକୁ ରପ୍ତାନୀ ଭିତ୍ତିକ ଉତ୍ପାଦନର ଆବଶ୍ୟକତା ଓ ବିଭିନ୍ନ ନିୟମାବଳୀର ଅନୁପାଳନ ଏବଂ ସରକାରୀ ନିୟନ୍ତ୍ରଣର ପ୍ରତିବନ୍ଧକ ହ୍ରାସ ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ପ୍ରଦାନ କରିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ୬ଟି ସଚିବସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସଦସ୍ୟମାନେ ଭିଜନ ଦସ୍ତାବିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ ‘୩୬ ପାଇଁ ୩୬’ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତାଗୁଡ଼ିକୁ ମିଳିତ ଭାବେ ଉପସ୍ଥାପନା କରିଛନ୍ତି। ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦେବାର ଆବଶ୍ୟକତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିବା ସହ ରାସ୍ତା, ରେଳପଥ, ବନ୍ଦର ଓ ବିମାନ ଯୋଗାଯୋଗ ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ରାଜ୍ୟରେ ୩ ନୂଆ ସିଭିଲ ଜଜ୍ କୋର୍ଟ ଗଠିତ

**ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)**

ରାଜ୍ୟରେ ୩ଟି ନୂଆ ସିଭିଲ ଜଜ୍ କୋର୍ଟ (ଜୁନିୟର ଡିଭିଜନ) ଗଠିତ ହୋଇଛି। ଏହି କୋର୍ଟଗୁଡ଼ିକ ବାଲେଶ୍ୱର ଜିଲାର ବାଲିଆପାଳ, ସୁନ୍ଦରଗଡ଼ ଜିଲାର ଲେଫ୍ରିପଡ଼ା, ସମ୍ବଲପୁର ଜିଲାର ରେଙ୍ଗାଲିଠାରେ ସ୍ଥାପନ କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରାମର୍ଶ ଅନୁଯାୟୀ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୩ଟି କୋର୍ଟ ଗଠନ ହେବା ପରେ ଏହିସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର(ଜୁରିସ୍‌ଡିକ୍ସନ) ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ ସିଭିଲ ଜଜ୍ କୋର୍ଟଗୁଡ଼ିକର ଅଧିକାର ସମାପ୍ତ ହୋଇଛି।

# ନିସ୍ତବ୍ଧ ଇଶାଣୀ ଗାଁ

- **ଆଜି ପ୍ରଶାନ୍ତଙ୍କ ପରିବାରକୁ ଭେଟିବେ ମୁଖ୍ୟମନ୍ତ୍ରୀ**
- **ଫୋନ୍‌ରେ ସମବେଦନା ଜଣାଇଲେ ନବୀନ**


ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ ମୃତ ପ୍ରଶାନ୍ତଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ବାଲେଶ୍ୱର, ୨୩।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅଧୀନ ଇଶାଣୀ ଗାଁ ଏବେ ନିସ୍ତବ୍ଧ। ସମସ୍ତେ ହତବାକ୍ ଓ ମ୍ରିୟମାଣ। ପ୍ରଶାନ୍ତଙ୍କ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଗାଁ ସମେତ ସମଗ୍ର ଜିଲାରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ। ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀ (୪୧)ଙ୍କ ମୃତ୍ୟୁକୁ ନେଇ ସବୁଠି ଗୋଟିଏ ଚର୍ଚ୍ଚା। ପରିବାର ଲୋକେ ଭୋକ ଉପାସରେ। କାନ୍ଦି କାନ୍ଦି ବୃଦ୍ଧା ମା’ ଏବେ ଶଯ୍ୟାଶାୟୀ। ଭାଇ, ଭାଉଜ, ଭଉଣୀ, ଭିଣୋଇ, ସାଙ୍ଗସାଥୀ, ବନ୍ଧୁବାନ୍ଧବ, ପଡ଼ୋଶୀ ଓ ଗ୍ରାମବାସୀଙ୍କ ଆଖିରେ ନିଦ ନାହିଁ। ସମସ୍ତେ କହୁଛନ୍ତି ସତରେ କ’ଣ ଆମ ପ୍ରଶାନ୍ତ ଆଉ ନାହିଁ। ଗାଁରେ ନିର୍ମାଣ ହେଉଥିବା ଏକ ଶିବ ମନ୍ଦିର ପାଇଁ କଶ୍ମୀରରୁ ଫେରିଲେ ସେ ଏକ ଶିବ ଲିଙ୍ଗ ଦେବେ ବୋଲି କହିଥିବା ପଡ଼ୋଶୀମାନେ କୋହଭରା କଣ୍ଠରେ କହିଛନ୍ତି।

ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜଙ୍କୁ ନେଇ ଜମ୍ମୁକଶ୍ମୀର ବୁଲିବା ପାଇଁ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ର ବୈସାରନ ଭ୍ୟାଲିରେ ରହିଥିଲେ। ମଙ୍ଗଳବାର ସେଠାରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ପୁଅ ଓ ସ୍ତ୍ରୀଙ୍କ ସାମ୍ନାରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ସିପେଟ୍ ଆଡ୍‌ମିନିଷ୍ଟ୍ରେଟିଭ୍ ହେଡ୍ ଉତ୍ତମ ବାରୁଆଚ, ଟେକ୍ନିକାଲ ମ୍ୟାନେଜର ନୀହାରିକା ପରିଡ଼ା ଓ ଆକାଉଣ୍ଟସ୍ ଅଫିସର ବିନ୍ଦୁ ବୈଷ୍ଣବୀ ପରିଡ଼ା ତାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଫୋନ୍ ଯୋଗେ ମୃତକଙ୍କ ବଡ଼ଭାଇ ସୁଶାନ୍ତ ଶତପଥୀଙ୍କ ସହ କଥା ହୋଇ ସମବେଦନା ଜଣାଇଥିଲେ। ଅପରପକ୍ଷରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାନ୍ତଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀନଗର ଗସ୍ତରେ ଥିବା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସେଠାରେ ପ୍ରଶାନ୍ତଙ୍କ ସ୍ତ୍ରୀ ଓ ପୁଅକୁ ଭେଟି ସମବେଦନା ଜଣାଇଛନ୍ତି। ସିପେଟ୍ ଆଡ୍‌ମିନିଷ୍ଟ୍ରେଟିଭ୍ ହେଡ୍ ଉତ୍ତମ ବାରୁଆଚ କୁହନ୍ତି, ପ୍ରଶାନ୍ତ ଜଣେ ମେଳାପୀ, ଭଦ୍ର ଓ ଉତ୍ତମ ବ୍ୟକ୍ତିତ୍ୱ ଥିଲେ। ସେ ପରୋପକାରୀ ଏବଂ ସମୟାନୁବର୍ତ୍ତୀ। ତାଙ୍କୁ ହରାଇ ଆମେମାନେ ସମ୍ପୂର୍ଣ୍ଣ ମର୍ମାହତ। ତାଙ୍କ ଭଳି ଅଧିକାରୀ ମିଳିବା ବିରଳ ବୋଲି ବାରୁଆଚ କହିଛନ୍ତି। ପୂର୍ବତନ ପୋଲିସ ଅଫିସର ଭାଗବତ ସାହୁ କହନ୍ତି, ପିଲାଟି ଦିନରୁ ସେ ମେଧାବୀ ଛାତ୍ର ଭାବେ ଗାଁର ଗୌରବ ଆଣିଛନ୍ତି। ସେ ଧୀର, ନମ୍ର ଓ ଶାନ୍ତଶିଷ୍ଟ ସ୍ୱଭାବର। ରାଜନୀତିରେ ଅଂଶଗ୍ରହଣ କରନ୍ତି ନାହିଁ।


# ପାଠାଗାର ଆନ୍ଦୋଳନର ଆଉଜଣେ ପୁରୋଧା ବିକାଶ

## ସଂଗ୍ରହ କଲେଣି ୧୨ଶହ ବିରଳ ତାଳପତ୍ରପୋଥି

**ବାସୁଦେବପୁର,୨୩।୪ (କାଳିପଦ ରାୟ)**

ଓଡ଼ିଶାର ପାଠାଗାର ଆନ୍ଦୋଳନ କହିଲେ ନୟାଗଡ଼ର ଦାଶରଥି ପଟ୍ଟନାୟକ (ଦାଶିଆ ଅଜା)ଙ୍କୁ ବୁଝାଏ। ତାଙ୍କ ପରେ ଓଡ଼ିଶାର ଆଉ ଜଣେ ଦାଶରଥି ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳରେ ରହୁଥିବା ବିକାଶ କୁମାର ଶତପଥୀ(୫୯)। ତାଙ୍କ ପାଠାଗାର ଓ ସଂଗ୍ରହାଳୟରେ ବହୁ ପୁରୁଣା ୧୨ଶହ ତାଳପତ୍ର ପୋଥି ରହିଛି। ଏଥିସହ ୧୧ଶହରୁ ଊର୍ଦ୍ଧ୍ୱ ଦେଶ ବିଦେଶର ପୁରାତନ ମୁଦ୍ରା, ହଜିଯାଇଥିବା ବହୁ ବିରଳ ନୂଆ ପୁରୁଣା ଡାକଟିକେଟ, ୧୦୦ବର୍ଷ ତଳର ରେଡିଓ, ସାମୁଦ୍ରିକ ଜୀବ, ପ୍ରାଚୀନ ଘଣ୍ଟା, ପୁରାତନ ପାନବଟୁଆଠାରୁ ଆରମ୍ଭ କରି ଓଜନ ସାମଗ୍ରୀ, ଲଣ୍ଠନ, ଡିବିରି ଓ ହାତହତିଆର ପ୍ରଭୃତି ଅନେକ ସାମଗ୍ରୀ ସେ ସଂଗ୍ରହ କରିଛନ୍ତି।

ବିକାଶ କହନ୍ତି, ସେ ଅଷ୍ଟମରେ ପଢୁଥିବା ସମୟରେ ଦାଶିଆ ଅଜା ମୁଣ୍ଡରେ ଠେକା ଓ ହାତରେ ବଙ୍କୁଲି ବାଡ଼ି ଧରି ତାଙ୍କ ଗାଁକୁ ଆସିଥିଲେ। ଦାଶିଆ ଅଜାଙ୍କୁ ଦେଖି ସେ ତାଙ୍କ ସହ ସମ୍ପର୍କ ଯୋଡ଼ିଥିଲେ। ଏଥିସହ ପାଠାଗାର ଓ ସଂଗ୍ରହର ଅଜବ ସଉକ ଉପରେ ଅବଗତ ହୋଇଥିଲେ। ଦାଶିଆ ଅଜା ତାଙ୍କ କାନରେ ଗୁରୁମନ୍ତ୍ର ଦେଇ ଯାଇଥିଲେ, ମଣିଷ ଆପଣା ଧନ ପର, ଯେତେ ପାରୁଛ ମଣିଷ ଧର। ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୯୦ରେ କିଆ, ଚାକୁଣ୍ଡା ଘେରା ଉପକୂଳବର୍ତ୍ତୀ ଅଖ୍ୟାତପଲ୍ଲୀ ବାଲେଶ୍ୱର ଜିଲା ବାହାନଗା ବ୍ଲକ୍‌ର ମଦନାପୁରରେ ନିଜ ଜେଜେବାପାଙ୍କ ନାମରେ ସେ ଆରମ୍ଭ କରିଥିଲେ ‘ଲୋକନାଥ ପାଠାଗାର ଓ ସଂଗ୍ରହାଳୟ’।


ପାଠାଗାରରେ ବିକାଶ କୁମାର ଶତପଥୀ।

ପାଠପଢ଼ା ସାଙ୍ଗକୁ ସଂଗ୍ରହର ନିଶା ତାଙ୍କ ଯୌବନର ସାଥୀ ପାଲଟିଗଲା। ସେ ସମୁଦ୍ରର ବେଳାଭୂମିରୁ ସାମୁଦ୍ରିକ ଜୀବ, ଲେଖକମାନଙ୍କଠାରୁ ପତ୍ରପତ୍ରିକା, ପୁସ୍ତକ, ପଣ୍ଡିତମାନଙ୍କଠାରୁ ତାଳପତ୍ର ପୋଥି ଏବଂ ବିଦେଶରେ ରହୁଥିବା ବ୍ୟକ୍ତିଙ୍କଠାରୁ ବିରଳ ମୁଦ୍ରା ସଂଗ୍ରହରେ ଲାଗି ପଡ଼ିଥିଲେ। ଚାହୁଁ ଚାହୁଁ ୧୫ଖଣ୍ଡ ପତ୍ରପତ୍ରିକାରୁ ଆରମ୍ଭ ହୋଇଥିବା ପାଠାଗାରରେ ୩୫ ହଜାରରୁ ଅଧିକ ପୁସ୍ତକ ଓ ପତ୍ରପତ୍ରିକା ଗଚ୍ଛିତ ହୋଇଗଲା। ଓଡ଼ିଆ ଭାଷା ସାହିତ୍ୟରେ ଏମ୍‌ଏ ପାଠ ପଢ଼ି ମଧ୍ୟ ଚାକିରିକୁ ତୁଚ୍ଛକରି ସେ ପାଠାଗାର ଆନ୍ଦୋଳନରେ ଲାଗିପଡ଼ିଥିଲେ। ବହୁ ବାଧାବିଘ୍ନ, ଆର୍ଥିକ ସଙ୍କଟ, ପାରିବାରିକ ସମସ୍ୟାକୁ ଖାତିର ନ କରି ପାଠାଗାର ଓ ସଂଗ୍ରହାଳୟକୁ ଗୋଟିଏ ବିଶାଳ ଅନୁଷ୍ଠାନରେ ପରିଣତ କରିଥିଲେ। ମାଟ୍ରିକ୍ ପରୀକ୍ଷା ପରେ ନିଜର ପ୍ରଥମ ଶିଶୁ ସାହିତ୍ୟ ପୁସ୍ତକ ‘ଶୁଖିଲା ଗଛର ଦଶଟି ପତ୍ର ଓ ଦଶଟି ଫୁଲ’ ପ୍ରକାଶିତ କରିବା ପରେ ଯୁକ୍ତ ୨ ପରୀକ୍ଷା ଦେଇ ‘କାଉ କୋଇଲି’ ନାମକ ପୁସ୍ତକ ପ୍ରକାଶ କରିଥିଲେ। ଏହାଦ୍ୱାରା ଓଡ଼ିଶାର ବହୁ ଲେଖକଙ୍କ ସହ ତାଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ୧୯୯୬ରେ ‘ବାଇଚଢ଼େଇ’ ନାମକ ଶିଶୁ କିଶୋର ପତ୍ରିକା ପ୍ରକାଶନକରି ତାଙ୍କ ସମ୍ପାଦନାର ଆଉ ଏକ ପରିଚୟ ସୃଷ୍ଟି କରିଥିଲେ। ଉକ୍ତ ପାଠାଗାର ଓ ସଂଗ୍ରହାଳୟକୁ ୨୦୦୬ରେ ବାସୁଦେବପୁର ପୌରପାଳିକାର ୧୨ନଂ.ୱାର୍ଡକୁ ସ୍ଥାନାନ୍ତର କରି ଆଣିଛନ୍ତି। ଏଠାକୁ ବିଭିନ୍ନ ସମୟରେ ପରିଦର୍ଶକ, ଗବେଷକ, ବିଦ୍ୟାର୍ଥୀମାନେ ଆସି ସେମାନଙ୍କ ଆବଶ୍ୟକ ପୁସ୍ତକ ନେବା ସହ ବହୁ ପୁରାତନ ଜିନିଷ ଦେଖୁଛନ୍ତି। ଏସବୁକୁ ସେ ବିନା ଅର୍ଥରେ ଦର୍ଶକମାନଙ୍କୁ ଦେଖାଇଥାନ୍ତି।

୧୦ ବର୍ଷ ହେଲା ‘ମୋବାଇଲ ଛାଡ଼ ବହି ପଢ଼ ଅଭିଯାନ’ ଜାରି ରଖିଛନ୍ତି। ସେ ତାଙ୍କ ସାଥୀମାନଙ୍କୁ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ପିଲାମାନଙ୍କୁ ମାଗଣାରେ ଭଲ ପୁସ୍ତକ ପଢ଼ିବାର ଅଭ୍ୟାସ ସୃଷ୍ଟି କରିବା ସହ ମୋବାଇଲରୁ କିପରି ପିଲାମାନେ ନିବୃତ୍ତ ରହିବେ, ସେଥିପାଇଁ ଉଦ୍ୟମ କରୁଛନ୍ତି। ଏଥିସହ ବିଭିନ୍ନ ସଭା ସମିତି ଓ ମେଳା ମହୋତ୍ସବକୁ ଯାଇ ତରୁଣ ପିଢ଼ିଙ୍କୁ ଆମ ପ୍ରାଚୀନ ସଂସ୍କୃତି ଉପରେ ଅବଗତ କରାଇବା ପାଇଁ ବିରଳ ଜିନିଷର ପ୍ରଦର୍ଶନୀ କରି ସେ ସମ୍ପର୍କରେ ଅତୀତର ସ୍ମୃତି ବଖାଣୁଛନ୍ତି। ନିଜସ୍ୱ ଉଦ୍ୟମରେ ଚଳାଇଥିବା ଏଇ ପାଠାଗାର ଓ ସଂଗ୍ରହାଳୟ ଯୁବପିଢ଼ିଙ୍କୁ ନିଜ ଗାଁ, ମାଟି ଓ ପରିବେଶର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇବ ବୋଲି ବିକାଶ କହନ୍ତି।



❝ ଅତିମାନସ ଉପଲବ୍ଧି ହେଲା– ଯେଉଁ ସତ୍ୟ ଊର୍ଦ୍ଧ୍ୱ ଲୋକରୁ ଆସୁଛି– ତା'ସହିତ ନିମ୍ନଲୋକ ବା ଅଧୋଲୋକରୁ ଆସୁଥିବା ସତ୍ୟ ସହିତ ସଂପୂର୍ଣ୍ଣ ମିଳନର ଉପଲବ୍ଧି। –ଶ୍ରୀମା



# ମୁଁ ଓ ମୋର



ଦେବଦତ୍ତ ପଟ୍ଟନାୟକ

ମାନବ ସମାଜରେ ବ୍ୟକ୍ତିବାଚକ ସର୍ବନାମ 'ମୋ' ଶବ୍ଦରେ ସବୁକିଛିର ମୂଲ୍ୟ ନିହିତ ରହିଛି। ଆମେ କହିଥାଉ ଏ ଜାଗା ମୋର। ଏ ଦେହ ମୋର। ବାସ୍ତବରେ କୌଣସି ଜମି କୌଣସି ପ୍ରାଣୀ କିମ୍ବା ଉଦ୍ଭିଦର ନୁହେଁ। ସମସ୍ତେ ଅଞ୍ଚଳ ପାଇଁ ଲଢ଼େଇ କରନ୍ତି ଏବଂ ନିଜର ବୋଲି କହିଥାଆନ୍ତି। ଏହା ବ୍ୟତୀତ କୌଣସି ଶରୀର କାହାର ନିଜର ନୁହେଁ। ପ୍ରକୃତରେ କୌଣସି ପ୍ରାଣୀର ତା' ଶରୀର ଉପରେ ଅଧିକାର ନାହିଁ। ଏହା ହେଉଛି ଭୋକିଲାଙ୍କର ଖାଦ୍ୟ। ଏହା ଦିନେ ନା ଦିନେ କାହାର ଆହାର ପାଲଟିବ। କହିବାକୁ ଗଲେ ମଣିଷ ନିଜେ ନିୟମ ସୃଷ୍ଟି କରିଛି, ଯେଉଁଥିରେ ଆମେ ଜାଗା, ଗଛ, ପଶୁ ଉପରେ ଆମ ମାଲିକାନା ସାବ୍ୟସ୍ତ କରିପାରୁଛୁ। ଅନ୍ୟ ଲୋକ ଓ ବିଚାର ଉପରେ ମଧ୍ୟ ଆମ ମାଲିକାନା ଦାବି କରିପାରୁଛୁ। ଏହି ମଣିଷକୃତ ନିୟମଗୁଡ଼ିକ ଜଣେ ମହିଳାଙ୍କୁ ସ୍ତ୍ରୀ ମାନ୍ୟତା ଦେଇଥାଏ। ଏସବୁ ମଧ୍ୟ ନିଃସନ୍ତାନମାନଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରି ନିଜ ସମ୍ପତ୍ତି ହସ୍ତାନ୍ତର କରିବାକୁ ଅନୁମତି ଦିଏ। ପଣ୍ଡୁ ଏଭଳି କରିଥିବା ମହାଭାରତରେ ବର୍ଣ୍ଣନା ରହିଛି। ଏହି ଆଇନ ବଳରେ ବିଭିନ୍ନ ସମୁଦାୟ ପବିତ୍ର ସହରଗୁଡ଼ିକ ସେମାନଙ୍କର ବୋଲି ଦାବି କରିବା ଆରମ୍ଭ କଲେଣି। ଦେଖିବାକୁ ଗଲେ ବରଫ ଯୁଗ କିମ୍ବା କୃଷି ବିପ୍ଳବ



ପୂର୍ବରୁ କୌଣସି ଜେରୁଜେଲମ କିମ୍ବା କାଶୀ ନ ଥିଲା। ତାରବାଡ଼ ଦେଇ ସୁରକ୍ଷିତ କରିବା ପରେ ଏହି ସ୍ଥାନଗୁଡ଼ିକ ସାମ୍ନାକୁ ଆସିଲା।

ଗୁରୁ ସବୁବେଳେ ନିର୍ଲିପ୍ତ କଥା କହିଥା'ନ୍ତି। ସମ୍ପତ୍ତିଠାରୁ ଦୂରେଇ ରହିବାକୁ କହନ୍ତି। ଗୁରୁ (ମହିଳା ହୁଅନ୍ତୁ କି ପୁରୁଷ)ଙ୍କୁ କିମ୍ବା ତାଙ୍କ ଆଶ୍ରମ, ଚର୍ଚ୍ଚ କିମ୍ବା ମନ୍ଦିରକୁ ଧନସମ୍ପତ୍ତି ସବୁ ଦେଇଦେଇ ସେଥିରୁ ଲୋଭ ଛାଡ଼ିବା ପାଇଁ ତୁମକୁ ଉତ୍ସାହିତ କରିଥା'ନ୍ତି। ଅନ୍ୟର ଧନସମ୍ପତ୍ତି ହାସଲ କରିବା ପାଇଁ ଏହା ହେଉଛି ସେମାନଙ୍କର ଏକ ଚତୁର କୌଶଳ। ଗୁରୁମାନେ ରଙ୍ଗିନ୍ ପୋଷାକ ପିନ୍ଧି ତ୍ୟାଗୀ ବା ନିର୍ଲିପ୍ତ ଭାବନାର ଛଳନା କରନ୍ତି। ସେମାନେ ଏହା ସପକ୍ଷରେ ଯୁକ୍ତି କରନ୍ତି। କାରଣ ସେମାନେ ସେମାନଙ୍କ ବିଚାର ଉପରେ ଦୃଢ଼ ବିଶ୍ୱାସ ରଖିଥାନ୍ତି। ଆମେରିକାରେ 'ମୋ' ସିଦ୍ଧାନ୍ତ ପ୍ରକୃତରେ ସତ ବୋଲି ବାମପନ୍ଥୀମାନେ ଯୁକ୍ତି କରୁଛନ୍ତି। ଦାର୍ଶନିକମାନେ ବୈଜ୍ଞାନିକଙ୍କ ସହ ସମାନ ସ୍ଥିତି ପାଇଁ ଲଢ଼େଇ କରୁଛନ୍ତି। ଜୀବବିଜ୍ଞାନ ଉପରେ ମନୋବିଜ୍ଞାନ ବିଜୟ ପ୍ରାପ୍ତ କରିଛି ବୋଲି ଯୁକ୍ତି କରୁଛନ୍ତି। ଲକ୍ଷ୍ୟ ହେଉଛି ବ୍ୟବସ୍ଥାକୁ ଭାଙ୍ଗି ଅରାଜକତା ସୃଷ୍ଟି କରିବା। ଏହି ସମୟରେ ଦକ୍ଷିଣପନ୍ଥୀମାନେ ସେମାନଙ୍କ ଧର୍ମୀୟ ମୂଲ୍ୟବୋଧକୁ ସତ୍ୟ ବୋଲି ଦର୍ଶାଉଛନ୍ତି। ସେମାନେ ଧର୍ମନିରପେକ୍ଷ ବ୍ୟବସ୍ଥାଗୁଡ଼ିକର ମୂଲ୍ୟବୋଧକୁ ଚ୍ୟାଲେଞ୍ଜ କରୁଛନ୍ତି। ଦେଖିବାକୁ ଗଲେ ଲୋକମାନେ ନିଜ ଭିତରେ ଏବଂ ବିଚାରଗୁଡ଼ିକୁ ନେଇ ଲଢ଼େଇ କରୁଛନ୍ତି। ପ୍ୟାଣ୍ଟେଣ୍ଟକୁ ନେଇ ଶିଳ୍ପଗୁଡ଼ିକ ନିଜ ମଧ୍ୟରେ ଏବଂ କୁକୁରମାନେ ହାଡ଼ଖଣ୍ଡେ ପାଇଁ ନିଜ ମଧ୍ୟରେ ଲଢ଼େଇ କରୁଛନ୍ତି।

ମହାଭାରତରେ କୃଷ୍ଣ ପାଣ୍ଡବଙ୍କୁ ଏକ ପ୍ରଶ୍ନ କରିଥିଲେ। ତାଙ୍କୁ କିମ୍ବା ତାଙ୍କ ସେନା ମଧ୍ୟରୁ କାହାକୁ ଚାହାନ୍ତି ବୋଲି ସେମାନଙ୍କୁ କୃଷ୍ଣ ପଚାରିଥିଲେ। ଏଠାରେ 'ସେ' ଓ 'ତାଙ୍କ'ର କଥା ଉଠିଛି। ସେ ହେଉଛନ୍ତି ନାରାୟଣ। ତାଙ୍କ ସେନା ହେଉଛି ନାରାୟଣୀ। କୌରବମାନେ ନାରାୟଣୀ (ତାଙ୍କର)ଙ୍କୁ ପସନ୍ଦ କରିଛନ୍ତି। ଅପରପକ୍ଷେ ପାଣ୍ଡବମାନେ ନାରାୟଣ (ସେ ଅର୍ଥାତ୍ କୃଷ୍ଣ)ଙ୍କୁ ବାଛିଛନ୍ତି। ନାରାୟଣୀ ନାରାୟଣ ନୁହେଁ ବୋଲି ଆମେ ସବୁବେଳେ ବିଚାର କରୁ। ନାରାୟଣ ହେଉଛନ୍ତି ଧନୀର ଧନ ଏବଂ କ୍ଷମତାଶାଳୀର ଶକ୍ତି ଏବଂ ଜ୍ଞାନୀର ଜ୍ଞାନ। ଆମେ ଏକ ଦେଣନେଣ ବିଶ୍ୱରେ ବାସକରୁ। ଏଠାରେ ମୋ ପାଖରେ କିମ୍ବା ତୁମ ପାଖରେ ଯାହା ଅଛି ତାହାର ବିନିମୟ କରିଥାଉ। ଏଠାରେ ମୁଁ କିଏ ଏବଂ ତୁମେ କିଏ, ତାହା ମଧ୍ୟରେ ପ୍ରକୃତରେ କୌଣସି ସମ୍ପର୍କ ନାହିଁ। ଏହି ତୁମେ ଓ ମୁଁ ହେଉଛି ଅଦୃଶ୍ୟ ବା ନିର୍ଗୁଣ। ଏହା ହେଉଛି ଆମ ଭୟ, କାମନା ଏବଂ ଭାବନାର ସମାହାର। ସଗୁଣ ବା ଦୃଶ୍ୟମାନ ଦୁନିଆ ଯଥା ସମ୍ପତ୍ତି, ଶରୀର ଏବଂ ତୁମର ଯୁକ୍ତି ଉପରେ ଧ୍ୟାନ ଦେବା ସହଜ।

ଆଜକୁ ୨୫୦୦ ବର୍ଷ ପୂର୍ବେ ଗୌତମ ବୁଦ୍ଧ ନିର୍ବାଣ କଥା ଏବଂ ୧୭୦୦ ବର୍ଷ ପୂର୍ବେ ନାଗାର୍ଜୁନ ସଗୁଣ ବିଷୟରେ କହିଥିଲେ। ଯଦି 'ମୋ'ର ଅସ୍ତିତ୍ୱ ନ ରହେ, ତେବେ ଆଉ କ'ଣ ରହିବ ବୋଲି କହି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ବାସ୍ତବରେ 'ମୁଁ' ଅଛି କି? ଜୈନ ଦାର୍ଶନିକମାନେ କହିଥିଲେ, ଏହି 'ମୁଁ' ହେଉଛି ଶୁଦ୍ଧ ଜ୍ଞାନ (କୈବଲ୍ୟ)। ଏହା ହେଉଛି ଏକ ଅନୁଭବ। ମୁଁ ଆମ ଶରୀରକୁ ସୂଚିତ କରେ, ଯାହା ଅନ୍ୟମାନଙ୍କ ଖାଦ୍ୟ ଉପଯୋଗୀ। ସେଥିପାଇଁ ଆମରଣ ଉପବାସ କରିବା ସହଜ ନୁହେଁ। ଯେତେବେଳେ କେହି ତୁମ ଶରୀରକୁ ନିର୍ଯାତନା ଦେବ କିମ୍ବା ଶରୀର ଉପରେ ମଳମୂତ୍ର ଗଦା କରିବ, ସେତେବେଳେ ତୁମେ ଶାନ୍ତ ହୋଇ ରହିବା ମଧ୍ୟ ସହଜ ନୁହେଁ। ଯେଉଁମାନେ ସ୍ୱଇଚ୍ଛାରେ ସେମାନଙ୍କ 'ମୁଁ' ଭାବନା ବା ଶରୀର ତ୍ୟାଗ କରିବାକୁ ସକ୍ଷମ ହୋଇଥିଲେ, ସେମାନେ ସ୍ୱତନ୍ତ୍ର କ୍ଷମତାର ଅଧିକାରୀ ଥିଲେ। ଏହା ଥିଲା ସନ୍ନ୍ୟାସୀଙ୍କ ସମାଧି ଅବସ୍ଥା। ଏହା ଥିଲା ବାସ୍ତବରେ ନିର୍ଲିପ୍ତ ଓ କାମନାମୁକ୍ତ ଅବସ୍ଥା।

କୃଷ୍ଣ ଗୀତାରେ ନିର୍ଲିପ୍ତ ବିଷୟରେ କହିଛନ୍ତି। ଅର୍ଜୁନ ଜଣେ ରାଜକୁମାର ଭାବେ ଜୀବନ ଜିଇ ନ ଥିଲେ ବି ମହାଭାରତ ଯୁଦ୍ଧରେ ତାଙ୍କ ବିଶେଷାଧିକାର ପ୍ରାପ୍ତ ଜୀବନର ଚରମ ମୂଲ୍ୟ ଦେବାକୁ ଥିବାବେଳେ ସେ କିଭଳି ଦୁନିଆକୁ ଛାଡ଼ିଯିବାକୁ ଭାବୁଛନ୍ତି ତାହା କୃଷ୍ଣ ତାଙ୍କୁ ସୂଚିତ କରିଛନ୍ତି। ଏହା ହେଉଛି ଧନିକର ଅସ୍ତିତ୍ୱର ସଙ୍କଟ ଭଳି କଥା, ଯେତେବେଳେ ତାଙ୍କୁ ଟିକସ ଦେବାକୁ କୁହାଯାଏ। କିନ୍ତୁ ଯେତେବେଳେ ସବ୍‌ସିଡି କିମ୍ବା ଲାଇସେନ୍ସ ନେବା କଥା କୁହାଯାଏ, ସେତେବେଳେ ସେମାନଙ୍କ କୌଣସି ସମସ୍ୟା ନ ଥାଏ। ପ୍ରଥମରୁ ଅର୍ଜୁନ ବନବାସରେ ଥିବାବେଳେ ସେ ଶିକାର ଉପରେ ସ୍ୱତନ୍ତ୍ର ଅଧିକାର ଦାବି କରିଥିଲେ, କାରଣ ଜଣେ ରାଜକୁମାର ଭାବେ ତାଙ୍କ ସାମାଜିକ ସ୍ଥିତି ଥିଲା ଉଚ୍ଚରେ। ହେଲେ ଶିବ ଜଣେ ଆଦିବାସୀ ଶିକାରୀ ରୂପରେ ଆସି ଅର୍ଜୁନଙ୍କୁ ସ୍ମରଣ କରାଇ ଦେଇଥିଲେ ଯେ, ସ୍ଥିତି ସମାଜରେ ହିଁ ରହିଛି, ବାହାର ଜଙ୍ଗଲରେ ନାହିଁ। ସାମାଜିକ ସ୍ଥିତି ବଂଶାନୁକ୍ରମିକ ବ୍ୟବସ୍ଥାରେ ବଳପୂର୍ବକ ଭାବେ ସ୍ଥାପିତ ହୋଇଛି, ଜନ୍ମରୁ ଏହା ସାମାଜିକ ପଦାନୁକ୍ରମରେ ସୃଷ୍ଟି ହୋଇନାହିଁ। କୌଣସି ସମାଜରେ ତୁମେ ପ୍ରଭୁତ୍ୱର ଉଚ୍ଚ ପଦବୀ ପାଇପାରିବ, କାରଣ ତୁମେ ଜଣେ କ୍ଷମତାଶାଳୀ ବ୍ୟକ୍ତିର ପୁଅ। ତୁମେ ହେଉଛ ତୁମର, କାରଣ ତୁମେ ହେଉଛ ଅନ୍ୟ କାହାର ସମ୍ପତ୍ତି। 'ମୋ' ପିଲା 'ମୋ' ସମ୍ପତ୍ତି ପାଏ– ଏଭଳି ଭାଗ୍ୟକୁ ଆମେ କର୍ମ ଏବଂ ଭଗବାନ୍‌ଙ୍କ ଭଲ ପାଇବା ସମ୍ପର୍କିତ କାହାଣୀଗୁଡ଼ିକ ଦ୍ୱାରା ବୁଝାଇପାରିବା, ଯେଉଁ କାହାଣୀ 'ମୋ' ବିଚାର ଉପରେ ଆଧାରିତ ନୁହେଁ।

–devduttofficial@gmail.com

# ପଞ୍ଚାୟତିରାଜ ଦିବସର ସଂକଳ୍ପ



ମୋହନ ଚରଣ ମାଝୀ

ଆଜି ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ। ୭୩ତମ ସମ୍ବିଧାନ ସଂଶୋଧନ ସହ ତୃଣମୂଳ ସ୍ତରର ଗଣତନ୍ତ୍ରର ବିଜୟ ଦିବସ। ଏହି ଅବସରରେ ମୁଁ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ସମସ୍ତ ପ୍ରତିନିଧି ଓ ସବୁ ଗ୍ରାମାଞ୍ଚଳ ଭାଇଭଉଣୀମାନଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି।

ଗ୍ରାମାଞ୍ଚଳର ଜନସମୁଦାୟକୁ ସଶକ୍ତ କରିବା, ସେମାନଙ୍କୁ ସେମାନଙ୍କ ସ୍ଥାନୀୟ ବିକାଶ କାମରେ ନିର୍ଣ୍ଣୟ ଓ କ୍ରିୟାନ୍ୱୟନ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାର କରିବା ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ଦ୍ରୁତ ବିକାଶ କରିବା ପାଇଁ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ପରିକଳ୍ପନା।

ସମ୍ବିଧାନରେ ପଞ୍ଚାୟତି ବ୍ୟବସ୍ଥାକୁ କ୍ଷମତା ହସ୍ତାନ୍ତର ଏବଂ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ତଥା ସ୍ଥାନୀୟ ଲୋକମାନଙ୍କର ଭାଗୀଦାରି ଓ ନିର୍ଣ୍ଣୟ ପ୍ରକ୍ରିୟାରେ ବଡ଼ ଯୋଗଦାନ ପ୍ରକ୍ରିୟାକୁ ସମ୍ମାନ ଓ ମାନ୍ୟତା ଦେବାସହ ରାଜ୍ୟ ବିକାଶ ପ୍ରକ୍ରିୟାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସବୁ ପ୍ରକାର ଅଧିକାର ଓ ପ୍ରୋତ୍ସାହନ ଦେବାପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ।

ଆଜି ମୁଁ ଅତ୍ୟନ୍ତ ଖୁସି ଆମ ରାଜ୍ୟ ଓଡ଼ିଶା ପ୍ରଥମ ଥର ପାଇଁ ସାରା ଦେଶରେ ପାଳନ କରାଯାଉଥିବା ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସରେ ସାମିଲ ହୋଇ ସମାନ ଦିନରେ ପଞ୍ଚାୟତିରାଜ ଦିବସ ପାଳନ କରୁଛି। ବିଜୁବାବୁଙ୍କ ଜନ୍ମଦିନ ମାର୍ଚ୍ଚ ୫ ବଦଳରେ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଏପ୍ରିଲ ୨୪ରେ ଆମେ ଆଜି ଏହି ଦିବସ ପାଳନ କରୁଛେ।

ଏହି ନିର୍ଣ୍ଣୟ ପରେ କିଛି ରାଜନୈତିକ ବନ୍ଧୁ ପ୍ରତିବାଦ ଓ ବିରୋଧ କରିଥିଲେ। ମୁଁ ପୁଣିଥରେ ସ୍ପଷ୍ଟ କରିଦେବାକୁ ଚାହେଁ ରାଜ୍ୟର ସବୁ ବରପୁତ୍ର ଓ ମହାପୁରୁଷମାନଙ୍କ ପ୍ରତି ମୋ ସରକାରର ଯଥେଷ୍ଟ ସମ୍ମାନ ରହିଛି। ମାତ୍ର ସାରା ଦେଶ ଯେତେବେଳେ ଗୋଟିଏ ଦିନରେ ପଞ୍ଚାୟତିରାଜ ଦିବସ ପାଳନ କରୁଛି ସେତେବେଳେ ଆମ ରାଜ୍ୟ ସେହି ନିର୍ଦ୍ଦିଷ୍ଟଦିନ ପରିବର୍ତ୍ତେ ଅନ୍ୟ ଏକ ତାରିଖରେ ଏହି ଦିନଟିକୁ ପାଳନ କରିବା ସମୀଚୀନ ହେବ ନାହିଁ। ଓଡ଼ିଶା ନିଜସ୍ୱ ପରିଚୟକୁ ଗୁରୁତ୍ୱ ଦେବାସହ ରାଷ୍ଟ୍ରୀୟ ସ୍ରୋତରେ ସାମିଲ ହେବା ଜରୁରୀ। ତେଣୁ ଆଜିଦିନ ଏପ୍ରିଲ ୨୪ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ପାଳନରେ ଓଡ଼ିଶା ବି ସାମିଲ ହୋଇଛି।

ଓଡ଼ିଶାର ଗ୍ରାମାଞ୍ଚଳର ମୋର ପ୍ରିୟ ଭାଇଭଉଣୀମାନଙ୍କୁ ମୁଁ ଆଶ୍ୱସ୍ତ କରିବାକୁ ଚାହେଁ, ମୋ ସରକାର ରାଜ୍ୟରେ ଗ୍ରାମାଞ୍ଚଳର ବିକାଶ ମାଧ୍ୟମରେ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବଦ୍ଧପରିକର। ଗ୍ରାମାଞ୍ଚଳର ଦ୍ରୁତ ବିକାଶ ପାଇଁ ରାଜ୍ୟର ସେହି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ବିକାଶ ପ୍ରକ୍ରିୟାରେ ସାମିଲ ହେବା ଜରୁରୀ। ଆମର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ସହ ଜନଭାଗୀଦାରି ଆଧାରରେ ଗ୍ରାମାଞ୍ଚଳର ଦ୍ରୁତ ବିକାଶ ସମ୍ଭବ ବୋଲି ମୋର ଦୃଢ଼ ବିଶ୍ୱାସ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ମୋର ପ୍ରିୟ ଭାଇଭଉଣୀମାନେ ଏବଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଜନପ୍ରତିନିଧିମାନଙ୍କୁ ମୁଁ ପୁଣିଥରେ ଭାବାବେଗର ସହ ଅବଗତ କରିବାକୁ ଚାହେଁ ଯେ, ମୋର ରାଜନୈତିକ ଜୀବନ ସରପଞ୍ଚ ନିର୍ବାଚନ ଲଢ଼ି ଆରମ୍ଭ କରିଥିଲି। ୧୯୯୭ ମସିହାରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତର ସରପଞ୍ଚ ହୋଇଥିଲି। ରାଜନୀତିର ଆଦ୍ୟ ପାହାଚରେ ଜଣେ ତୃଣମୂଳସ୍ତରର ଜନପ୍ରତିନିଧିର ଅନୁଭବ ମୋ ମନରେ ଆଜି ତାଜା ଅଛି। ପଞ୍ଚାୟତ ମୁଖ୍ୟରୁ ରାଜ୍ୟ ସରକାରରେ ମୁଖ୍ୟ, ଯାତ୍ରାର ଅଢ଼େଇ ଦଶନ୍ଧିରୁ ଅଧିକ ସମୟ ବିତିଛି। ମୁଁ ସାରା ଓଡ଼ିଶା ବୁଲିଛି। ବିଧାନସଭାର ସଦସ୍ୟ ଭାବେ ରାଜ୍ୟର ଅନୁସୂଚିତ ଜାତି-ଜନଜାତି, ପଛୁଆବର୍ଗ ଏବଂ ଏହାସହ ରାଜ୍ୟର ଅପହଞ୍ଚ ଅବହେଳିତ ଜନତାଙ୍କ ସମସ୍ୟାକୁ ଜଣେ ବିଧାୟକ ଭାବରେ ମୁଖରହୋଇ ଉଠାଇଛି।

ସବୁ ଅନୁଭବ ଆଧାରରେ ଗୋଟିଏ ନିଷ୍କର୍ଷ ମୋ ପାଖରେ ଅଛି, ଜନଭାଗୀଦାରି ବିନା ବିକାଶକୁ ବଡ଼ ଗତି ଦେବା ଅସମ୍ଭବ। ସରକାର-ପ୍ରଶାସନ ଏକଚାଟିଆ ଭାବରେ ବିକାଶର ଠିକା ନେଇ ପାରିବେ ନାହିଁ। ପଞ୍ଚାୟତିରାଜ ବ୍ୟବସ୍ଥାର ସକ୍ରିୟ ଅଂଶଗ୍ରହଣ ବିନା ରାଜ୍ୟ ରାଜଧାନୀ ଏବଂ ଜିଲା ମୁଖ୍ୟାଳୟରୁ ପରିଚାଳନା କରି ଲୋକଙ୍କୁ ବିକାଶ କାମରେ ବଡ଼ ଭାଗୀଦାରି ସମ୍ଭବ ନୁହେଁ। ଆପଣମାନେ ପଞ୍ଚାୟତିରାଜ ବ୍ୟବସ୍ଥାର ସକ୍ରିୟ ଅଂଶଗ୍ରହଣକାରୀମାନେ, ଆପଣ ୱାର୍ଡମେମ୍ବରରୁ ଜିଲା ପରିଷଦ ସଦସ୍ୟ। ତୃଣମୂଳ ସ୍ତରର ସବୁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ତଥା ଜାଗ୍ରତ ନାଗରିକ ସମୂହଙ୍କ ଇଚ୍ଛାଶକ୍ତି ହିଁ ଆମ ତୃଣମୂଳର ଜନତାଙ୍କୁ ଜାଗ୍ରତ କରିପାରିବ। ଆଜି ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସର ଶୁଭ ଅବସରରେ ଆପଣଙ୍କ ଅଞ୍ଚଳର ବିକାଶ ମାଧ୍ୟମରେ ରାଜ୍ୟ ବିକାଶର ବଡ ଯୋଗଦାନ ଦେବାକୁ ଆହ୍ୱାନ ଜଣାଉଛି।

ମୋର ମନେଅଛି ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେବାର ପ୍ରାରମ୍ଭିକ ବର୍ଷମାନଙ୍କରେ ତାଙ୍କର ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସରେ ତାଙ୍କର ସରପଞ୍ଚ ଓ ଗାଁ ପ୍ରଧାନମାନଙ୍କ ସହ ଭାବବିନିମୟର କଥା। ମୋର ମନେ ଅଛି ସେହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀମାନେ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଆର୍ଥିକ ଅନୁଦାନର ବଡ଼ ବ୍ୟବସ୍ଥାର ସୂଚନା ଦେଇଥିଲେ। ଆଗାମୀ ବର୍ଷଗୁଡ଼ିକ ପାଇଁ କେମିତି ବଜେଟରେ ଆହୁରି ବଡ଼ ବ୍ୟୟ ବରାଦର ପ୍ରସ୍ତୁତି ଚାଲିଛି ତା'ର ହିସାବ ଦେଇଥିଲେ। ମୋଦିଙ୍କ କେନ୍ଦ୍ର ସରକାର ହେଉ ବା ଆପଣଙ୍କ ମୋହନ ସରକାର ଆମେ ଗାଁ ବିକାଶ ପାଇଁ ଆର୍ଥିକ ସହାୟତା ବଡ଼ କରିବୁ।

ମାତ୍ର ସେ ବର୍ଷ ମୋଦି କହିଥିବା କିଛି କଥା ମୋ ମନରେ ଗଭୀର ରେଖାପାତ କରିଥିଲା। ଆଜି ଏହି ପ୍ରସଙ୍ଗରେ ଲେଖିଲାବେଳେ ସେ ଭାଷଣ ମୋର ମନେପଡୁଛି। ମୋଦିଜୀ କହିଥିଲେ, ବଜେଟ ଆସିବ ଖର୍ଚ୍ଚ ହେବ। ଏହା ରୁଟିନ କାମ। ମାତ୍ର ବିନା ବଜେଟରେ ନିଜର ନେତୃତ୍ୱରେ ନୂଆ କ'ଣ କରିହେବ ତାକୁ ଚିନ୍ତା କରନ୍ତୁ। ଗ୍ରାମ ସଡ଼କ ପ୍ରସ୍ତୁତ ହେଲା ଜଣେ ସରପଞ୍ଚ ଗାଁ ଯୁବକଙ୍କୁ ଏକାଠି କରି ଉଭୟ ପାର୍ଶ୍ୱରେ ବିନା ଖର୍ଚ୍ଚରେ ବୃକ୍ଷରୋପଣ କଲେ। ଦୁଇ ଅଢ଼େଇ କିଲୋମିଟର ରାସ୍ତା ସବୁଜ ଗଛରେ ଭରିଗଲା।

ଜଣେ ସରପଞ୍ଚ ବିନା ବଜେଟରେ ଖାଲି ନିଜର ଇଚ୍ଛା ଶକ୍ତି ଓ ନେତୃତ୍ୱରେ ଅନେକ ପରିବର୍ତ୍ତନର ସମ୍ଭାବନା କରିପାରିବା କଥା କହିଥିଲେ ମୋଦି। ପଞ୍ଚାୟତ ବଜେଟ ବାହାରେ ଗାଁରେ ସରକାର ଅନେକ କାମରେ ଅର୍ଥ ଖର୍ଚ୍ଚ କରୁଛନ୍ତି। ଅଙ୍ଗନୱାଡ଼ି-ଆଶା-ଗାଁ ସ୍କୁଲ ତ ପଞ୍ଚାୟତର ବଜେଟରୁ ଚାଲୁନି। ମାତ୍ର ଆମ ଗାଁରୁ ଗୋଟିଏ ବି ପିଲା ସ୍କୁଲ ଡ୍ରପ୍ ଆଉଟ୍ ହେବନି ଏକଥା ତୃଣମୂଳ ସ୍ତରର ଜନପ୍ରତିନିଧି ଯଦି ପଣ କରନ୍ତି ତା'ହେଲେ ଜନ ଭାଗୀଦାରିରେ ତାହା ସମ୍ଭବ।

ଆପଣ ଥରେ ଭାବନ୍ତୁ ଆମ ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ବଡ଼ ସମସ୍ୟା। ଯଦି ଆପଣମାନେ ଆପଣଙ୍କ ଇଚ୍ଛାଶକ୍ତିରେ ସ୍କୁଲ ଡ୍ରପ୍ ଆଉଟ୍ ବନ୍ଦ କରିଦେଇପାରିବେ ତେବେ ଆପଣ ଓଡ଼ିଶାର କି ପ୍ରକାର ବିକାଶ କରିବେ କଳ୍ପନା କରିପାରିବେନି। ପରିବାର ବା ବ୍ୟକ୍ତି ନୁହେଁ ଆପଣ ପୂରା ପିଢ଼ି ଗଢ଼ି ଦେଇପାରିବେ।

ଆମ ଗାଁମାନଙ୍କରେ ସାମାଜିକ ଜୀବନ ଆଧୁନିକତାର ପ୍ରଭାବରେ ଖରାପ ହେଉଛି। ମାତ୍ର ଗାଁରେ ଆଜି ବି ଭାଇଚାରା ବଞ୍ଚିଛି। ଗାଁର ଲୋକେ ଏବଂ ଗାଁର ପିଲାମାନେ ବଡ଼ ଚାକିରି ବ୍ୟବସାୟ କରି ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ରହୁଛନ୍ତି। ବର୍ଷରେ ଗାଁରେ ଗୋଟିଏ ଦିନ ସମସ୍ତଙ୍କୁ ଏକାଠି କରି ଭୋଜିଭାତ ଓ ଭାବର ଆଦାନପ୍ରଦାନ କଲେ କେମିତି ହୁଅନ୍ତା ? ଗାଁର ପିଲା ଯିଏ ଜୀବନରେ ବଡ଼ ହୋଇଛି ସେ କ'ଣ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିବ ନାହିଁ ? ସ୍ୱଚ୍ଛଳ ଲୋକ ଗାଁର ଗରିବ ଓ ଅସହାୟଙ୍କ ପାଇଁ ସହଯୋଗର ହାତ ବଢ଼ାଇପାରିବ ନା ନାହିଁ ?

ଆମ ରାଜ୍ୟରେ ଅପପୁଷ୍ଟି ଏକ ବଡ଼ ସମସ୍ୟା। ସରକାର ପୁଷ୍ଟି ସାଧନ ପାଇଁ ବଡ଼ ପଦକ୍ଷେପ ଓ ଯୋଜନା କରୁଛନ୍ତି। କିନ୍ତୁ ମୋର ଅପେକ୍ଷା ଗାଁରେ ଓ ସହରର ସ୍ୱଚ୍ଛଳ ଲୋକମାନେ ନିଜ ପରିବାର ପାଖରେ ଥିବା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା ଗର୍ଭବତୀ ମା' ଓ ନବଜାତକ ଓ ଛୋଟପିଲାମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବରେ କିଛି କରିବା ଉଚିତ। ତୃଣମୂଳ ଜନପ୍ରତିନିଧି ଭାବରେ ସାମାଜିକ ଓ ରାଜନୈତିକ କର୍ମୀ ଭାବରେ ଆମେ ଆମର କାମ କରିବା। ମାତ୍ର ଯଦି ଆମେ ଚାହିଁବା ତେବେ ଆମେ ନୂଆ ପିଢ଼ି ଗଢ଼ିବାରେ ମଧ୍ୟ ଆମର ବଡ଼ ଯୋଗଦାନ ଦେଇପାରିବା।

ପଞ୍ଚାୟତକୁ ଅନୁଦାନ, ସମ୍ବିଧାନ, ଦିଶା ନିର୍ଦ୍ଦେଶ ମୁତାବକ ଅଧିକାର ଓ ଦାୟିତ୍ୱ ପ୍ରଦାନ, ପଞ୍ଚାୟତର ବଜେଟ ଉପଯୋଗରେ ସକ୍ରିୟତା ଏହା ନିରନ୍ତର ପ୍ରକ୍ରିୟା। ମୋ ସରକାର ଲୋକ ବିକାଶର ସବୁ ଆବଶ୍ୟକତା ପୂରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବଡ଼ କରିବା ଲାଗି କୌଣସି ଉଦ୍ୟମରେ କମ୍ କରିବ ନାହିଁ ଆଜି ମୁଁ ପ୍ରତିଶ୍ରୁତି ଦେଉଛି।

ଆମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଭାବରେ ଅନ୍ତ୍ୟୋଦୟ ଆମ ପାଇଁ ନିଷ୍ଠା। ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଆଜି ଦିନରେ ମୋଦିଜୀଙ୍କର ଗରିବ କଲ୍ୟାଣ। ଗାନ୍ଧିଜୀଙ୍କ ଭାଷାରେ ଭାରତର ଆତ୍ମା ଗାଁରେ ବାସ କରେ। ଗରିବ କଲ୍ୟାଣ କେନ୍ଦ୍ରବିନ୍ଦୁ ପଞ୍ଚାୟତି ବ୍ୟବସ୍ଥା। ସବ୍‌କା ସାଥ, ସବ୍‌କା ବିକାଶ ମନ୍ତ୍ରର ଆତ୍ମା ବି ଆମର ଗାଁ।

ମୋର ପ୍ରିୟ ଓଡ଼ିଶାବାସୀ ଆମ ଦେଶ ବିଶ୍ୱର ପୁରୁଣା ସଭ୍ୟତା। ଆମ ରାଜ୍ୟ ଓଡ଼ିଶା କବିବର ରାଧାନାଥ ରାୟଙ୍କ ଭାଷାରେ– ''ଭାରତ ପଙ୍କଜ ଦଳମିଦ ଉତ୍କଳ''। ଭାରତ ପଦ୍ମ ହେଲେ ଓଡ଼ିଶା ତା'ର କେଶର। ବିକଶିତ ଭାରତର ସ୍ୱପ୍ନରେ ଓଡ଼ିଶାର ବଡ଼ ଭୂମିକା ରହୁ। ପଞ୍ଚାୟତିରାଜ ଦିବସ ଅବସରରେ ମୋର ଏହା ଇଚ୍ଛା ଓ ସଂକଳ୍ପ। ଆସନ୍ତୁ ମିଳିମିଶି ଏହାକୁ ସଫଳ କରିବା।

ଜୟ ଜଗନ୍ନାଥ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ୫୦ ବର୍ଷ ତଳର ଧରିତ୍ରୀ

ୟ୪ ଏପ୍ରିଲ ୧୯୭୬

- ରାଜ୍ୟ ସରକାର କୋଠାବାଡ଼ି ନିର୍ମାଣ, ରାସ୍ତାଘାଟ ମରାମତି ଓ ପଥରଭଙ୍ଗା ପ୍ରଭୃତି କାର୍ଯ୍ୟରେ ନିଯୁକ୍ତ ଥିବା ଶ୍ରମିକମାନଙ୍କର ମଜୁରୀ ହାର ବୃଦ୍ଧି କରିଛନ୍ତି।
- କଲିକତା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ପ୍ରମଥନାଥ ବାନାର୍ଜୀଙ୍କ ୮୩ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 4 | | | | |
| | | | 3 | | 7 | | | |
| | | | | | 2 | 7 | 6 | |
| | | | | 2 | | | | 1 |
| | | 9 | | 3 | | | 7 | |
| 1 | | | | | 9 | 8 | 2 | |
| 3 | | | 8 | 5 | | 4 | | |
| | 7 | | | | | | 8 | |
| | 8 | | 7 | | | | 1 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | 8 | 9 | 1 | 5 | 2 | 7 |
| 9 | 1 | 2 | 6 | 5 | 7 | 8 | 4 | 3 |
| 7 | 5 | 8 | 2 | 4 | 3 | 9 | 1 | 6 |
| 2 | 7 | 5 | 3 | 6 | 4 | 1 | 8 | 9 |
| 8 | 3 | 9 | 1 | 2 | 5 | 6 | 7 | 4 |
| 6 | 4 | 1 | 9 | 7 | 8 | 3 | 5 | 2 |
| 1 | 8 | 4 | 7 | 3 | 9 | 2 | 6 | 5 |
| 3 | 2 | 7 | 5 | 8 | 6 | 4 | 9 | 1 |
| 5 | 9 | 6 | 4 | 1 | 2 | 7 | 3 | 8 |

ଗତକାଲିର ଉତ୍ତର

# ଦୁର୍ବଳ ମଣିଷର ପ୍ରତିକ୍ରିୟା



ଦେବେନ୍ଦ୍ର କର

ଦୁନିଆ ଯେତେ ଯେତେ ଆଗକୁ ଯାଉଛି ମଣିଷ ଭିତରେ କୁଅଭ୍ୟାସ ଆଉ କୁପ୍ରକୃତିଗୁଡ଼ିକ ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି। ପୂର୍ବକାଳରେ ଅପାଠୁଆ ଥିଲେ ବୋଲି ନ ବୁଝି ନ ବିଚାରି ଅପଶବ୍ଦ କହୁଥିଲେ ଏବେ ତ ପାଠୁଆ ବାବୁଙ୍କ ମୁହଁରେ ବେଶି ଅପଶବ୍ଦ। ଛକ ବଜାର, ହାଟ, ଦୋକାନ ଯୋଉଠି ଦେଖ ପାଞ୍ଚ ଲୋକ ରୁଣ୍ଡ ହୋଇଥିବେ ଥଟାମଜା ଚାଲିଥିବ, ସେ ପୁଣି ଅଶ୍ଳୀଳ ଶବ୍ଦରେ ପରସ୍ପରକୁ ଆକ୍ଷେପ। ଏ ସବୁ ଅପଶବ୍ଦ କେଉଁଠୁ ଆସିଲା କିଏ ଏହାର ସ୍ରଷ୍ଟା ମା' ଗଙ୍ଗେଇଙ୍କୁ ଜଣା। ସୋସିଆଲ ମିଡିଆରେ ତ ଏବେ ଅଶ୍ଳୀଳ ନାଚଗୀତ ଖୋଲାଖୋଲି ପ୍ରଦର୍ଶିତ ହେଉଛି। ଆଉ ମତାମତ ପୁଣି ଅଶ୍ଳୀଳ ଶବ୍ଦରେ ଭରପୂର। ସର୍ବସାଧାରଣ ସ୍ଥାନରେ ଅପଶବ୍ଦ କହୁଥିବା ପିଲା ହୁଅନ୍ତୁ କି ବ୍ୟକ୍ତି ପାଇଁ ଉଚିତ ଦଣ୍ଡ ବିଧାନ ଆବଶ୍ୟକ, ଯାହା ଫଳରେ ସଭିଏ ଚେତିବେ ଆଉ କଥାବାର୍ତ୍ତାରେ ଶାଳୀନତା ରକ୍ଷା କରି ଶୃଙ୍ଖଳିତ ମଣିଷଟିଏ ହେବାକୁ ଯତ୍ନବାନ ହେବେ। କଥାରେ ଅଛି ଶବ୍ଦ ଗଢ଼େ ପୁଣି ଭାଙ୍ଗେ। ମାତ୍ର ଗୋଟିଏ ଅପଶବ୍ଦ ସୁନ୍ଦର ସୁସମ୍ପର୍କକୁ ଭାଙ୍ଗି କରିଦିଏ ଚୂରମାର। ବାସ୍ତବରେ ଅପଶବ୍ଦ ଦୁର୍ବଳ ମଣିଷର ଏକ ପ୍ରତିକ୍ରିୟା। ମଣିଷ କ୍ରୋଧ ଈର୍ଷାରେ ଅପଶବ୍ଦ କହି ସନ୍ତୁଷ୍ଟି ତ ପାଏ ହେଲେ ପରବର୍ତ୍ତୀ ସମୟରେ ନିଜେ ନିଜର ମାନ ସମ୍ମାନ ହରାଇ ହୁଏ ଲୋକହସା।

ତୁଣ୍ଡର ଶବ୍ଦ ତୀକ୍ଷ୍ଣ ଅସ୍ତ୍ରଠାରୁ ମଧ୍ୟ ଶକ୍ତିଶାଳୀ। କେବଳ ଏହି ଶବ୍ଦ ପାଇଁ ହିଁ ଅତୀତରେ ରାମାୟଣ ମହାଭାରତ ଏବଂ ବର୍ତ୍ତମାନର ଦେଶ ଦେଶ ମଧ୍ୟରେ ଯୁଦ୍ଧ, ଅରାଜକତା, ନରସଂହାରର ବିଭୀଷିକା ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି। ଗତ କିଛିଦିନ ତଳେ କଟକ ସହର ଉପକଣ୍ଠରେ ଏକ ଗାଁରେ କ୍ରିକେଟ ଖେଳକୁ ନେଇ ତୁମୁଳକାଣ୍ଡ ଘଟିଥିବା ଘଟଣା ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। କ୍ରିକେଟ ବ୍ୟାଟରେ ମାରପିଟ ହୋଇ କିଛି ପିଲାଙ୍କର ମୁଣ୍ଡ ଫାଟି



ଥିଲା। ପରେ ଜଣାପଡ଼ି ଥିଲା ସାନ ପିଲାଟି ଜଣେ ବୟସ୍କ ବ୍ୟକ୍ତିଙ୍କୁ ଅଶ୍ଳୀଳ ଭାଷା କହିବାରୁ ଏତେ ବଡ଼ ଘଟଣା ଘଟିଥିଲା। ଏ ଘଟଣା ନୂଆ ନୁହେଁ, ଏମିତି ଖେଳରେ ଗାଳିଗୁଲଜର ମାରପିଟ ପର୍ଯ୍ୟନ୍ତ କଥା ଯାଏ। ଆଜି ଛକବଜାରରେ ଚା' ଦୋକାନ, ହୋଟେଲ, ସଉଦା, ପରିବା ଆଦି ଦୋକାନରେ କାର୍ଯ୍ୟରତ ଶିଶୁ ପିଲାଗୁଡ଼ାକଙ୍କ ମୁହଁରେ କଥା କଥାକେ ଅପଶବ୍ଦ। ପିଲାଟି ତୁଣ୍ଡରେ ଅଶ୍ଳୀଳ ଶବ୍ଦ ଓ ଗାଳିଗୁଲଜ ଏ ସବୁ ପାଇଁ ତା' ପାରିପାର୍ଶ୍ୱିକ ବ୍ୟକ୍ତିବିଶେଷ ଯେ ଦାୟୀ।

ଶିଶୁଟି ଜନ୍ମ ହେବା ପରେ ତା'ର ପ୍ରାରମ୍ଭିକ ସଂସ୍କାର ମିଳେ ପରିବାରରୁ। ବଡ଼ ଗୁରୁଜନ ଯେମିତି କଥାବାର୍ତ୍ତା ବ୍ୟବହାର କରନ୍ତି ସେ ବି ସେଇ ଅନୁରୂପ କରିବାକୁ ଲାଗେ। ଏଣୁ ପିଲାଟି ଅବାଟରେ ଗଲେ ସବୁ ଦୋଷ ବାପାମାଆଙ୍କ ଉପରକୁ ଯିବାଟା ନିଶ୍ଚିତ। ଏ ଦୁନିଆ ଭଲ ମନ୍ଦ ଉଭୟକୁ ନେଇ ଗଢ଼ା। ବ୍ୟକ୍ତି ପାଖରେ ସୁଗଣ ଆଉ ଖରାପ ଉଭୟ ଗୁଣ ଥାଏ। ଭଲ ଗୁଣ ଆପଣେଇ ଥିବା ବ୍ୟକ୍ତି ସୁନାଗରିକ ରୂପେ ଆଦର ପାଏ ଆଉ କୁଗୁଣ ଆପଣେଇ ବ୍ୟକ୍ତି ନିନ୍ଦା ଅପବାଦର ହୁଏ ହକ୍‌ଦାର।

ଭାଗବନ ବୁଦ୍ଧଙ୍କୁ ଦିନେ ଜଣେ ବ୍ୟକ୍ତି ଖୁବ ଗାଳି କଲେ। ବୁଦ୍ଧ ଏହାର କୌଣସି ପ୍ରତିକ୍ରିୟା ଦେଲେନି। ଲୋକଟାର ରାଗ ଶାନ୍ତ ହେବା ପରେ ବୁଦ୍ଧଙ୍କୁ ପ୍ରଶ୍ନ କଲେ ତୁମକୁ ମୁଁ ଏତେ ଗାଳି କଲି ଅଥଚ ତୁମେ କୌଣସି ପ୍ରତିକ୍ରିୟା ଦେଲ ନାହିଁ କାହିଁ। ବୁଦ୍ଧ କହିଲେ, ତୁମ ପାଟି ଯାହା କହିଲା ସେଗୁଡ଼ିକ ମୁଁ ଗ୍ରହଣ କଲିନାହିଁ। ଅର୍ଥାତ ସେସବୁ ତୁମ ପାଖରେ ହିଁ ରହିଲା। ପାଟି ତୁମର ଶବ୍ଦ ବି ତୁମର ଲୋକଟି ବୁଦ୍ଧଙ୍କ ଉତ୍ତର ଶୁଣି ଲଜ୍ଜିତ ହେଲେ। ଏକ ଶିକ୍ଷିତ ତଥା ପ୍ରଗତିଶୀଳ ସମାଜ ପାଇଁ ଅଶ୍ଳୀଳ ଶବ୍ଦ, ଗାଳି ଗୁଲଜ ଆଦୌ ଶୁଭଙ୍କର ନୁହେଁ। ଅପଶବ୍ଦ କେବଳ ଅନ୍ୟ ହୃଦୟକୁ ଆଘାତ ଦିଏନି ବରଂ ପରିପାର୍ଶ୍ୱରେ ବିରୋଧ ତଥା ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରେ।

ମୋ:୯୯୩୭୯୬୩୯୧୦

## ଏଇ ଭାରତରେ

ଆଚାର ତିଆରି କରି କ୍ରିଷ୍ଣା ଯାଦବ ପ୍ରାୟ ୫ କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି। ଏବେ ଦିନକୁ ୧୦-୨୦ କୁଇଣ୍ଟାଲ ଆଚାର ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରେ ଆଚାର ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଥମେ ସେ କିଛି ଆଚାର କରି ତାହାକୁ ରାସ୍ତା କଡ଼ରେ ବିକ୍ରି କରିବା ଆରମ୍ଭ କରିଥିଲେ। ଏହି ଆଚରର ସ୍ୱାଦ ଲୋକଙ୍କୁ ଆକର୍ଷିତ କଲା ଓ ସେ ଅଧିକରୁ ଅଧିକ ଆଚାର କରି ବିକ୍ରି କଲେ। ଚାହିଦାକୁ ଲକ୍ଷ୍ୟ କରି ସେ ଶ୍ରୀକ୍ରିଷ୍ଣା ପିକଲ୍ସ କମ୍ପାନୀ ଖୋଲିଲେ । ଏହି କାର୍ଯ୍ୟରେ ବହୁ ମହିଳାଙ୍କୁ ନିଯୁକ୍ତ ଦେଇଛନ୍ତି। ଆଚାର ପ୍ରସ୍ତୁତି ପାଇଁ ତାଙ୍କୁ ୨୦୧୪ରେ ଏନ୍‌ଜି ରଙ୍ଗା ଫାର୍ମର ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କ ସ୍ୱାମୀ ଓ ତିନି ସନ୍ତାନଙ୍କ ସହ ଖୁସିରେ ଉତ୍ତର ପ୍ରଦେଶର ଏକ ଛୋଟ ଗାଁରେ ରହୁଥିଲେ। କିନ୍ତୁ ଯେତେବେଳେ ତାଙ୍କ ସ୍ୱାମୀଙ୍କ ଚାକିରି ଚାଲିଗଲା ସେତେବେଳେ ସେ ଦିଲ୍ଲୀ ଚାଲିଆସିଥିଲେ ରୋଜଗାର ଅନ୍ୱେଷଣରେ। ସେଠାରେ ଏହି ଦମ୍ପତି ଅନ୍ୟମାନଙ୍କ ସହ ଭାଗୀଦାରିରେ ଚାଷ ଆରମ୍ଭ କରିଥିଲେ। ହେଲେ ଚାଷରୁ ଯାହା ରୋଜଗାର ହେଲା ସେଥିରେ ପରିବାର ଚଳିବାକୁ ଯଥେଷ୍ଟ ହେଲା ନାହିଁ। ଫଳରେ କ୍ରିଷ୍ଣା ଆଚାର ତିଆରାକରି ବିକ୍ରି କରିବାକୁ ନିଷ୍ପତ୍ତି ନେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି।

## ଚିରନ୍ତନୀ

ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହୁଁ
ମଧୁରେ ଭରିଲା କେତେ ଆଖି ଓଠ
କେତେ ଅନ୍ତରୁ ଝରିଲା ଲହୁ।

–(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତୀୟମାନେ ଅସୁଖୀ କାହିଁକି

ମହାଶୟ,

ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଂ ରିସର୍ଚ୍ଚ ସେଣ୍ଟର ଓ ଜାତିସଂଘ ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ମିଳିତ ଭାବେ ଚଳିତବର୍ଷ ପାଇଁ ପ୍ରକାଶିତ ବିଶ୍ୱ ଖୁସି ରାଷ୍ଟ୍ର ତାଲିକାରେ ଭାରତ ୧୧୮ତମ ସ୍ଥାନରେ ରହିଛି। ଗତବର୍ଷ ୧୨୬ତମ ସ୍ଥାନରେ ଥିଲା। ଗତବର୍ଷ ତୁଳନାରେ ସ୍ଥିତିରେ ସାମାନ୍ୟ ଉନ୍ନତି ହୋଇଥିବା ସତ୍ତ୍ୱେ ଏବେ ମଧ୍ୟ ୧୧୭ଟି ରାଷ୍ଟ୍ର ତଳେ ରହିଛି। ଏପରିକି ନେପାଳ, ପାକିସ୍ତାନ, ୟୁକ୍ରେନ୍ ଓ ପାଲେଷ୍ଟାଇନ୍ ପରି ଦେଶ ଭାରତ ଅପେକ୍ଷା ଭଲ ସ୍ଥିତିରେ ରହିଛନ୍ତି। ଭାରତ ସରକାର ପ୍ରତିବର୍ଷ ଏହି ରିପୋର୍ଟର ସତ୍ୟତା ସମ୍ପର୍କରେ ପ୍ରଶ୍ନ ଉଠାଇ ଚାଲିଛନ୍ତି, ଯାହାକି ଭ୍ରମାତ୍ମକ ମନେହୁଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଭାରତରେ ବିବିଧ କ୍ଷେତ୍ରରେ ଅଭୂତପୂର୍ବ ବିକାଶ ହୋଇଥିବା ବିଷୟରେ କେନ୍ଦ୍ର ସରକାର ବାରମ୍ବାର ଦାବି କରିଆସୁଥିବା ବେଳେ ଏହି ରିପୋର୍ଟ ଭିନ୍ନ ଚିତ୍ର ପ୍ରଦର୍ଶନ କରୁଛି। ଏତେ ଯଦି ବିକାଶ ହେଉଛି, ତେବେ ଦେଶବାସୀ ସର୍ବଦା ଅସୁଖୀ ରହୁଛନ୍ତି କାହିଁକି ? ଏହାର କାରଣ ଓ ନିରାକରଣ ସମ୍ପର୍କରେ ଅନୁଧ୍ୟାନ ହେବା ଜରୁରୀ ନୁହେଁ କି ?

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଘର ବାରଣ୍ଡାରୁ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

ଚମ୍ପୁଆ, (ମହେଶ୍ୱର ଦାସ):କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ଧଲାଡିହ ଗ୍ରାମରେ ସୋମବାର ସନ୍ଧ୍ୟାରେ ଘର ବାରଣ୍ଡାରେ ବସିଥିବା ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଛନ୍ତି ଲୁଟେରା। ଏନେଇ ୮୦ ବର୍ଷୀୟା ବୃଦ୍ଧା ଜୈତ୍ରାମଣୀ ପ୍ରଧାନଙ୍କ ପୁଅ ପ୍ରଶାନ୍ତ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟା ୭ଟା ୧୦ ମିନିଟ ବେଳେ ଜୈତ୍ରାମଣୀ ଘର ବାହାର ବାରଣ୍ଡାରେ ବସିଥିଲେ। ହଠାତ୍ ୨ ଯୁବକ ସେଠାରେ ପହଞ୍ଚି ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ପଳାଇ ଯାଇଥିଲେ। ପୋଲିସ ମାମଲା (ନଂ.୯୪/୨୫) ରୁଜୁ କରିଛି।

**କେନ୍ଦୁଝର**

# ହତ୍ୟାକାଣ୍ଡ ପରେ ଛାତ୍ରାବାସ ଖାଲି

କେନ୍ଦୁଝର, ୨୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳରେ ଥିବା ବେସରକାରୀ କଲେଜର ଡାଙ୍ଗରପଡ଼ାସ୍ଥିତ ଛାତ୍ରାବାସରେ ଜଳଧର ମହାନ୍ତ(୧୫) ନାମକ ଛାତ୍ରଙ୍କୁ ତାଙ୍କର ୩ଜଣ ସହପାଠୀ ହତ୍ୟା କରିବା ପରେ ଅନ୍ୟ ଛାତ୍ରଙ୍କ ଅଭିଭାବକମାନେ ଭୟଭୀତ ହୋଇପଡିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଛାତ୍ରାବାସରୁ ସେମାନଙ୍କ ପିଲାମାନଙ୍କୁ ନେଇଯାଇଛନ୍ତି।

ଘଟଣା ଦିନ ସେହି ହଷ୍ଟେଲରେ ପ୍ରାୟ ୬୦ ଛାତ୍ର ଥିଲେ। ପିଲାମାନଙ୍କର ଯତ୍ନ ନେବା ପାଇଁ ହଷ୍ଟେଲରେ ଜଣେ ୱାର୍ଡେନ ନିୟୋଜିତ ଅଛନ୍ତି। ପିଲାମାନେ ରାତି ପ୍ରାୟ ୧ଟାରେ ଶୋଇବା ପର୍ଯ୍ୟନ୍ତ ୱାର୍ଡେନ ଜାଗ୍ରତ ଥିଲେ। କିନ୍ତୁ ୱାର୍ଡେନ ଶୋଇବା ପରେ ଏହି ଘଟଣା ଘଟିଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତ ଛାତ୍ରମାନଙ୍କୁ ଧରିଥିଲା। ପିଲାମାନଙ୍କୁ ଠିକ୍ ଭାବେ ଯତ୍ନ ନେବା ସହ ପାଠ ପଢାଇବା ଦାୟିତ୍ୱ କଲେଜର ରହିଛି। ଏଣୁ ଏଭଳି ଅଘଟଣ, କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଘଟିଲା ବୋଲି ଅଭିଭାବକ ମହାସଂଘ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛି। ଅନ୍ୟପକ୍ଷରେ ୱାର୍ଡେନଙ୍କୁ ନୋଟିସ ଦେଇ ପୋଲିସ ଘଟଣାର ତଦନ୍ତ କରୁଛି। ୩ଜଣଙ୍କୁ କେନ୍ଦୁଝର ଜୁଭେନାଇଲ ଜଷ୍ଟିସ ବୋର୍ଡ ସମ୍ମୁଖରେ ହାଜର କରାଯାଇଥିଲା। ପରେ ଜାମିନ ଖାରଜ ହେବା ପରେ ମଧ୍ୟାହ୍ନରେ ରାଉରକେଲାରେ ପର୍ଯ୍ୟବେକ୍ଷଣ ଗୃହକୁ ପଠାଇ ଦିଆଯାଇଛି ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ସର୍ବଦା ଆକ୍ରମଣାତ୍ମକ ମନୋଭାବ ରଖୁଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ତେବେ ଏନେଇ କଲେଜ ପକ୍ଷରୁ ଠିକ ତଦାରଖ ଓ କାଉନସେଲିଂ କରିଥିଲେ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏକମାତ୍ର ପୁଅକୁ ହରାଇ ମୃତ ଛାତ୍ରଙ୍କ ପରିବାର ଲୋକେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିବା ସହ ଅନୁଧ୍ୟାନ କରିବା ପରେ କିଛି କହିବେ ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି।

# ‘ମିଳିତ ସହଯୋଗରେ ସମାଧାନ ସରଳ ହୋଇପାରିବ’



ବୈଠକରେ ପୋଲିସ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଚମ୍ପୁଆ, ୨୩।୪(ମହେଶ୍ୱର ଦାସ)

**ଉପଖଣ୍ଡସ୍ତରୀୟ ଆରକ୍ଷୀ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ**

ସାମ୍ପ୍ରତିକ ପରିସ୍ଥିତିରେ ଆଇନର ପରିସୀମା ଭିତରେ ରହି ପୋଲିସ ଓ ମାଜିଷ୍ଟ୍ରେଟ ମିଳିତ ସହଯୋଗରେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ବୁଧବାର ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଉପଖଣ୍ଡସ୍ତରୀୟ ଆରକ୍ଷୀ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉପସ୍ଥିତ ଅଧିକାରୀମାନେ ନିଜ ନିଜର ଅନୁଭୂତି, କାର୍ଯ୍ୟ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା, ଆଇନଶୃଙ୍ଖଳା ପରିସ୍ଥିତିରେ ସମାଧାନ, ଧାରା ୧୦୭, ୧୧୦ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ବିଶେଷ ଭାବେ ଚମ୍ପୁଆ ଏକ ଖଣିବହୁଳ ଉପଖଣ୍ଡ ହୋଇଥିବାରୁ ଦୈନନ୍ଦିନ ଘଟୁଥିବା ସଡ଼କ ଦୁର୍ଘଟଣା, ଜାତିଆଣ ଆକ୍ଷେପ କେସ୍‌ରେ ତୁରନ୍ତ ପଦକ୍ଷେପ ପାଇଁ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମିଳିତ ସହଯୋଗ ତଥା ଉଭୟଙ୍କ ସମନ୍ୱୟ ରହିଲେ ସମାଧାନ ସରଳ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ବଜ୍ରପାତ, ସାପକାମୁଡ଼ା, ପାଣିରେ ବୁଡ଼ିଯିବା, ରାସ୍ତାରୋକୋ, ଆତ୍ମହତ୍ୟା ମାମଲା ଆଦି କ୍ଷେତ୍ରରେ ସମନ୍ୱୟ ଆବଶ୍ୟକତା ବହୁତ ରହିଛି ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ପୋଲିସ ଓ ମାଜିଷ୍ଟ୍ରେଟଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏହି ବୈଠକର ଉଦ୍ଦେଶ୍ୟ ରହିଥିବା ବେଳେ ହ୍ୱାଟ୍ସ୍‌ଆପ୍ ଗ୍ରୁପ ମାଧ୍ୟମରେ କମ୍ୟୁନିକେଶନ ଦକ୍ଷତା ଉପରେ ଗୁରୁତ୍ୱ ଦେବାକୁ ଉପଜିଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଝୁମ୍ପୁରା ତହସିଲଦାର ରୋହିତ ବାଗ, ଚମ୍ପୁଆ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଉପଖଣ୍ଡର ବିଭିନ୍ନ ଥାନା ଅଧିକାରୀ, ସହକାରୀ ଜିଲାପାଳ, ଯୋଡ଼ା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଏଡିଡବ୍ଲ୍ୟୁଓ, ଆର୍‌ଆଇ, ଅବକାରୀ ଅଧିକାରୀ, ରାଜସ୍ୱ ସୁପରଭାଇଜର, ବଡ଼ବିଲ ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୯ ପରେ ଅନୁଷ୍ଠିତ ଏହି ବୈଠକକୁ ଉପସ୍ଥିତ ଅଧିକାରୀମାନେ ସ୍ୱାଗତ କରିଥିଲେ।

# ସମ୍ପର୍କ ଶିବିର: ଶତାଧିକ ଅଭିଯୋଗ ସମାଧାନ

ଢେଙ୍କିକୋଟ, ୨୩।୪ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକର ଢେଙ୍କିକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ସକାଳ ୮ଟାରେ ପଞ୍ଚାୟତ ସମିତି ଆନୁକୂଲ୍ୟରେ ସମ୍ପର୍କର ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଖଗେଶ୍ୱର ବରାଳ, ଅତିରିକ୍ତ ବିଡିଓ ଚିତ୍ତରଞ୍ଜନ ନାୟକ, ସରପଞ୍ଚ ଖଇର ନାଏକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ରାଉତ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିପିନ ଚନ୍ଦ୍ର ଖଣ୍ଡା, ଗ୍ରାମୀଣ ଆବାସ ସହାୟକ ଦୟାସାଗର ମହାନ୍ତ, ବ୍ଲକ ମନରେଗା ସହାୟକ ସୌଭାଗ୍ୟ ରଞ୍ଜନ ଜେନା, ପଞ୍ଚାୟତ ଯୋଗାଣ ସହାୟକ ସୁଦାମ ଚରଣ ବେହେରା, ହିସାବ ବୈଷୟିକ ସହାୟକ ରତ୍ନାକର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ପଞ୍ଚାୟତ ଅଧୀନ ୪ ଗ୍ରାମର ୧୧ ୱାର୍ଡରେ ଥିବା ଶତାଧିକ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଆଶୁ ସମାଧାନ କରାଯାଇଛି। ଶତାଧିକ ଅଭିଯୋଗ ସମାଧାନ ହୋଇଛି। ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ପାଇଁ ଅଭିଯୋଗ ପାଇ ବିଡିଓ ତୁରନ୍ତ ସମାଧାନ କରିଛନ୍ତି। ଜିଲାପାଳ ଏବଂ ଉପଜିଲାପାଳଙ୍କ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରି ସେ ଲୋକଙ୍କ ଅଭିଯୋଗର ସମାଧାନ କରିଥିଲେ। ରାଶନ କାର୍ଡ କଟିଥିବା କିମ୍ବା ନୂତନ ରାଶନ କାର୍ଡ ନିମନ୍ତେ ଆବେଦନ କରିଥିବା ନେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ ଅଧିକାରୀ। ତେବେ ଶିବିରରେ ତହସିଲଦାର ଉପସ୍ଥିତ ନ ଥିବାରୁ ବହୁ ହିତାଧିକାରୀ ସହାୟତା ନ ପାଇ ନିରାଶ ହୋଇ ଫେରିଥିଲେ।


ଶିବିରରେ ଲୋକେ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

# ଘରେ ପଶି ୭୦ ହଜାର ଟଙ୍କା ନେଇଗଲେ

ପାଟଣା, ୨୩।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ ଗ୍ରାମର ନାଉରୁ ମୁଣ୍ଡାଙ୍କ ଘରେ ବୁଧବାର ମଧ୍ୟାହ୍ନ ୧୨ଟାରେ ଚୋରି ହୋଇଛି। ପରିବାର ଲୋକେ ଘରେ ନ ଥିବା ବେଳେ ଦୁର୍ବୃତ୍ତ ଘର ତାଲା ଭାଙ୍ଗି ବାକ୍ସରେ ଥିବା ନଗଦ ୭୦ ହଜାର ଟଙ୍କା ଲୁଟି ନେଇଥିବା ସାହାରପଡ଼ା ଫାଣ୍ଡିରେ ନାଉରୁ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

**ମୟୂରଭଞ୍ଜ**

# ଦୋଷୀଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

ବାରିପଦା, ୨୩।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦୟେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବହଳଦା ଥାନା ଅଞ୍ଚଳର ଏମଡି. ମୁସ୍ତାକିମ(୩୫)।

ମମଲାର ବିବରଣୀ ଅନୁଯାୟୀ, ୨୦୨୩ ମାର୍ଚ୍ଚ ୮ତାରିଖରେ ଅଭିଯୁକ୍ତ ମୁସ୍ତାକିମ ସମ୍ପର୍କୀୟ ୧୨ ବର୍ଷୀୟ ନାବାଳିକାଙ୍କୁ ଗାଧୋଇବା ପାଇଁ ନିକଟସ୍ଥ ନଦୀକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପରେ ଜୀବନରୁ ମାରିଦେବାର ଧମକଚମକ ଦେଇ ବିଭିନ୍ନ ସ୍ଥାନରେ ବାରମ୍ବାର ବଳାତ୍କାର କରିଥିଲେ। ଏନେଇ ୨୦୨୩ ମାର୍ଚ୍ଚ ୩୧ତାରିଖରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୪୦/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ଉଦଳାରୁ ପଶ୍ଚିମବଙ୍ଗ କାଠ ଚାଲାଣ

ଉଦଳା, ୨୩।୪(ସନ୍ତୋଷ କୁମାର ବାଛିନୀ): ବନ ବିଭାଗକୁ ଚକ୍‌ମା ଦେଇ ଚାଲିଥିଲା କାରବାର। ଗୋଟିଏ ଜାଗା ପାଇଁ ପୁରୁଣା ଅନୁମତି ପତ୍ର ଥିବା ବେଳେ ତାକୁ ଦେଖାଇ ଲକ୍ଷ ଲକ୍ଷ ଟଙ୍କାର କାଠ ପଶ୍ଚିମବଙ୍ଗ ଚାଲାଣ କରୁଥିଲେ। ମଙ୍ଗଳବାର ରାତିରେ ବନ ବିଭାଗ ଏକ କାଠ ବୋଝେଇ ଟ୍ରକ୍ ଜବତ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଉଦଳା ବନ ବିଭାଗ କର୍ମଚାରୀ ମାଟିହୁଡ଼ି ଅଞ୍ଚଳରେ ଚଢ଼ାଉ କରିବା ବେଳେ ଟ୍ରକ୍‌ରେ ୟୁକାଲି ପଟାସ କାଠ ଗଣ୍ଡି ଲୋଡ୍ ହେଉଥିବା ଦେଖିବାକୁ ପାଇଥିଲା। ଏହି କାଠ ସବୁ ଉଦଳା ରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲା। କାଠ କାଟି ନେବା ପାଇଁ ଗଛ କଟାଯାଉଥିବା ଜମିର ଟ୍ରେସ ଏବଂ ବଦର ବାହାର କରାଯିବାର ନିୟମ ଥିବା ବେଳେ କାଠ ଚାଲାଣକାରୀ ଅନ୍ୟ ଏକ ଜମିର ପୂର୍ବରୁ କଟା ଯାଇଥିବା ଟ୍ରେସ ବଦର ଦେଖାଇ ବେଆଇନ ଭାବେ କାଠ ଚାଲାଣ କରୁଥିବା ଜାଣି ବନ ବିଭାଗ ଗାଡ଼ିକୁ ଜବତ କରିଥିଲା। ଜବତ କାଠର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଉଦଳା ରେଞ୍ଜର ଜଗଦିଶ ଦାସ କହିଛନ୍ତି।

# ଯୁବକଙ୍କ ମୃତଦେହ ଜବତ

ମୋରଡ଼ା, ୨୩।୪(ସ୍ୱାରକ ମାଝୀ): ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳର ଏକ କେନାଲ ପାର୍ଶ୍ୱରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ପାକଟିଆ ପଞ୍ଚାୟତ ଧରମପୁରା ଗ୍ରାମର ରବୀନ୍ଦ୍ର ମାଝୀ(୩୬)। ସୂଚନା ଅନୁଯାୟୀ, ରବୀନ୍ଦ୍ର ଗତ ସୋମବାର ଜଳେଶ୍ୱର ଅଞ୍ଚଳକୁ କାମ କରିବାକୁ ଘରୁ ବାହାରି ଯାଇଥିବା ବେଳେ ଆଉ ଫେରି ନ ଥିଲେ। ତେବେ ବୁଧବାର ସକାଳ ୭ଟାରେ ପାକଟିଆ ଛକ ନିକଟରେ ଥିବା ସୁବର୍ଣ୍ଣରେଖା କେନାଲ ରାସ୍ତା କଡ଼ରେ ସନ୍ଦେହଜନକ ଅବସ୍ଥାରେ ରବୀନ୍ଦ୍ରଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୯/୨୫) ରୁଜୁ ହୋଇଛି ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ


ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ସନାତନ ବିଜୁଳିଙ୍କ ସମେତ ଅନ୍ୟମାନେ।

**ବୈଶିଙ୍ଗା, ୨୩।୪(ରତନ ଦାଶ):** ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କ୍ରମରେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୋଠବାଡ଼ିଠାରେ ଏକ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ଏହାପରେ ଆଗ୍ରିଆ ଗ୍ରାମରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଅଙ୍ଗନୱାଡି କେନ୍ଦ୍ରର ଭୂମିପୂଜନ ଓ ଶିଳାନ୍ୟାସ କରାଯାଇଛି। ଏଥିସହିତ ଆଗ୍ରିଆଠାରେ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜନ ଓ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମସ୍ତ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକ୍ ଅଧ୍ୟକ୍ଷା କୌଶଲ୍ୟା ମାଝୀ , ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର, ସ୍ଥାନୀୟ ସରପଞ୍ଚ ମିନତୀ ସିଂ , ଭାଜପା ମଣ୍ଡଳ ସଭାପତି ଜୀବନ ପରିଡ଼ା ଏବଂ ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।



# ମେୟରଙ୍କୁ କଡ଼ା ଜବାବ ଦେଲେ ଗିରିବାଳା


**କଟକ,୨୩।୪(ଶିଳ୍ପା ପ୍ରିୟଦର୍ଶିନୀ)**

## ବିଧାୟିକା ସୋଫିଆଙ୍କ ସମୀକ୍ଷା ବୈଠକକୁ ନେଇ ସମାଲୋଚନା କଲେ ସୁବାସ

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ଉପରେ ବର୍ଷିଛନ୍ତି କଟକ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା। ବୁଧବାର କଟକ ସଇଦାନୀ ବଗିଚାସ୍ଥିତ କାର୍ଯ୍ୟାଳୟରେ ଗିରିବାଳା ଗଣମାଧ୍ୟମକୁ କହିଛନ୍ତି, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ମେୟରଙ୍କ ନାହିଁ। ସିଏମ୍‌ସିରେ ବୈଠକ ସମ୍ପର୍କରେ କମିଶନରଙ୍କୁ ଅଗବତ କରାଯାଇଥିଲା। ଏପରି କି ଅତିରିକ୍ତ କମିଶନର ଓ ଯନ୍ତ୍ରୀ ବୈଠକରେ ଉପସ୍ଥିତ ଥିଲେ। ସେଠାରେ ମେୟରଙ୍କ ଭୂମିକା ନ ଥିଲା ଏବଂ କମିଶନରଙ୍କୁ ଜଣାଇବା ପରେ ମେୟରଙ୍କୁ ଜଣାଇବାର କୌଣସି ଆବଶ୍ୟକତା ନ ଥିଲା। ମେୟରଙ୍କ ସିଟ୍ କେଉଁଠୁ ଆସିଲା। ସେ ସିଟ୍ ତାଙ୍କର ନୁହେଁ ତାହା ସିଏମ୍‌ସି କାର୍ଯ୍ୟାଳୟର। ମେୟର କଟକ ସହରକୁ ୟୁରୋପ ଦେଶରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ, ହେଲେ କଟକର ଚିତ୍ର ଓଲଟା ହୋଇ ବିପର୍ଯ୍ୟସ୍ତ ଅବସ୍ଥାକୁ ଗଲାଣି। ସେଥିପ୍ରତି ତାଙ୍କର ଧ୍ୟାନ ନାହିଁ। ଜଣେ ବିଧାୟିକାଙ୍କୁ ସମାଲୋଚନା କରିବା ନିନ୍ଦନୀୟ। ମେୟର ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ। ମେୟର ବିଧାୟିକାଙ୍କୁ ଭୁଲ ମାଗିବା ଜରୁରୀ ବୋଲି ବେହେରା କହିଛନ୍ତି। ଅପରପକ୍ଷରେ ମେୟର ସିଂ କହିଛନ୍ତି, ଗିରିବାଳା କଂଗ୍ରେସର ବରିଷ୍ଠ ନେତ୍ରୀ ହୋଇଥିବେ। ହେଲେ ସେ ଏଭଳି ପ୍ରଶ୍ନ କରିବା ପୂର୍ବରୁ ନିଜ ସୀମା ବିଷୟରେ ଜାଣିବା ଜରୁରୀ।

ସୂଚନାଯୋଗ୍ୟ, ସିଏମ୍‌ସି ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଧାୟିକା ସୋଫିଆ ଫିର୍ଦ୍ଦୋସ ସିଏମ୍‌ସିର ଅତିରିକ୍ତ କମିଶନର ଓ ବିଭାଗୀୟ ଯନ୍ତ୍ରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ବୈଠକ ପରେ ବୁଧବାର ମେୟର ସିଂ ବିଧାୟିକାଙ୍କୁ ସମାଲୋଚନା କରିଛନ୍ତି। ସୁବାସ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଗଣମାଧ୍ୟମ ସମ୍ମୁଖରେ ସିଏମ୍‌ସିର ଅପପ୍ରଚାର କରିବା ବିଧାୟିକା ସୋଫିଆଙ୍କର କୌଣସି ଅଧିକାର ନାହିଁ। ଏପରି କି ମେୟର, କମିଶନରଙ୍କ ସିଟ୍‌ରେ ବସିବାକୁ ତାଙ୍କୁ କିଏ ଅଧିକାର ଦେଲା। ଏଥିପାଇଁ ମୁଁ କମିଶନରଙ୍କୁ କୈଫିୟତ ମାଗିଛି। ସିଏମ୍‌ସିର ଅଫିସରଙ୍କୁ ତାଗିଦା କରିବାକୁ ବିଧାୟିକା କିଏ। ସେ ସମସ୍ତ ବିଷୟରେ ମେୟର ଓ କମିଶନରଙ୍କୁ ଜଣାଇବା ଦରକାର ଥିଲା। ହେଲେ ଆମ ଅଜାଣତରେ ବିଧାୟିକା ସିଏମ୍‌ସିରେ ଏଭଳି ବୈଠକ କରିବା ଶୋଭାପାଉନି। ବିଧାୟିକା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅସମ୍ମାନ କରିଛନ୍ତି। ତାଙ୍କର କ୍ଷମତା କେବଳ ବିଧାନସଭାରେ ସୀମିତ। ସେଠାରେ ସେ କଟକ ସହର ପାଇଁ ଲଢ଼ିବା ଆବଶ୍ୟକ। କେବଳ ଗଣମାଧ୍ୟମରେ ଆସିବାକୁ ସେ ଏଭଳି ବୈଠକର ଆଳ କରିଛନ୍ତି।

# ବିଜେଡିକୁ ଫେରିଲେ ସମିତି ସଭ୍ୟ



ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଉତ୍ତରୀୟ ଦେଇ ସମିତି ସଭ୍ୟ ହରିମୋହନ ଭତ୍ରାଙ୍କୁ ସ୍ୱାଗତ କରୁଛନ୍ତି।

**ଉମରକୋଟ, ୨୩।୪(ସନ୍ତୋଷ ଶତପଥୀ)**

- ଭାଜପାରେ ମିଶିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ଫଟୋ
- ଭାଜପାରେ ମିଶିଥିବା କଥାକୁ ଖଣ୍ଡନ କଲେ ଭତ୍ରା

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭଣ୍ଡାରିଗୁଡ଼ା ପଞ୍ଚାୟତ ସମିତି ସଭ୍ୟ ହରି ମୋହନ ଭତ୍ରା ବୁଧବାର ବିଜେଡିରେ ମିଶିଛନ୍ତି। ସେ ପୂର୍ବରୁ ବିଜେଡିରେ ସକ୍ରିୟଭାବେ କାମ କରୁଥିଲେ। କିନ୍ତୁ କିଛିଦିନ ତଳେ ସେ ଭାଜପାରେ ମିଶିଥିବା ନେଇ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

ବୁଧବାର ନବରଙ୍ଗପୁର ଜିଲା ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀଙ୍କ ଉମରକୋଟ୍‌ସ୍ଥିତ ବାସଭବନରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଠାରେ ହରିମୋହନ ଭତ୍ରା ଆସି ଦଳରେ ମିଶିଥିଲେ। କିଛିଦିନ ତଳେ ଭାଜପାରେ ମିଶିଥିବା ନେଇ ଯେଉଁ ଫଟୋ ଭାଇରାଲ ହୋଇଥିଲା ସେ ସମ୍ପର୍କରେ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିଲେ। କିଛିଦିନ ତଳେ ଏକ ଅଭିଯୋଗ ନେଇ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କ ନିକଟକୁ ଯାଇଥିବାବେଳେ ସେଠାରେ ଭାଜପା ଉତ୍ତରୀୟ ଦିଆଯାଇଥିଲା। ଏହାପରେ ଫଟୋ ଉଠାଇ ତାହାକୁ ସାମାଜିକ ଗଣାମାଧ୍ୟମରେ ଭାଇରାଲକରି ଭାଜପାରେ ମିଶିଥିବା କୁହାଯାଇଥିବା ହରିମୋହନ କହିଛନ୍ତି। ସବୁବେଳେ ବିଜେଡିର ଏକ ଶୃଙ୍ଖଳିତ କର୍ମୀ, ବିଜୁ ପରିବାର ମୋର। ବିଜେଡିରେ ଥିଲି, ଅଛି ଓ ରହିବି ବୋଲି ସେ କହିଥିଲେ। ଏହି ମିଶ୍ରଣ ପର୍ବ ସମୟରେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, କାରାଗାଁ ସମିତି ସଭ୍ୟ ବିକ୍ରମ ସିଂ, ପୋଡ଼ାଗଡ଼ ପୂର୍ବତନ ସରପଞ୍ଚ ଉଦ୍ଧବ ନାୟକ, ଅଜିତ ପ୍ରଧାନ, ସରପଞ୍ଚ ଜଗଦୀଶ ଗଣ୍ଡ ଏବଂ ବଡଭରଣ୍ଡି ପୂର୍ବତନ ସରପଞ୍ଚ ଟଙ୍କଧର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଭଣ୍ଡାରୀଗୁଡ଼ା ସମିତି ସଭ୍ୟ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୋହନ ସରକାରଙ୍କ ଲୋକ ପ୍ରିୟତାକୁ ଦେଖି ସ୍ୱଇଚ୍ଛାରେ ଭାଜପାରେ ମିଶିଥିଲେ। ସେ ବିଜେଡିରେ କୋଣ ଠେସା ହୋଇ ରହିଛନ୍ତି ବୋଲି ମୋ ନିକଟରେ କହିଥିଲେ। ତାଙ୍କ ନିରୀହତାକୁ ଦେଖି ଭାଜପାରେ ମିଶାଯାଇଥିଲ। କିନ୍ତୁ ଆଜି ସେ ବୁଧବାର ବିଜେଡିରେ ମିଶିଥିବା ଶୁଣିଲି ବୋଲି ବିଧାୟକ କହିଛନ୍ତି ।

# ପହଲଗାମ ଆକ୍ରମଣ ଘଟଣାକୁ କଂଗ୍ରେସର ନିନ୍ଦା




ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ନରସଂହାରକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

**ଭୁବନେଶ୍ୱର,୨୩।୪(ରବିନାରାୟଣ ଜେନା)**

ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀ ଘଟାଇଥିବା ନରସଂହାରକୁ ରାଜ୍ୟ କଂଗ୍ରେସ ଘୋର ନିନ୍ଦା କରିଛି। ଏହି ଅବସରରେ ରାଜ୍ୟ କଂଗ୍ରେସ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସକହିଥିଲେ, ପାହଲଗାମ ନରସଂହାରରେ ୨୬ ଜଣ ମୃତକ ପର୍ଯ୍ୟଟକମାନଙ୍କ ଶୋକାକୂଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ୩୬ ଆହତ ବ୍ୟକ୍ତିମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ। ବାଲେଶ୍ୱର ରେମୁଣାର ପ୍ରଶାନ୍ତ ଶତପଥୀଙ୍କ ପରିବାର ସହ ଏହି ଦୁଃଖଦ ସମୟରେ ଆମେ ରହିଛି ବୋଲି ସେ କହିଥିଲେ।

ଦେଶର ଏଭଳି ସଙ୍ଗୀନ ସମୟରେ ଦେଶବାସୀ ଏକାଠି ବିଚ୍ଛିନ୍ନତାବାଦୀ ତତ୍ୱ ମାନଙ୍କ ବିରୁଦ୍ଧରେ ଲଢ଼ିବା ଲାଗି ବରିଷ୍ଠ ନେତାମାନେ କହିଛନ୍ତି। ଏଥିପାଇଁ ସର୍ବଦଳୀୟ ବୈଠକ ଡକାଯାଇ ମିଳିତ ଭାବେ ଦେଶ ଏଭଳି ଧାର୍ମିକ ମତାନ୍ଧତା ଓ ଉନ୍ମାଦର ମୁକାବିଲା କରିବା ଉଚିତ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଛି। ଏହି ସଭାରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ଓ ପୂର୍ବତନ ପିସିସି ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଧୂମୁଛାଇ ସମିତିସଭ୍ୟ ଉପନିର୍ବାଚନ ଭୋଟ୍ ଗଣତି ଆଜି

**ବେଲଗୁଣ୍ଠା,୨୩।୪( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**

ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଧୂମୂଛାଇ ପଞ୍ଚାୟତର ସମିତିସଭ୍ୟ ପାଇଁ ଉପନିର୍ବାଚନ ଶେଷ ହୋଇଛି। ୧୫ ବୁଥ୍‌ରେ ଏହି ନିର୍ବାଚନ ଶେଷ ହେବା ପରେ କଡ଼ା ସୁରକ୍ଷା ବଳୟରେ ସମସ୍ତ ଭୋଟ୍ ବାକ୍ସକୁ ବେଲଗୁଣ୍ଠା ବ୍ଲକ୍‌ରେ ଷ୍ଟ୍ରଙ୍ଗ୍ ରୁମରେ ସିଲ୍ କରି ରଖାଯାଇଛି। ପଞ୍ଚାୟତର ମୋଟ୍ ୫୪୨୯ ଜଣ ଭୋଟରଙ୍କ ମଧ୍ୟରୁ ୩୦୬୬ ଜଣ ଭୋଟରଙ୍କ ନିଜ ମତ ସାବ୍ୟସ୍ତ କରିଥିଲେ। ୫୬ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ହୋଇଥିଲା। ଗୁରୁବାର ସକାଳ ୮ରୁ ୫ ପର୍ଯ୍ୟାୟରେ ଭୋଟ୍ ଗଣତି ହେବ ବୋଲି ସୂଚନା ମିଳିଛି। ନିର୍ବାଚନରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ବେଳେ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଏବଂ ଦଶଜଣ ଅଫିସର୍ ମୁତୟନ ରହିଥିଲେ। ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ, ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନ ପ୍ରମୁଖ ବିଭିନ୍ନ ବୁଥ୍ ପରିଦର୍ଶନ କରି କରି ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ।

# କାଇମାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

**ଢେଙ୍କାନାଳ,୨୩।୪(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକ କାଇମାଟି ଗ୍ରାମପଞ୍ଚାୟତ ସରପଞ୍ଚ ଅମିତଜ୍ୟୋତି ସ୍ୱାଇଁଙ୍କ ବିରୋଧରେ ବୁଧବାର ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଲିଖିତ ଭାବରେ ଜଣାଯାଇଛି। ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ଜଣଙ୍କ ଦସ୍ତଖତରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଅନାସ୍ଥା ପ୍ରସ୍ତାବ ଆଗତକାରୀ ୱାର୍ଡ ମେମ୍ବରଙ୍କ ଅଭିଯୋଗ ଅନୁଯାୟୀ ସରପଞ୍ଚ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଜନବିରୋଧୀ କାର୍ଯ୍ୟ କରିଛନ୍ତି। ଗ୍ରାମପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଗ୍ରାମସଭା କିମ୍ବା ପଞ୍ଚାୟତ ବୈଠକ ଅନୁଷ୍ଠିତ ହେଉନାହିଁ। ଗ୍ରାମପଞ୍ଚାୟତର ବାର୍ଷିକ ଆୟବ୍ୟୟ କୌଣସି ବୈଠକରେ ଅନୁମୋଦିତ ହେଉନାହିଁ । ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ କୌଣସି ବୈଠକ ଡକାଯିବାର ସୂଚନା ଦିଆଯାଉନାହିଁ କୌଣସି କାର୍ଯ୍ୟ ସରକାରୀ ନିୟମ ମୁତାବକ ହେଉନାହିଁ । ଫଳରେ ସରକାରଙ୍କ ବହୁ ଜନହିତକର ଯୋଜନାରୁ ଅନେକ ଯୋଗ୍ୟ ବ୍ୟକ୍ତି ବଞ୍ଚିତ ହେଉଛନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରେ ୨ନଂ ୱାର୍ଡ ମେମ୍ବର ଗୁନୁବାଳା ନାୟକ, ୮ନଂର ସ୍ମିତା ରାଉତ, ୫ନଂର ସସ୍ମିତା ପଧାନ, ୩ନଂର ସୁଶିଳା ଦେହୁରୀ, ୯ନଂର ନିରଞ୍ଜନ ନାୟକ, ୪ନଂର ପର୍ଶୁରାମ ଦେହୁରୀ, ୧୦ନଂର ବବୁଲୁ ଦେହୁରୀ ଓ ୭ନଂ ୱାର୍ଡର ସାଗରିକା ଦାସ । ଏ ସଂକ୍ରାନ୍ତରେ ଉପଜିଲାପାଳ ବିବୁଧ ଗଡନାୟକ କୁହନ୍ତି, ଅନାସ୍ଥା ପ୍ରସ୍ତାବ ଆବେଦନକୁ ଯାଞ୍ଚ କରାଯିବ । ୱାର୍ଡ ସଭ୍ୟାସଭ୍ୟଙ୍କ ଦସ୍ତଖତ ମଧ୍ୟ ଯାଞ୍ଚ ହେବା ଏସବୁ ପ୍ରକ୍ରିୟା ସରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## Business

# ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ

## ୪ ନିଗମ ଦେଲେ ୨୦୬ କୋଟି

**ଭୁବନେଶ୍ୱର,୨୩।୪(ସୁନିତ୍ ମିଶ୍ର)**




ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଗମର ଲାଭାଂଶ ପ୍ରଦାନ କରୁଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧୀନ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହିଭଳି ଭାବେ ୪ଟି ନିଗମ ମୋଟ୍ ୨୦୫ କୋଟି ୮୬ ଲକ୍ଷ ୭୦ ହଜାର ୩୧୩ ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି। ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁ ଓଡ଼ିଶା ବର୍ତ୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫% ପ୍ରଦାନକରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ଅବସରରେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି।


# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୩।୪**

କ୍ରମାଗତ ସପ୍ତମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨୧ (୫୨୦.୯୦) ପଏଣ୍ଟ ବୃଦ୍ଧି ଘଟି ୮୦,୧୧୬ (୮୦,୧୧୬.୪୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୬୨ (୧୬୧.୭୦) ପଏଣ୍ଟ ବଢି ୨୪,୩୨୯ (୨୪,୩୨୮.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଓଡ଼ିଶାରେ ଜିଓ ଏୟାରଫାଇବର ଅଗ୍ରଣୀ

**ଭୁବନେଶ୍ୱର,୨୩।୪**




ରିଲାଏନ୍ସ ଜିଓ ଓଡ଼ିଶା ବଜାରରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ଏପରିକି ୫ଜି ଏଫଡବ୍ଲ୍ୟୁଏ ହୋମ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଜିଓ ସର୍ବାଧିକ ପସନ୍ଦର ସେବା ପ୍ରଦାନକାରୀ ଭାବେ ନିଜର ପ୍ରାଧାନ୍ୟ ବିସ୍ତାର କରିଛି। ଜିଓର ୫ଜି ଏଫଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ଏହି କ୍ଷେତ୍ରରେ ୮୭%ରୁ ଅଧିକ ଗ୍ରାହକ ବଜାର ଅଂଶ ରାଜ୍ୟରେ ହାସଲ କରିଛି। ଚଳିତ ସପ୍ତାହରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ସେହିଭଳି ପ୍ରଥମ ଥର ପାଇଁ ଟ୍ରାଇ ପୃଥକ ଭାବେ ୫ଜି ଏଫଡବ୍ଲ୍ୟୁଏ ବା ଏୟାର ଫାଇବର ଗ୍ରାହକ ସଂଖ୍ୟା ଘୋଷଣା/ପ୍ରକାଶ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ଏହି ତଥ୍ୟ ଅନୁଯାୟୀ ୨୦୨୫ ଜାନୁୟାରୀ ୩୧ ସୁଦ୍ଧା ରିଲାଏନ୍ସ ଜିଓର ୫ଜି ଏଫଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ୧.୩ ଲକ୍ଷରୁ ଅଧିକ ଏୟାର ଫାଇବର ଗ୍ରାହକ ସହିତ ବେଶ ଆଗରେ ରହିଥିବାବେଳେ ଏହା ପଛକୁ ଭାରତୀ ଏୟାରଟେଲ ୧୮,୦୦୦ ଗ୍ରାହକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏପରିକି ଟ୍ରାଇର ତଥ୍ୟ ଅନୁଯାୟୀ ୨୦୨୫ ଜାନୁୟାରୀ ୨୦୨୫ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ୫ଜି ଏଫଡବ୍ଲ୍ୟୁଏ ବା ଏୟାରଫାଇବର ଗ୍ରାହକ ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିଛି। ସେହିପରି ଜାତୀୟ ସ୍ତରରେ ମଧ୍ୟ ଜିଓ ୫ଜି ଏଫଡବ୍ଲ୍ୟୁଏ ବା ଏୟାରଫାଇବର କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି ଏବଂ ଜିଓ ଏୟାରଫାଇବର ଦେଶରେ ଏହି କ୍ଷେତ୍ରରେ ୮୪%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଦେଶରେ ଜିଓର ୪୮ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲ୍ୟୁଏ ବା ଜିଓ ଏୟାରଫାଇବର ଗ୍ରାହକ ରହିଥିବାବେଳେ ଏହା ପଛକୁ ଏୟାରଟେଲର ଦେଶରେ ପ୍ରାୟ ୮ଲକ୍ଷ ୫ଜି ଏଫଡବ୍ଲ୍ୟୁଏ ଗ୍ରାହକ ରହିଥିଲେ।

# ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ

**ଭୁବନେଶ୍ୱର,୨୩।୪**

ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା ତଥା ଗ୍ୟାରେଣ୍ଟେଡେଡ୍ ଇନ୍‌କମ୍ ପ୍ଲାନ୍ 'ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଇଣ୍ଡିଭିଜୁଆଲ, ନନ୍-ଲିଙ୍କ୍‌ଡ, ନନ୍-ପାର୍ଟିସିପେଟିଂ ଲାଇଫ୍ ଇନ୍ସ୍ୟୁରାନ୍ସ ସେଭିଙ୍ଗ ପ୍ରଡକ୍ଟ ହୋଇଥିଲାବେଳେ ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ ପ୍ରିମିୟମ ପେମେଣ୍ଟ ଅବଧି, ବୀମା ଅବଧି, ପେଆଉଟ ଅବଧି ଓ ଆୟ ଆବୃତ୍ତି ବିକଳ୍ପଗୁଡିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରୁଛି। ବୀମାଧାରକମାନେ ମାସିକ, ଅର୍ଦ୍ଧବାର୍ଷିକ କିମ୍ବା ବାର୍ଷିକ ଭାବେ ପ୍ରିମିୟମ ପଇଠ କରିବା ଏବଂ ବାର୍ଷିକ, ଅର୍ଦ୍ଧବାର୍ଷିକ, ତ୍ରୈମାସିକ ଓ ମାସିକ ଭାବେ ପେଆଉଟ ପାଇବା ପାଇଁ ଚୟନ କରିପାରିବେ। ଏହି ବୀମା ଯୋଜନା ଆର୍ଥିକ ଚିନ୍ତାଗୁଡ଼ିକୁ ସେମାନଙ୍କର ସ୍ୱପ୍ନର ପଥରେ ଯେପରି ପ୍ରତିବନ୍ଧକ ନ ହୁଏ ତାହା ନିଶ୍ଚିତ କରିଥାଏ। ଏହା କେବଳ ଏକ ବୀମା ନୁହେଁ, ଏକ ପ୍ରତିବଦ୍ଧତା । ଯାହା ସବୁ ପରିସ୍ଥିତିରେ ଆପଣଙ୍କର ପିଲାଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିଥାଏ, ସେମାନଙ୍କର ଲକ୍ଷ୍ୟ ଓ ଆକାଂକ୍ଷାଗୁଡ଼ିକୁ ହାସଲ କରିବାରେ ସାହାଯ୍ୟ କରିଥାଏ । ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ସୁପ୍ରିମ ଅନେକ ପ୍ରମୁଖ ଲାଭ ପ୍ରଦାନ କରିଥାଏ । ପ୍ରିମିୟମ ପେମେଣ୍ଟ ସଫଳ ରୂପେ ଶେଷ ହେବା ପରେ ଏହି ଯୋଜନା ଜୀବନଯାପନ ଖର୍ଚ୍ଚ ଓ ଶିକ୍ଷା ଭଳି ଜରୁରୀ ଖର୍ଚ୍ଚଗୁଡ଼ିକୁ କଭରକରି ପିଲାଙ୍କ ପାଇଁ ସ୍ଥିର ଆୟ ସୁନିଶ୍ଚିତ କରିଥାଏ, ଯାହା ପିଲାଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିଥାଏ। ଯଦିଓ ବଜାରର ଅସ୍ଥିରତା ବେଳେବେଳେ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିପାରେ ତଥାପି ପରିବାରଗୁଡିକ ପାଇଁ ଜୀବନର ପ୍ରମୁଖ ପର୍ଯ୍ୟାୟ ଯେପରିକି ସ୍କୁଲ, କଲେଜ ଓ ବିବାହ ଆଦି ପାଇଁ ଆଗୁଆ ଯୋଜନା କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

# ଜେଇଇ ମେନ୍‌ରେ ଆଲେନ୍ କୋଟାର ବାଜିମାତ୍

**ଭୁବନେଶ୍ୱର,୨୩।୪ (ଅଭୟ ଦାଶ)**




ଜେଇଇ ମେନ୍‌ରେ ସଫଳତା ହାସଲ କରିଥିବା ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରମାନଙ୍କ ସମେତ ଆଲେନ୍‌ର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଚଳିତ ବର୍ଷ ମଧ୍ୟ ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ପ୍ରବେଶିକା ପରୀକ୍ଷାର ଅଗ୍ରଣୀ କୋଚିଂ ସେଣ୍ଟର 'ଆଲେନ୍ କୋଟା' ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେଶନ ବା ଜେଇଇ ମେନ୍-୨୦୨୫ ଫଳାଫଳରେ ବାଜିମାତ୍ କରିଛି।

ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ଜେଇଇ ମେନ୍-୨୦୨୫ ଫଳାଫଳରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରମାନେ ସେମାନଙ୍କର ଉତ୍କର୍ଷ ପ୍ରମାଣିତ କରିଛନ୍ତି। ଏପର୍ଯ୍ୟନ୍ତ ଦେଖାଯାଇଥିବା ଫଳାଫଳରେ ଆଲେନ୍‌ର ୩୩ଜଣ ଛାତ୍ର ଶ୍ରେଷ୍ଠ ୧୦୦ ଅଲ୍ ଇଣ୍ଡିଆ ର୍ୟାଙ୍କ(ଏଆଇଆର)ରେ ସ୍ଥାନ ପାଇଥିଲାବେଳେ ସେମାନଙ୍କ ମଧ୍ୟରୁ ଆଲେନ୍ କୋଟା କ୍ଲାସ୍‌ରୁମ୍ ଛାତ୍ର ଓମ୍‌ପ୍ରକାଶ ବେହେରା ୩୦୦/୩୦୦ ନମ୍ବର ସହ ଅଲ୍ ଇଣ୍ଡିଆ ର୍ୟାଙ୍କ ବା ଏଆଇଆର୍ ୧ ସ୍ଥାନରେ ରହିଛନ୍ତି। ସେହିଭଳି ଶ୍ରେଷ୍ଠ ୨୫ ମଧ୍ୟରେ ଆଲେନ୍ କୋଟାର ୧୧ ଛାତ୍ର ଥିଲାବେଳେ ୨୦ ଛାତ୍ୟ ରାଜ୍ୟ ଟପ୍ପର ହୋଇଛନ୍ତି। ଏପରିକି ସାରା ଦେଶର ୨୪ ଜଣ ଛାତ୍ର ୧୦୦% ନମ୍ବର ରଖିଥିବାବେଳେ ଆଲେନ୍‌ର ୧୧ ଜଣ ଛାତ୍ର ଶତ ପ୍ରତିଶତ ବା ୧୦୦ ପ୍ରସେଣ୍ଟାଇଲ ସ୍କୋର କରିଛନ୍ତି। ସେହିପରି ରାଜସ୍ଥାନର ୭ ଜଣ ଛାତ୍ର ୧୦୦ ପ୍ରତିଶତ ସ୍କୋର ପାଇଛନ୍ତି, ସେମାନଙ୍କ ମଧ୍ୟରୁ ୬ ଜଣ ଆଲେନ୍ କୋଟା ଶ୍ରେଣୀଗୃହର ଛାତ୍ର ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଆଲେନ୍‌ର ସିଇଓ ନୀତିନ କୁକ୍ରେଜା କହିଛନ୍ତି, ଆଲେନ୍ ମେଡିକାଲ୍, ଇଞ୍ଜିନିୟରିଂ ଏବଂ ଜୁନିୟର ସ୍ତରର ପରୀକ୍ଷାରେ ଉତ୍କୃଷ୍ଟ ଶୈକ୍ଷିକ ଫଳାଫଳର ମହାନ ପରମ୍ପରାକୁ ବଜାୟ ରଖିଛି।

# ୯.୭୫% ବାର୍ଷିକ ହାରରେ ନୂଆ ସୁଧ ହାର

**ଭୁବନେଶ୍ୱର,୨୩।୪**

ଦେଶର ଏକ ପ୍ରମୁଖ ୱେଲଥ-ଟେକ୍ ପ୍ଲାଟଫର୍ମ ପେଟିଏମ୍ ମନି ତା'ର ସୁଧ ହରାକୁ କମାଇଥିଲାବେଳେ 'ପେ ଲେଟର୍ (ମାର୍ଜିନ୍ ଟ୍ରେଡିଂ ଫ୍ୟାସିଲିଟି-ଏମଟିଏଫ)' ସେବା ପାଇଁ ନୂଆ ଅନୁକୂଳ ସୁଧ ହାର ଓ ବ୍ରୋକେରେଜ୍ ଢାଞ୍ଚା ଘୋଷଣା କରିଛି। ଏପରିକି ନୂଆ ସ୍ଲାବ୍ ଆଧାରିତ ସୁଧ ହାର ୯.୭୫% ବାର୍ଷିକ ହାରରେ ଆରମ୍ଭ ହେଉଛି, ଯାହା ପୂର୍ବରୁ ଥିବା ୧୪.୯୯% ହାରରୁ ଘଟିଛି। ଏହା ଫଣ୍ଡିଂ ବୁକ୍ ସାଇଜ୍ ଉପରେ ନିର୍ଭର କରିଥାଏ। ଏହା ସହିତ ଏହି ପ୍ଲାଟଫର୍ମ ୦.୧% ପ୍ରତି ଟ୍ରେଡ୍ ବ୍ରୋକେରେଜ୍ ହାର ମଧ୍ୟ ରଖିଛି, ଯାହା ସୁଲଭତା ଓ ପ୍ଲାଟଫର୍ମ ବଜାଇ ରଖିବାକୁ ସମନ୍ୱୟ କରିଥାଏ। ଏହି ଲଘୁ ମୂଲ୍ୟ ଅନ୍ତର୍ଗତ ବର୍ତ୍ତମାନ ରିଟେଲ୍ ନିବେଶକମାନେ ୯.୭୫% ସୁଧ ହାରରେ 'ପେ ଲେଟର୍ (ଏମଟିଏଫ) ସେବା ଉପଲବ୍ଧ କରିପାରିବେ। ସେହିଭଳି ୨୫ ଲକ୍ଷରୁ ଅଧିକ ଫଣ୍ଡିଂ ବୁକ୍ ଥିବା ଉଚ୍ଚ ମୂଲ୍ୟର ଟ୍ରେଡର୍ମାନେ ମଧ୍ୟ ଏହି ସମ ହାରରୁ ଲାଭ ଉଠାଇପାରିବେ। ଏପରିକି ୧ଲକ୍ଷରୁ ୨୫ ଲକ୍ଷ ବୁକ୍ ସାଇଜ୍ ଥିବା ନିବେଶକମାନେ ୧୪.୯୯% ସୁଧ ହାର ଅନୁସରଣ କରିବେ। ଏ ସମ୍ପର୍କରେ ପେଟିଏମ୍ ମନିର ପ୍ରବକ୍ତା କହିଥିଲେ, ଭାରତରେ ସମ୍ପତ୍ତି ପରିଚାଳନାକୁ ଲୋକମାନଙ୍କ ପାଖକୁ ନେବା ଲକ୍ଷ୍ୟରେ ଆମେ ନିବେଶକ-ପ୍ରେମୀ ସମାଧାନ ପ୍ରଦାନ କରିବାକୁ ଦୃଢ଼ ପରିକଳ୍ପିତ ରହିଛୁ। ଏହି ନୂଆ ସୁଧ ହାର ଏବଂ ବ୍ରୋକେରେଜ୍ ଗଠନ, ନିବେଶକଙ୍କ ପାଇଁ ସୁଯୋଗ ବଢ଼ାଇବ ଓ ଆମ ପ୍ଲାଟଫର୍ମର ଦୀର୍ଘକାଳୀନ ସ୍ଥିରତାକୁ ସମର୍ଥନ କରିବ। ନୂଆ ସୁଧ ହାର ନିକଟରେ ଆରମ୍ଭ ହୋଇଥିଲାବେଳେ ବ୍ରୋକେରେଜ୍ ହାର ୨୦୨୫ ମଇ ୧୮ ରୁ ଲାଗୁ ହେବ।

# ଟ୍ରାକ୍ଟର ଭଡ଼ା ନ ଦେବାରୁ ସାଙ୍ଗଙ୍କୁ ପିଟି ହତ୍ୟା

ରାଜକନିକା,୨୩।୪
(ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଭରିଗଦା ପଞ୍ଚାୟତ ମଙ୍ଗଳପୁର ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଟ୍ରାକ୍ଟର ଭଡ଼ା ନ ଦେବାରୁ ଜଣେ ଯୁବକ ନିଜ ସାଙ୍ଗଙ୍କୁ ପିଟି ହତ୍ୟା କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ଆକ୍ରମଣକାରୀଙ୍କୁ ରାଜକନିକା ପୋଲିସ ଗିରଫ କରିଛି।



ବାବାଜୀ ରାଉତ

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳପୁର ଗାଁରୁ ମଙ୍ଗଳବାର ବରଯାତ୍ରୀ ଭାବେ ବାବାଜୀ ରାଉତ (୪୫), ତାଙ୍କ ସାଙ୍ଗ ଉତ୍ତମ ସ୍ୱାଇଁ(୪୨) ଓ ଉତ୍ତମଙ୍କ ସାନଭାଇ ନରୋତ୍ତମ ସ୍ୱାଇଁ (୪୦) ଜୟନଗର ପଞ୍ଚାୟତ ଏଣ୍ଡୁଲାପୁର ଗାଁକୁ ଯାଇଥିଲେ। ବରଯାତ୍ରୀମାନେ ଭୋଜିଖାଇ ଘରକୁ ଫେରିଥିଲେ। ବାବାଜୀ ଓ ଉତ୍ତମ ସାଙ୍ଗ ହୋଇ ଗାଁକୁ ଫେରୁଥିବା ବେଳେ ଜୟନଗର ବଜାରରେ ଉଭୟଙ୍କ ମଧ୍ୟରେ ଟ୍ରାକ୍ଟର ଭଡ଼ା ବକେୟା ଟଙ୍କାକୁ ନେଇ କଥା କଟାକଟି ହୋଇଥିଲା। ବାବାଜୀ ଉତ୍ତମଙ୍କ ଟ୍ରାକ୍ଟର କିଛିଦିନ ହେଲା ଚଲାଉଥିଲେ। ହେଲେ ଭଡ଼ା ଦେଇ ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିବାରୁ ନରୋତ୍ତମ ସେଠାରେ ପହଞ୍ଚି ବାବାଜୀଙ୍କୁ ଆକ୍ରମଣ କରିଥିଲେ। ଉତ୍ତମ ଏକ ବାଉଁଶ ଆଣି ବାବାଜୀଙ୍କ ମୁଣ୍ଡକୁ ପିଟି ଚାଲିଥିଲେ। ଫଳରେ ବାବାଜୀ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଏହାପରେ ଉତ୍ତମ ଓ ନରୋତ୍ତମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବାବାଜୀଙ୍କୁ ତାଙ୍କ ପୁତୁରା ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବାବାଜୀଙ୍କ ସ୍ତ୍ରୀ ଝିଲି ରାଉତ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୬୧/୨୫)ରୁଜୁ କରି ଉତ୍ତମଙ୍କୁ ଗିରଫ କରିଛି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲିକ ତଦନ୍ତ ଆରମ୍ଭ କରିଛନ୍ତି ।

# ଜିମ୍ ସେଣ୍ଟରର ମାଲିକଙ୍କ ଭାଇ ଗିରଫ

**ଯୁବତୀଙ୍କୁ ପ୍ରତାରଣା କରି ଯୌନ ସମ୍ପର୍କ**

ଭୁବନେଶ୍ୱର,୨୩।୪
(ସତ୍ୟଜିତ୍ ରାଉତ)

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ସହ ଯୌନ ସମ୍ପର୍କ ରଖିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ବରମୁଣ୍ଡା ସୌଭାଗ୍ୟନଗରର ଚନ୍ଦ୍ରଶେଖର ସ୍ୱାଇଁ ଓରଫ ଭିକି (୩୦)। କୋର୍ଟଚାଲାଣ ପରେ ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ପୀଡିତା ଯୁବତୀ ଜଣକ ୧୦ ମାସ ହେବ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଜିମ୍ ସେଣ୍ଟରରେ ଚାକିରି କରୁଥିଲେ। ସେଠାରେ କାମ କରିବା ବେଳେ ଉକ୍ତ ଜିମ୍ ସେଣ୍ଟରର ମାଲିକଙ୍କ ସାନ ଭାଇ ଅଭିଯୁକ୍ତ ଚନ୍ଦ୍ରଶେଖର ତାଙ୍କ ସହ ବନ୍ଧୁତା କରିଥିଲେ। ଯୁବତୀଙ୍କୁ ଚନ୍ଦ୍ରଶେଖର ପ୍ରେମ ଜାଲରେ ଫସାଇ ବିବାହ କରିବାକୁ ମିଛ ପ୍ରତିଶ୍ରୁତି ଦେଇ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ବିବାହ କରିବାକୁ ଚନ୍ଦ୍ରଶେଖର ଦିନ ଗଡ଼ାଇ ଚାଲିଥିଲେ। ତେବେ ସେ ଅନ୍ୟ ଜଣେ ଝିଅକୁ ପୂର୍ବରୁ କୋର୍ଟରେ ବିବାହ କରିଥିବା ପୀଡିତା ଜାଣିବାକୁ ପାଇଥିଲେ। ଏନେଇ ପଚାରିବାରୁ ଚନ୍ଦ୍ରଶେଖର ତାଙ୍କଠାରୁ ଦୂରେଇ ଯିବା ସହ ଚାକିରିକୁ ବାହାର କରିଦେଇଥିଲେ। ଏପରିକି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ବେଳର ଫଟୋ ଓ ଭିଡିଓକୁ ଭାଇରାଲ କରିଦେବେ ବୋଲି ଚନ୍ଦ୍ରଶେଖର ଧମକ ଦେଉଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ସୋମବାର ମାମଲା (ନଂ.୨୪୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-REPAIRING-CARDS-466, ତା.16.04.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ କାର୍ଡ (Card) ଏବଂ ଉପକରଣଗୁଡ଼ିକର ଦୂରସଂଞ୍ଚର ମରାମତି କାର୍ଯ୍ୟ।

ଟେଣ୍ଡର ମୂଲ୍ୟ : ₹ 61,02,136.95, EMD : ₹ 1,22,100/-

ବିଡ୍ସ ଆରମ୍ଭ ହେବା ତାରିଖ : ତା.24.04.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.05.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

PR-62/Q/25-26 — ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

# ଅଟକ ଅଭିଯୁକ୍ତଙ୍କ କାଠଫାଳିଆ ମାଡ଼ରେ କନ୍‌ଷ୍ଟେବଲ ଗୁରୁତର

**ଥାନା ଭିତରେ ଆକ୍ରମଣ**

ମୁରିବାହାଲ,୨୩।୪
(ଶ୍ରୀବତ୍ସ ବେହେରା)

ଜଣେ ନାବାଳିକାଙ୍କୁ ଅପହରଣ ଲାଗି ଉଦ୍ୟମ କରିବା ଘଟଣାରେ ବଲାଙ୍ଗୀର ଜିଲା ମୁରିବାହାଲ ଥାନାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଥାନା ଭିତରେ ଅଟକ ଥିବା ଅଭିଯୁକ୍ତଙ୍କ କାଠଫାଳିଆ ମାଡ଼ରେ କନ୍‌ଷ୍ଟେବଲ ସୁଦାମ ନାଗ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ମଙ୍ଗଳବାର ତୁରେକେଲା ଥାନା ଅଧୀନ ଢୋଲମାନ୍ଦଲ ଗ୍ରାମର ମଗଶିର ପରାଭୁଏ ଓ ତାଙ୍କ ସ୍ତ୍ରୀ ଇଦମଣି ମୁରିବାହାଲ ଥାନା କୁମ୍ଭାରୀ ଗ୍ରାମକୁ ନିଜ ପୁଅର ବିବାହ ପାଇଁ ଝିଅ ଦେଖିବାକୁ ଆସିଥିଲେ । କନ୍ୟା ପକ୍ଷର ଲୋକେ ଝିଅର ବୟସ ହୋଇ ନ ଥିବା କହି ବାହାଘର ପାଇଁ ମନା କରିଥିଲେ। ଫଳରେ ସ୍ତ୍ରୀସ୍ୱାମୀ ଦେଖିବାକୁ ଯାଇଥିବା ନାବାଳିକାଙ୍କୁ କୌଶଳକ୍ରମେ ଅପହରଣକରି ଫେରାର ହୋଇଥିଲେ। ଏନେଇ କନ୍ୟାପକ୍ଷର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୁରିବାହାଲ ରେଲଷ୍ଟେଶନ ପ୍ଲାଟ୍‌ଫର୍ମରୁ ନାବାଳିକାକୁ ଉଦ୍ଧାର କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଦମ୍ପତି ଓ ଉଦ୍ଧାର ନାବାଳିକାଙ୍କୁ ଆଣି ଥାନାରେ ଅଟକ ରଖିଥିଲା। କିନ୍ତୁ ମଗଶିର ଓ ଇଦମଣି ବିଳମ୍ବିତ ରାତିରେ ଥାନା ଭିତରେ ପୋଲିସ କନ୍‌ଷ୍ଟେବଲ ନାଗଙ୍କୁ ମାଡ଼ ମାରିଥିଲେ। ଏହାପରେ ଉଭୟେ ଚମ୍ପଟ ମାରୁଥିବାବେଳେ କଣ୍ଟାବାଞ୍ଜି ରେଳ ଷ୍ଟେଶନରୁ ପୋଲିସ ସେମାନଙ୍କୁ କାବୁକରି ଗିରଫ କରିଥିଲା। ଗୁରୁତର କନ୍‌ଷ୍ଟେବଲ ନାଗଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏନେଇ ମୁରିବାହାଲ ଥାନାରେ ଏକ ମାମଲା (ନଂ୯୦/୨୦୨୫) ରୁଜୁ ହୋଇଛି।

# ତହସିଲଦାରଙ୍କ ନାଁରେ ନିର୍ଯାତନା ଅଭିଯୋଗ

ସୁନ୍ଦରଗଡ଼,୨୩।୪(ଜୟ ନାରାୟଣ ମେଣ୍ଢୁଲି) : ସମ୍ବଲପୁର ଜିଲା ରେଙ୍ଗାଲି ତହସିଲଦାର ତକ୍ଷକରାଜ ଭିତ୍ରିଆଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି। ସ୍ତ୍ରୀ ପ୍ରଣତି ନାଏକ ଏନେଇ ବୁଧବାର ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନମ୍ବର୧୪୧/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ,ଲେଫ୍ରିପଡା ଥାନା ଡୁମାମହୁଲର ପ୍ରଣତି ୨୦୧୩ରେ ସବ୍‌ଡେପୁଟି ତକ୍ଷକରାଜ ଭିତ୍ରିଆଙ୍କୁ ବିବାହ କରିଥିଲେ। ମାତ୍ର ବିବାହର ଗତ ୨ ବର୍ଷ ହେବ ଭିତ୍ରିଆ ତାଙ୍କୁ ଯୌତୁକ ବାବଦକୁ ଜମି ଆଣି ବାକୁ କହି ନିର୍ଯାତନା ଦେଇ ଆସୁଥିଲେ। ଫଳରେ ପ୍ରଣତି ଏନେଇ ସୁନ୍ଦରଗଡ ଟାଉନଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସମଗ୍ର ଶିକ୍ଷା Samagra Shiksha

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର-୭୬୪୦୫୯**

Ph:(06858)- 222568 (Off), E-mail:dpcnawrangssa.opepa@nic.in

No.973/PED/2025 NOTICE INVITING TENDER (NIT) Dated 23.04.2025

Sealed tenders are invited from the reputed & credible firms/ agencies for Supply of Teaching Learning Materials for Sishu Vatika to Grade-III Students in two bid systems (Technical & Commerical Bid) as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Teaching Learning Materials for Sishu Vatika to Grade-III Students | 2500/- | 1,50,000/- | 14.05.2025 | 15.05.2025 |

The detailed BID document is available in the website www.osepa.odisha.gov.in & www.nabarangpur.odisha.gov.in (website details to be given). Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

Sd./- District Project Coordinator, Samagra Shiksha, Nabarangpur

सेन्ट्रल बैंक ऑफ़ इंडिया Central Bank of India
CENTRAL TO YOU SINCE 1911

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଅନଧିକାର ଅନୁପସ୍ଥିତି**

ତାରିଖ: ୨୨.୦୪.୨୦୨୫

**ମିସ୍ ଆସି ଲକ୍ଷ୍ମୀ, ପିତା: ଆସି ନାରାୟଣ ରାଓ, ସିଏସ୍ଏ (ଏମ୍ପ୍ଲଇ ନଂ.: ୧୩୬୪୮୫), ସିଏସ୍ଏ, ନୟାଗଡ ଶାଖା, କ୍ୱାର୍ଟର ନଂ.: ଜି-୩୭, ମାଳି କଲୋନୀ, ହୋମିଓପାଥିକ କଲେଜ ନିକଟ, ୟୁନିଟ୍-୩, ଭୁବନେଶ୍ୱର**

ଏହା ଅନୁଭବ କରାଯାଉଛି କି, ଆପଣ କୌଣସି ସୂଚନା ନଦେଇ କାର୍ଯ୍ୟରୁ ଅନଧିକାର ଭାବେ ଅନୁପସ୍ଥିତ ଅଛନ୍ତି। ତା.୨୯.୦୮.୨୦୨୦ରିଖ ଠାରୁ ଛୁଟି ପାଇଁ କୌଣସି ଦରଖାସ୍ତ ଦାଖଲ କରିନାହାଁନ୍ତି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାକ୍ ମଞ୍ଜୁରୀ ପ୍ରାପ୍ତ କରନାହାଁନ୍ତି। ଏହି ବିଷୟରେ ଆପଣଙ୍କୁ **ନୟାଗଡ ଶାଖାର ଶାଖା ପ୍ରବନ୍ଧକ**ଙ୍କ ଦ୍ୱାରା ତା.୦୪.୦୯.୨୦୨୦ ଏବଂ ୨୮.୦୯.୨୦୨୦ରିଖର ଚିଠି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ**ଙ୍କ ଦ୍ୱାରା ତା.୦୫.୧୦.୨୦୨୩ରିଖର ଚିଠି ମାଧ୍ୟମରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ତେଣୁ ଆପଣଙ୍କୁ ଅନଧିକାର ଦୀର୍ଘ ଅନୁପସ୍ଥିତି ପରେ ମଧ୍ୟ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବାର ଶେଷ ସୁଯୋଗ ଭାବେ ଏହି ନୋଟିସ୍ ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଛି। **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣଙ୍କୁ ଏହି ନୋଟିସ୍ ତାରିଖ ଠାରୁ **୩୦ ଦିନ** ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ଏବଂ ଆପଣଙ୍କ ଅନୁପସ୍ଥିତି ପାଇଁ ସନ୍ତୋଷଜନକ ଉତ୍ତର(ସ୍ପଷ୍ଟୀକରଣ) ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି, ନଚେତ୍ ଏହା ବିବେଚନା କରାଯିବ ଯେ, ଆପଣ ଆବଶ୍ୟକୀୟ ନୋଟିସ୍ ନଦେଇ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଇସ୍ତଫା ଦେଇଛନ୍ତି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣ ଦେୟ ନିମନ୍ତେ ଦାୟୀ ରହିବେ।

ସ୍ୱା/- ମୁଖ୍ୟ ପ୍ରବନ୍ଧକ

# ଭାରତ ସରକାର
# ଭାବା ଆଣବିକ ଗବେଷଣା କେନ୍ଦ୍ର

ବିଜ୍ଞାପନ ସଂଖ୍ୟା: ୦୨/୨୦୨୫ (ଆର୍-ଭି)

**ସଂକ୍ଷିପ୍ତ ବିଜ୍ଞପ୍ତି**

ବିଶ୍ୱବିଦ୍ୟାଳୟ ହେବା ପାଇଁ ବିବେଚିତ ହୋମି ଭାବା ଜାତୀୟ ଅନୁଷ୍ଠାନ (ଏଚ୍‌ବିଏନ୍ଆଇ)ର ପୃଷ୍ଠପୋଷକତା ଅଧୀନରେ ସଞ୍ଚାଳିତ ନିମ୍ନଲିଖିତ ପ୍ରଶିକ୍ଷଣ ପାଠ୍ୟକ୍ରମ ନିମନ୍ତେ ବିଏଆର୍‌ସି ଦରଖାସ୍ତ ଆହ୍ୱାନ କରୁଛି ।

**ରେଡିଓଲୋଜିକାଲ ଫିଜିକ୍ସରେ ଏକବର୍ଷିଆ ପୋଷ୍ଟ-ଏମ୍.ଏସ୍‌ସି ଡିପ୍ଲୋମା (ଡିଆଇପି.ଆର୍.ପି.)**

| | |
|---|---|
| ପାଠ୍ୟକ୍ରମର ଅବଧି | ୧ ବର୍ଷ (ଅଗଷ୍ଟ ୨୦୨୫ରୁ ଜୁଲାଇ ୨୦୨୬) |
| ଆସନ ସଂଖ୍ୟା | ୩୦ (୫ଟି ପର୍ଯ୍ୟନ୍ତ ପ୍ରାୟୋଜିତ ଆସନ ସମେତ) |
| ବୟସ ସୀମା (ତା୦୧।୦୮।୨୦୨୫ରିଖ ସୁଦ୍ଧା) | (କ) ସାଧାରଣ ବର୍ଗ – ୨୬ ବର୍ଷ<br>(ଖ) ଓବିସି – ୨୯ ବର୍ଷ<br>(ଗ) ଏସ୍‌ସି/ଏସ୍‌ଟି – ୩୧ ବର୍ଷ<br>ବେଞ୍ଚମାର୍କ ଭିନ୍ନକ୍ଷମତାଧାରୀ ବ୍ୟକ୍ତିମାନଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ବୟସରେ କୋହଳ ଦିଆଯିବ । କେବଳ ନିମ୍ନବର୍ତ୍ତୀ ଚରମ ସୀମା ପର୍ଯ୍ୟନ୍ତ ସୀମିତ ରହିଥିବା ଶାରୀରିକ ଭିନ୍ନକ୍ଷମତାଧାରୀ ପ୍ରାର୍ଥୀ, ଯେଉଁମାନେ ଛିଡ଼ା ହେବା, ଚଳପ୍ରଚଳ କରିବା ଏବଂ ପାଠ୍ୟକ୍ରମର ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହୋଇଥିବେ, କେବଳ ସେହିମାନଙ୍କୁ ହିଁ ବିଚାରକୁ ନିଆଯିବ ।<br>ପ୍ରାୟୋଜିତ ପ୍ରାର୍ଥୀମାନଙ୍କ ପାଇଁ ବୟସ ସୀମା ହେଉଛି ତା୦୧।୦୮।୨୦୨୫ରିଖ ସୁଦ୍ଧା ୪୦ ବର୍ଷ । |
| ଶିକ୍ଷାଗତ ଯୋଗ୍ୟତା | ସର୍ବମୋଟ ୬୦%ରୁ କମ୍ ହୋଇ ନ ଥିବା ମାର୍କ ସହ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ (ଏମ୍.ଏସ୍‌ସି ଫିଜିକ୍ସ) ଏବଂ ସର୍ବମୋଟ ୬୦%ରୁ କମ୍ ହୋଇ ନ ଥିବା ମାର୍କ ସହ ବି.ଏସ୍‌ସି ଡିଗ୍ରୀ (ପଦାର୍ଥ ବିଜ୍ଞାନ ମୁଖ୍ୟ ବିଷୟ ଭାବେ) । ସର୍ବମୋଟ ୬୦%ରୁ କମ୍ ହୋଇ ନ ଥିବା ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍‌ସି (ଫିଜିକ୍ସ) ପ୍ରାର୍ଥୀମାନେ ମଧ୍ୟ ଯୋଗ୍ୟ ହେବେ । ଗ୍ରେଡ୍ ପ୍ରଣାଳୀ କ୍ଷେତ୍ରରେ, ଦସ୍ତାବିଜ ଯାଞ୍ଚ/ସାକ୍ଷାତକାର ସମୟରେ ବିଶ୍ୱବିଦ୍ୟାଳୟରୁ ହାସଲ କରାଯାଇଥିବା ଗ୍ରେଡ୍‌ରୁ ଶତକଡ଼ା ମାର୍କ ରୂପାନ୍ତରଣ ପଦ୍ଧତିକୁ ଉପସ୍ଥାପନ କରାଯିବା ଆବଶ୍ୟକ । ଏପରି ପ୍ରାର୍ଥୀ, ଯେଉଁମାନେ ଏମ୍.ଏସ୍‌ସି (ଫିଜିକ୍ସ)ର ଚୂଡ଼ାନ୍ତ ଫଳାଫଳ ପାଇଁ ଅପେକ୍ଷାରତ ଅଛନ୍ତି, କିନ୍ତୁ ଅନ୍ୟ ଦୃଷ୍ଟିରୁ ଯୋଗ୍ୟ, ସେମାନେ ମଧ୍ୟ ଆବେଦନ କରିପାରନ୍ତି । ଉପରୋକ୍ତ ଯୋଗ୍ୟତା ବ୍ୟତୀତ, ପ୍ରାୟୋଜିତ ପ୍ରାର୍ଥୀମାନଙ୍କ ନିକଟରେ ଭାରତୀୟ ସରକାରୀ ଅନୁଷ୍ଠାନର ରେଡିଓଥେରାପି ବିଭାଗ (ବ୍ୟକ୍ତିଗତ ତତ୍ତ୍ୱାବଧାନ ସେବା ଦ୍ୱାରା ସମର୍ଥିତ)ରେ ଅତି କମ୍‌ରେ ଏକ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଥିବା ଆବଶ୍ୟକ । |
| ଷ୍ଟାଇପେଣ୍ଡ | ଟ.୩୦,୦୦୦/- ମାସିକ (ଅଣ-ପ୍ରାୟୋଜିତ ପ୍ରାର୍ଥୀଙ୍କ ପାଇଁ) |
| ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) |
| ଲିଖିତ ପରୀକ୍ଷାର ସମ୍ଭାବ୍ୟ ତାରିଖ | ତା୨୨।୦୬।୨୦୨୫ରିଖ (ରବିବାର) |

- ଦରଖାସ୍ତଗୁଡ଼ିକୁ କେବଳ ଅନ୍-ଲାଇନ୍‌ରେ ଗ୍ରହଣ କରାଯିବ । ଅନ୍-ଲାଇନ୍ ଆବେଦନର ସୁବିଧା ତା୨୨।୦୪।୨୦୨୫ରିଖ (ମଙ୍ଗଳବାର)ରୁ ତା୧୩।୦୫।୨୦୨୫ରିଖ (ମଙ୍ଗଳବାର) ପର୍ଯ୍ୟନ୍ତ ଉପଲବ୍ଧ ହେବ ।
- ଏହି ବିଜ୍ଞାପନ ବାବଦୀୟ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ବିଏଆର୍‌ସି ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
- ସାଧାରଣ ସର୍ତ୍ତାବଳୀ ଏବଂ ଅନ୍‌ଲାଇନ୍ ଦରଖାସ୍ତର ଦାଖଲ ପାଇଁ ଦୟାକରି ୱେବ୍‌ସାଇଟ୍ www.recruit.barc.gov.in ପରିଦର୍ଶନ କରନ୍ତୁ ।

cbc 48103/12/0003/2526

# ଧରାପଡ଼ିଲେ ୨ ସାଇବର ଠକ

**୩୮.୮୮ ଲକ୍ଷ ଟଙ୍କା ଠକେଇ ଘଟଣା**

ବଡ଼ବିଲ,୨୩।୪(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ସାଇବର ମାଧ୍ୟମରେ ୩୮.୮୮ଲକ୍ଷ ଟଙ୍କା ହଡ଼ପ ଘଟଣାରେ କେନ୍ଦୁଝର ସାଇବର ଅପରାଧ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ବିଶ୍ୱ ପ୍ରକାଶ ମହାପାତ୍ର ଏବଂ କଟକ ଚୌଦାର ଅଞ୍ଚଳର ସ୍ନେହାଶିଷ ବଳ।

ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବର ମାସରେ ବଡ଼ବିଲ ସୁନ୍ଦରାବସ୍ତି ଅଞ୍ଚଳରେ ରହୁଥିବା ପ୍ରଦୀପ କୁମାର ଦୁବେ ନାମକ ବ୍ୟବସାୟୀଙ୍କ ମୋବାଇଲ ଫୋନକୁ ହ୍ୱାଟ୍ସଆପ ଜରିଆରେ ଜେ.ପି.ଏନ.ଲିମିଟେଡ ନାମକ ଏକ କମ୍ପାନୀ ସହ ଅନ୍‌ଲାଇନ ଟ୍ରେଡିଂ କରିବାକୁ ଲିଙ୍କ୍ ଆସିଥିଲା। ପ୍ରଦୀପ ସେହି ଲିଙ୍କ୍ ଜରିଆରେ ପଞ୍ଜୀକରଣ କରି କମ୍ପାନୀ ଦ୍ୱାରା ପ୍ରଦତ୍ତ ଆକାଉଣ୍ଟ ନମ୍ବରରେ ବିଭିନ୍ନ କିସ୍ତିରେ ମୋଟ ୩୮ଲକ୍ଷ ୮୮ ହଜାର ଟଙ୍କା ଜମା କରିଥିଲେ। ତେବେ ଡିସେମ୍ବର ମାସରେ ପ୍ରଦୀପଙ୍କ ଟଙ୍କାର ଆବଶ୍ୟକ ହେବାରୁ ଏହି ଜମା ରାଶିରୁ ଉଠାଣ କରିବାକୁ ଅନ୍‌ଲାଇନରେ ଅନୁରୋଧ କରିଥିଲେ। ଉତ୍ତରରେ ଆହୁରି ୩୦ ପ୍ରତିଶତ ଟିକସ ଜମା କରିବାକୁ ନିର୍ଦ୍ଦେଶ ଆସିବାରୁ ପ୍ରଦୀପଙ୍କ ସନ୍ଦେହ ହୋଇଥିଲା। ପରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ପ୍ରଦୀପ କେନ୍ଦୁଝରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସାଇବର ପୋଲିସ ପୂର୍ବରୁ ହରିଶ ଚନ୍ଦ୍ର ଯାଦବ ନାମକ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଦୋଷୀ ଶ୍ୱଶୁରଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

**ବୋହୂଙ୍କୁ ବଳାତ୍କାର ମାମଲା**

ବାଲେଶ୍ୱର, ୨୩।୪(ବାଞ୍ଛାନିଧି ଦେ)

ବୋହୂଙ୍କୁ ବଳାତ୍କାର ମାମଲାର ଶୁଣାଣିକରି ବୁଧବାର ବାଲେଶ୍ୱର ଆଡହକ୍ ଆଡିଶନାଲ ଜିଲା ଏବଂ ସେସନ୍ସ ଜଜ୍ ଅନିତା ସାହୁ ଅଭିଯୁକ୍ତ ଶ୍ୱଶୁରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବାଲେଶ୍ୱର ସଦର ଥାନା ଅଧୀନ ଭୋଇସାହି (କରଞ୍ଜିଆ) ଗ୍ରାମର ଗୋପୀନାଥ ଜେନାଙ୍କ ପୁଅ ସୁଶାନ୍ତ ଜେନାଙ୍କୁ ଅଭିଯୋଗକାରିଣୀ ୨୦୨୨ ଡିସେମ୍ବର ୯ରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ପିଲାଛୁଆ ନ ହେବାରୁ ସୁଶାନ୍ତ ଜଣେ ନପୁଂସକ ବୋଲି ଜଣାପଡ଼ିବା ପରେ ବାପଘର ଲୋକେ ଝିଅକୁ ଫେରାଇ ଆଣିବା ପାଇଁ କଥାବାର୍ତ୍ତା କରିଥିଲେ। ୨୦୨୩ ଜୁନ୍ ୭ ତାରିଖ ସକାଳେ ପୁଅର ଅନୁପସ୍ଥିତିରେ ବାପା ଗୋପୀନାଥ ବେଡ୍‌ରୁମ୍‌ରେ ପଶି ବୋହୂଙ୍କୁ ଜବରଦସ୍ତ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ଜଣାଇଲେ କିରୋସିନ ଢାଳି ପୋଡ଼ି ମାରିଦେବାକୁ ଶ୍ୱଶୁର ଧମକ ଦେଇଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୧୭୩/୨୦୨୩) ରୁଜୁ କରି ଅଭିଯୁକ୍ତ ଶ୍ୱଶୁରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ବିଚାରପତି ଅନିତା ସାହୁ ୧୫ଜଣ ସାକ୍ଷୀ ଓ ୧୯ ଦସ୍ତାବିଜ୍‌କୁ ଆଧାରକରି ଦୋଷୀ ଶ୍ୱଶୁରଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦୀପକ କୁମାର ଦାଶ ମାମଲାର ପରିଚାଳନା କରୁଥିଲେ।

सेन्ट्रल बैंक ऑफ़ इंडिया Central Bank of India
CENTRAL TO YOU SINCE 1911

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଅନଧିକାର ଅନୁପସ୍ଥିତି**

ତାରିଖ: ୨୨.୦୪.୨୦୨୫

**ଶ୍ରୀ ହେମନ୍ତ କୁମାର ନାୟକ, ମାର୍ଫତ୍: ଅଭିମନ୍ୟୁ ନାଏକ, ସା/ପୋ: ଅସନପାଟ, ଭାୟା: ଉଖୁଣ୍ଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୨, ଓଡିଶା, ସବ୍‌ଷ୍ଟାଫ୍ (ଏମ୍ପ୍ଲଇ ନଂ.: ୧୨୩୮୯୪)**

ଏହା ଅନୁଭବ କରାଯାଉଛି କି, ଆପଣ କୌଣସି ସୂଚନା ନଦେଇ କାର୍ଯ୍ୟରୁ ଅନଧିକାର ଭାବେ ଅନୁପସ୍ଥିତ ଅଛନ୍ତି। ତା.୦୭.୦୫.୨୦୧୯ରିଖ ଠାରୁ ଛୁଟି ପାଇଁ କୌଣସି ଦରଖାସ୍ତ ଦାଖଲ କରିନାହାଁନ୍ତି କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାକ୍ ମଞ୍ଜୁରୀ ପ୍ରାପ୍ତ କରନାହାଁନ୍ତି। ଏହି ବିଷୟରେ ଆପଣଙ୍କୁ **ପୁରୁଣାବଉଳମାଳ ଶାଖାର ଶାଖା ପ୍ରବନ୍ଧକ**ଙ୍କ ଦ୍ୱାରା ତା.୧୦.୦୯.୨୦୧୯ରିଖର ଚିଠି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ**ଙ୍କ ଦ୍ୱାରା ତା.୦୫.୧୦.୨୦୨୩ରିଖର ଚିଠି ମାଧ୍ୟମରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ତେଣୁ ଆପଣଙ୍କୁ ଅନଧିକାର ଦୀର୍ଘ ଅନୁପସ୍ଥିତି ପରେ ମଧ୍ୟ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବାର ଶେଷ ସୁଯୋଗ ଭାବେ ଏହି ନୋଟିସ୍ ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଛି। **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣଙ୍କୁ ଏହି ନୋଟିସ୍ ତାରିଖ ଠାରୁ **୩୦ ଦିନ** ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ଏବଂ ଆପଣଙ୍କ ଅନୁପସ୍ଥିତି ପାଇଁ ସନ୍ତୋଷଜନକ ଉତ୍ତର(ସ୍ପଷ୍ଟୀକରଣ) ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି, ନଚେତ୍ ଏହା ବିବେଚନା କରାଯିବ ଯେ, ଆପଣ ଆବଶ୍ୟକୀୟ ନୋଟିସ୍ ନଦେଇ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟରୁ ଇସ୍ତଫା ଦେଇଛନ୍ତି ଏବଂ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,** ସର୍ଭିସ୍ ରୁଲ୍ସର ତା.୦୨.୦୬.୨୦୦୫ ରିଖର ଅଷ୍ଟମ(୮ମ) ଦ୍ୱିପାକ୍ଷିକ ସମାଧାନର ନିୟମ/ଧାରା ୩୩ ଅନୁଯାୟୀ ଆପଣ ଦେୟ ନିମନ୍ତେ ଦାୟୀ ରହିବେ।

ସ୍ୱା/- ମୁଖ୍ୟ ପ୍ରବନ୍ଧକ

# ୪ ମାଷ୍ଟରମାଇଣ୍ଡ ଗିରଫ, ୬ ଫେରାର

**ଟିଟନ ହତ୍ୟା ଘଟଣା**

ଢେଙ୍କାନାଳ,୨୩।୪(ରତନ ନାୟାର)

ଢେଙ୍କାନାଳ ସହର କାରିଗର ସାହିର ମହେଶ୍ୱର ବେହେରା ଓରଫ ଟିଟନ ହତ୍ୟା ମାମଲାର ୪ଜଣ ମାଷ୍ଟରମାଇଣ୍ଡଙ୍କୁ ବୁଧବାର ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସଂପୃକ୍ତ ଅନ୍ୟ ୬ ଅଭିଯୁକ୍ତ ଫେରାର ଥିବା ପୋଲିସ ପ୍ରକାଶ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଜିଚୌକର ବଳି ଓରଫ ଶ୍ରୀକାନ୍ତ ରଣା (୩୭) ଓ ଛଟୁ ଓରଫ ସଂଗ୍ରାମ ସାହୁ (୨୫), ଜୟଗୋପାଳ ସାହିର ବେଡା ଓରଫ ସୌମ୍ୟରଞ୍ଜନ ରାଉତ (୨୫) ଓ ପୁଟୁ ଓରଫ ବିଶ୍ୱ ବେହେରା(୨୪)। ଫେରାର ଅଭିଯୁକ୍ତମାନେ ହେଲେ ହାଉସିଂବୋର୍ଡର ପାଣ୍ଡେ ଓରଫ ବିଶ୍ୱଜିତ ବେହେରା, ତାପି ଓରଫ ତୁଷାର ନାୟକ, ଚନ୍ଦନ ବଜାରର ଅରୁ ଦଳେଇ, ରଗଡିସାହିର ଟିଟୁ ସାହୁ, ଦୀପକ ବେହେରା, ବାଜିଚୌକର ଶିବୁ ସାହୁ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗିରଫ ଅଭିଯୁକ୍ତମାନେ ଘଟଣାସ୍ଥଳରେ ରାତିରେ ଉପସ୍ଥିତ ନ ଥିଲେ। କିନ୍ତୁ ଟିଟନଙ୍କୁ ହତ୍ୟା କରିବା ପାଇଁ ସେମାନେ ଯୋଜନା କରି ଅନ୍ୟମାନଙ୍କୁ ପଠାଇଥିଲେ।

ଘଟଣାରୁ ପ୍ରକାଶ ଯେ, ବ୍ରାହ୍ମଣୀ ନଦୀକୂଳର ସଦର ଥାନା ନାଗେନାଠାରେ ଅଭିଯୁକ୍ତମାନେ ଆଇନତଃ ବାଲିଘାଟ ନିଲାମ ନେଇ ବ୍ୟବସାୟ କରୁଥିଲେ। ଉକ୍ତ ବାଲିଘାଟରୁ ବାଲି ଆଣିବା ପାଇଁ ଟ୍ରକ ଯେଉଁ ବାଟ ଦେଇ ଯିବାଆସିବା କରିଥାଏ ସେହି ଜାଗାଟି ଟିଟନଙ୍କ ଶ୍ୱଶୁର ଘରର। ତେଣୁ ସେହି ଜାଗା ଦେଇ ବାଲିବୋଝେଇ କରି ଟ୍ରକଗୁଡ଼ିକ ଯିବାଆସିବା କରୁଥିବାରୁ ଟିଟନ ଅର୍ଥ ମାଗିଥିଲେ। ଏହାକୁ ନେଇ ଟିଟନ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୨୦ ତାରିଖ ସନ୍ଧ୍ୟାରେ ଟିଟନ ମାରଣାସ୍ତ୍ର ଧରି ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣଙ୍କୁ ଆକ୍ରମଣ କରିବା ପାଇଁ ଖୋଜୁଥିଲେ। ତେଣୁ ଟିଟନ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ରାତିରେ ଅଭିଯୁକ୍ତମାନେ ଟିଟନଙ୍କୁ ରାସ୍ତାରୁ ହଟାଇବା ପାଇଁ ଫାଙ୍କା ଗୁଳିଚାଳନା କରି ଭୟଭୀତ କରିବା ସହ ଘୋଷାରି ଆଣି ପଥରରେ ଛେଚି ହତ୍ୟା କରିଥିଲେ। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ପୁରୀ ସମୁଦ୍ରକୂଳ ବଡ଼ିଘର ନିକଟରେ ଥିବା ଏକ ହୋଟେଲରୁ ଗିରଫ କରାଯାଇଥିଲା। ସେହି ସମୟରେ ଶିବୁ ସାହୁ ତଳେ ସୁଇମିଂପୁଲରେ ଗାଧୋଉଥିବାରୁ ପୋଲିସକୁ ଦେଖି ଖସି ପଳାଇବା ସହ ଅନ୍ୟ ଏକ ହୋଟେଲରେ ରହୁଥିବା ଅଭିଯୁକ୍ତମାନଙ୍କୁ ଖବର ଦେଇଥିଲେ। ଫଳରେ ସେମାନେ ଫେରାର ହୋଇଯାଇଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଟିଟନଙ୍କ ଶରୀରରେ କେଉଁଠି ଗୁଳିମାଡ଼ର କ୍ଷତ ନ ଥିବାରୁ ପଥରରେ ଛେଚି ହତ୍ୟା କରାଯାଇଥିବା ସ୍ପଷ୍ଟ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଟାଉନ ଥାନାରେ କେସ୍ ନଂ. ୨୪୭/୨୫, ୬୧(୨)(୨ବି),୧୯୧(୨),୧୯୧(୩), ୧୦୩(୨), ୧୧୧(୨)(ଏ)ରେ ମାମଲା ରୁଜୁ କରାଯାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଟାଉନ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**ସିନିୟର ରେସିଡେଣ୍ଟଙ୍କ ଚୟନ ଏବଂ ନିଯୁକ୍ତି**

୦୬ (ଛଅ) ଗୋଟି ପଦବୀରେ **ସିନିୟର ରେସିଡେଣ୍ଟ ଡକ୍ଟର (ଜେନେରାଲ ମେଡିସିନ୍ - ୦୨, ପ୍ଲାଷ୍ଟିକ୍ ସର୍ଜରୀ - ୦୨, ଜେନେରାଲ ସର୍ଜରୀ - ୦୧, ଆନାସ୍ଥେସିଆ - ୦୧ = ୦୬)**ଙ୍କ ଚୟନ ଏବଂ ନିଯୁକ୍ତି ପାଇଁ ମେଡିକାଲ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଭିଆଇପି ରୁମ୍, କେନ୍ଦ୍ରୀୟ ଚିକିତ୍ସାଳୟ, ଦକ୍ଷିଣ ପୂର୍ବ ରେଳପଥ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ଠାରେ **ତା୦୮।୦୫।୨୦୨୫ରିଖ (ଗୁରୁବାର) ପୂର୍ବାହ୍ନ ୧୧ ଘଟିକାରେ** ଅନୁଷ୍ଠିତ ହେବାକୁ ଥିବା ଏକ **'ୱାକ୍-ଇନ୍-ଇଣ୍ଟରଭ୍ୟୁ'** ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିୟମ ଏବଂ ସର୍ତ୍ତାବଳୀ ସହିତ ସବିଶେଷ ବିଜ୍ଞାପନ, ଆବେଦନ ଫର୍ମର ଫର୍ମାଟ୍, ସଂଲଗ୍ନକ ଆଦି ଦକ୍ଷିଣ ପୂର୍ବ ରେଳପଥର ୱେବ୍‌ସାଇଟ୍ (www.ser.indianrailways.gov.in)ରେ ହେଡ୍ ଡିପାର୍ଟମେଣ୍ଟ ମେଡିକାଲ ଅଧୀନରେ ଉପଲବ୍ଧ । ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ନିମ୍ନ ଅନୁଯାୟୀ ଅଟେ: **(୧) ଶିକ୍ଷାଗତ ଯୋଗ୍ୟତା:** ରାଜ୍ୟ/କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସମ୍ପୃକ୍ତ ସ୍ପେଶାଲିଟିରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ/ଡିଏମ୍/ଏମ୍‌ସିଏଚ୍/ଡିଏନ୍‌ବି/ଡିପ୍ଲୋମା । ଯଦି କୌଣସି ନିର୍ଦ୍ଦିଷ୍ଟ ସ୍ପେଶାଲିଟିରେ ଏଭଳି ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ପିଜି ଯୋଗ୍ୟତା ନ ଥିବା ଏପରି ପ୍ରାର୍ଥୀଙ୍କୁ ଏକ ବର୍ଷ ଅବଧି ପାଇଁ ବିଚାରକୁ ନିଆଯିବ, ଯାହାଙ୍କର ଏମ୍‌ବିବିଏସ୍ ପରେ ଅନ୍ୟୁନ ତିନି ବର୍ଷର ଅଭିଜ୍ଞତା ରହିଥିବ, ଯାହାମଧ୍ୟରୁ ଗୋଟିଏ ବର୍ଷର ଅଭିଜ୍ଞତା ସରକାରୀ ଚିକିତ୍ସାଳୟ କିମ୍ବା ଏମ୍‌ସିଆଇ ସ୍ୱୀକୃତିପ୍ରାପ୍ତ ଘରୋଇ ଚିକିତ୍ସାଳୟରେ ସମ୍ପୃକ୍ତ ସ୍ପେଶାଲିଟିରେ ଜୁନିୟର ରେସିଡେନ୍ସିର ହୋଇଥିବା ଆବଶ୍ୟକ, କିନ୍ତୁ ଏହି ସର୍ତ୍ତରେ ଯେ ବର୍ଷ ଶେଷରେ ନୂଆ ଚୟନ ପ୍ରକ୍ରିୟା ଆୟୋଜିତ ହେବ । ଯଦି ପୁନର୍ବାର କୌଣସି ଡିପ୍ଲୋମା/ପିଜି/ଡିଏନ୍‌ବି/ଡିଏମ୍ ପ୍ରାର୍ଥୀ ଆବେଦନ ନ କରନ୍ତି ତେବେ ଏହି ତିନି ବର୍ଷ ଅଭିଜ୍ଞତାଧାରୀ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଆଉ ଏକବର୍ଷର ନିଯୁକ୍ତି ପାଇଁ ଅନୁମତି ଦିଆଯିବ । ନିଯୁକ୍ତିର ଏପରି ସମୟ ବୃଦ୍ଧିର ମୋଟ ଅବଧି ସିନିୟର ରେସିଡେନ୍ସି ଯୋଜନା ଅନୁଯାୟୀ ମୋଟ ସିନିୟର ରେସିଡେନ୍ସିର ତିନି ବର୍ଷରେ ସୀମିତ ରହିବ । *(ଅଧିକ ବିବରଣୀ ୱେବ୍‌ସାଇଟ୍‌ରେ ଦେଖନ୍ତୁ) । **(୨) ବୟସ ସୀମା:** ଆବେଦନ ତାରିଖରେ ୩୭ ବର୍ଷରୁ ଅଧିକ ନୁହେଁ ଏବଂ ଯଦି କୌଣସି ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି ତେବେ ତାହାଙ୍କୁ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ୫ ବର୍ଷର କୋହଳ ଉପଲବ୍ଧ । **(୩) କାର୍ଯ୍ୟକାଳ:** ନିଯୁକ୍ତିର ଚୁକ୍ତି ଏକବର୍ଷ ପାଇଁ ହେବ ଯାହା ସର୍ବାଧିକ ତିନିବର୍ଷ ଅବଧି ପାଇଁ ନବୀକରଣଯୋଗ୍ୟ ହେବ ଏବଂ ଏହା ପ୍ରତିବର୍ଷ ନବୀକରଣ/ସମୟବୃଦ୍ଧି ଉପରେ ନିର୍ଭରଶୀଳ ହେବ । **(୪) ପାରିଶ୍ରମିକ:** ୭ମ ସିପିସି ବେତନ ସ୍ତର ୧୧ ଏବଂ ରେଳ ମନ୍ତ୍ରଣାଳୟ ଅଧୀନରେ ସିନିୟର ରେସିଡେନ୍ସି ପାଇଁ ଅନୁମତିଯୋଗ୍ୟ ଅନ୍ୟାନ୍ୟ ଭତ୍ତା ଅନୁଯାୟୀ । **(୫)** ୱାକ୍-ଇନ୍-ଇଣ୍ଟରଭ୍ୟୁରେ ଅଂଶଗ୍ରହଣ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପୂରଣ ହୋଇଥିବା ଆବେଦନ ଫର୍ମ ସହ ୱେବ୍‌ସାଇଟ୍‌ରେ ଦର୍ଶାଯାଇଥିବା ସମସ୍ତ ମୂଳ ଦସ୍ତାବିଜ ସମେତ ଆଟେଷ୍ଟେଡ୍ ଫଟୋକପିର ସେଟ୍ ଆଣିବାକୁ ହେବ ।

(PR-75) — ମେଡିକାଲ ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଜିଆର୍‌ସି

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**झारखण्ड सरकार**
**आदिवासी कल्याण आयुक्त कार्यालय, झारखण्ड राँची।**

**आवश्यक सूचना**

P.R. N.O-348753

अनुसूचित जनजाति वर्ग के अभ्यार्थियों को संघ लोक सेवा आयोग द्वारा आयोजित अखिल भारतीय सिविल सेवा परीक्षा के लिए दिल्ली/नई दिल्ली में गुणवत्तापूर्ण कोचिंग हेतू आर्थिक सहायता उपलब्ध कराने के लिए ई–कल्याण पोर्टल पर विभागीय पत्रांक 573 दिनांकः–25.02.2025 के द्वारा निर्गत दिशा–निर्देश (पत्र के प्रति ई–कल्याण पोर्टल पर उपलब्ध है) अनुसार वित्तीय वर्ग–2024–25 के लिए ऑनलाईन आवेदन मांगे गए थे। इस संबंध में पर्याप्त आवेदन प्राप्त नहीं होने के कारण पुनः आवेदन करने की तिथि बढ़ाते हुए निम्न प्रकार आवेदन आमंत्रित किये जाते हैः–

ऑनलाईन आवेदन की समय सीमाः–

| क्रमांक | प्रक्रियात्मक कार्रवाई | नए आवेदन करने / Edit करने के लिए अंतिम विस्तारित तिथि |
|---|---|---|
| 1. | अनुसूचित जनजाति के वैसे छात्र–छात्रा जिनके द्वारा आवेदन किया जा चुका है। | आवेदन Edit करने की अंतिम तिथि–31.05.2025 |
| 2. | अनुसूचित जनजाति के नए आवेदकों के द्वारा आवेदन करने की तिथि | दिनांकः–31.05.2025 तक |

नोटः–1. मिशन यू0पी0एस0सी0 से संबंधित अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग से निर्गत दिशा–निर्देश सं0–573 दिनांकः–25.02.2025 वेबसाइट http://eklyan.cgg.gov.in पर देखा जा सकता है। ऑनलाईन आवेदन करने के पूर्व कृपया उक्त वेबसाइट पर दिए निर्देश को आवश्य देख लें।
2. निश्चित समय सीमा की समाप्ति के पश्चात् किसी प्रकार का आवेदन पत्र पर विचार नहीं किया जाएगा।
3. प्रत्येक छात्र/छात्रा आधार आधारित बैंक खाता KYC कराने के उपरान्त ही आवेदन करें।
4. एक से अधिक आवेदन पत्र भरने पर छात्र/छात्रा का आवेदन पत्र रद्द कर दिया जायेगा।
5. आवेदक को ऑनलाईन निर्गत स्थानीय निवासी प्रमाण पत्र एवं जाति प्रमाण पत्र देना अनिवार्य होगा।
6. आवेदक की न्यूनतम आयु 01 अगस्त 2024 को न्यूनतम 20 वर्ष एवं अधिकतम 36 वर्ष होना चाहिए। जन्म तिथि के सत्यापन हेतु वर्ग 10 का प्रमाण पत्र देना अनिवार्य होगा।
7. आवेदक को स्नातक परीक्षा का अंक पत्र देना अनिवार्य होगा।
8. विभागीय पत्रांक–573, दिनांक–25.02.2025 के द्वारा निर्गत दिशा–निर्देश के कंडिका–4 के अनुसार अभ्यर्थियों का चयन किया जायेगा। मेधा सूची का निर्धारण UPSC/JPSC के Mains/Interview में भाग लेनेवाले आवेदक से ही किया जाएगा।
9. UPSC/JPSC के Mains/Interview में भाग लेने के संबंध में आवेदकों को साक्ष्य के रूप में UPSC/JPSC के Mains/Interview का Mark-Sheet Upload करना होगा।
10. जिन आवेदकों के पास साक्ष्य के रूप में UPSC/JPSC ds Mains/Interview का Mark-Sheet उपलब्ध नहीं है, वे UPSC/JPSC के Mains का Admit Card/Interview Letter Upload करेंगे। साथ ही उन्हें शपथ पत्र के माध्यम से इस आशय का स्व–घोषणा–पत्र समर्पित करना होगा कि उनके द्वारा UPSC/JPSC के Mains/Interview में भाग लिया गया है।
11. ऐसे आवेदक जो वर्तमान में किसी भी सरकारी सेवा में कार्यरत हों वे इस कार्य योजना के तहत आर्थिक सहायता हेतु पात्र नहीं होंगे। इस विशयक आदिवासी कल्याण आयुक्त झारखण्ड द्वारा निर्धारित प्रपत्र में घोषणा करना अनिवार्य होगा।
12. चयनित अभ्यार्थियों को अधिकतम 01 (एक) बार ही आर्थिक सहायता प्रदान की जाएगी।
13. ऑनलाईन आवेदन में त्रुटि/अशुद्धि/गलत अथवा भ्रामक सूचना देने पर आवेदन रद्द कर दिया जायेगा।

**आदिवासी कल्याण आयुक्त।**

PR.NO.350858 Schedule Tribe, Schedule Caste, Minority and Backward Class Welfare Department(25-26):D

## ବିଶ୍ୱନେତାଙ୍କ ନିନ୍ଦା

କଶ୍ମୀରରେ ହୋଇଥିବା ବର୍ବରୋଚିତ ଆକ୍ରମଣ ମନକୁ ଦୁଃଖ ଦେଇଛି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଇସ୍ରାଏଲ ଭାରତ ସହ ଦୃଢ଼ ଭାବେ ରହିଛି।
**– ବେଞ୍ଜାମିନ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଗଭୀର ଭାବେ ମର୍ମାହତ କରିଛି। ଏହି ଆକ୍ରମଣରେ ପ୍ରଭାବିତ ହୋଇଥିବା ପରିବାର ଏବଂ ଆହତଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– ଜିଓର୍ଜିଆ ମେଲୋନୀ, ଇଟାଲୀ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ସ୍ତବ୍ଧ ଏବଂ ମର୍ମାହତ। ହିଂସାର କୌଣସି ଯଥାର୍ଥତା ନାହିଁ। ଏହା କଡ଼ା ନିନ୍ଦନୀୟ।
**– ଆଣ୍ଟୋନି ଆଲବାନିଜ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପୂର୍ଣ୍ଣ ବିନାଶକାରୀ ଥିଲା। ଏହାକୁ ଯେତେ ନିନ୍ଦା କରିବା କମ୍ ହେବ। ଏହି ଆକ୍ରମଣରେ ପ୍ରଭାବିତ ଲୋକ ଏବଂ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– କିର୍ ଷ୍ଟର୍ମର, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ**

ପହଲ୍‌ଗାମ୍‌ରେ ନିରୀହ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ଆତଙ୍କବାଦୀଙ୍କ କାପୁରୁଷ ମାନସିକତାକୁ ଦର୍ଶାଉଛି। ଭାରତର ଜନସାଧାରଣଙ୍କ ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– ଓଲାଫ୍ ସ୍କୋଲ୍‌ଜ, ଜର୍ମାନ୍ ଚ୍ୟାନ୍ସେଲର**

କଶ୍ମୀର ଆତଙ୍କବାଦୀ ଆକ୍ରମଣରେ ଦୁଃଖିତ। ଏହି ଦୁଃଖ ସମୟରେ ସାଉଦି ଆରବ ଭାରତ ସହ ଦୃଢ଼ ଭାବେ ଛିଡ଼ାହୋଇଛି।
**– ମହମ୍ମଦ ବିନ୍ ସଲମାନ୍, ସାଉଦି କ୍ରାଉନ୍ ପ୍ରିନ୍ସ**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରୁଛି। ଏହି ଘୃଣ୍ୟ କାର୍ଯ୍ୟକୁ କଡ଼ା ନିନ୍ଦା କରୁଛି। ଆତଙ୍କବାଦ ବିରୋଧୀ ଲଢ଼େଇକୁ ବାଂଲାଦେଶ ସର୍ବଦା ସମର୍ଥନ ଦେଇ ଆସିଛି।
**– ମହମ୍ମଦ ୟୁନୁସ୍, ବାଂଲାଦେଶ ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା**

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଏକାଧିକ ପର୍ଯ୍ୟଟକଙ୍କ ଜୀବନହାନି ନିଶ୍ଚିତ ଭାବେ ଚିନ୍ତାଜନକ। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଉଛି। ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି।
**– ମହମ୍ମଦ ଇଶାକ୍ ଦର୍, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ**


ଜମ୍ମୁରେ ବନ୍ଦ ପାଳନବେଳେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ପାକିସ୍ତାନ ବିପକ୍ଷରେ ସ୍ଲୋଗାନ ଦିଆଯାଉଛି।


ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଘୋଡା ଚାଳକ ଆଦିଲ ହୁସେନ୍ ଶାହାଙ୍କ ବାପାଙ୍କୁ ଅନନ୍ତନାଗରେ ଆଶ୍ୱାସନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା।

# ମୁଣ୍ଡ ନୁଆଁଇବନି ଭାରତ


ସିସିଏସ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

**ନୂଆଦିଲ୍ଲୀ/ପହଲଗାମ୍, ୨୩।୪(ପି.ଟି./ଏଜେନ୍ସି)**

ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ଜୀବନ ନେଇଥିବା ଆତଙ୍କବାଦୀଙ୍କୁ ଖୁବ୍‌ଶୀଘ୍ର ବଡ଼ ଜବାବ ଦିଆଯିବ ବୋଲି ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଛନ୍ତି। ଭାରତକୁ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ ଜରିଆରେ ଭୟଭୀତ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶ୍ରୀନଗରରୁ ପ୍ରାୟ ୧୧୦ କି.ମି. ଦୂର ତଥା 'ମିନି ସୁଇଜରଲାଣ୍ଡ' ରୂପେ ପରିଚିତ ପହଲଗାମ୍‌ର ବୈସରନ୍‌ରେ ପାକିସ୍ତାନୀ ଆତଙ୍କବାଦୀମାନେ ମଙ୍ଗଳବାର ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିବାର ଦିନକ ପରେ ଏକ କାର୍ଯ୍ୟକ୍ରମରେ ରାଜନାଥ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି, ଏହି ମଞ୍ଚରୁ ଦେଶବାସୀଙ୍କୁ ଆଶ୍ୱାସନା ଦେଉଛି ଯେ, ଆକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସରକାର ସମସ୍ତ ପ୍ରକାର ଆବଶ୍ୟକ ଓ ଯୁକ୍ତିଯୁକ୍ତ ପଦକ୍ଷେପ ନେବେ। ଆମେ କେବଳ ଆକ୍ରମଣକାରୀଙ୍କୁ ଠାବ କରିବୁ ତାହା ନୁହେଁ। ଆଢୁଆଳରେ ରହି ଭାରତ ମାଟିରେ ଘାତକ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଖୋଜି ବାହାର କରିବୁ ବୋଲି ରାଜନାଥ ଚେତାବନୀ ଦେଇଛନ୍ତି। ଭାରତ ଏପରି ଏକ ପ୍ରାଚୀନ ସଭ୍ୟତା ଏବଂ ଏତେ ବଡ଼ ଦେଶ, ଯାହାକୁ ଆତଙ୍କବାଦୀଙ୍କ ଏଭଳି ବର୍ବର ଓ ଅମାନବୀୟ କାର୍ଯ୍ୟକଳାପ ଡରାଇପାରିବ ନାହିଁ। ଆତଙ୍କବାଦ ପ୍ରତି ଦେଶର ଶୂନ ସହନଶୀଳ ପ୍ରତିବଦ୍ଧତାକୁ ଦୋହରାଇବାକୁ ଯାଇ ରାଜନାଥ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏହି ଭୀରୁ କାର୍ଯ୍ୟ ବିରୋଧରେ ଏକାଠି ହୋଇ ରହିଥିବା କହିଛନ୍ତି।

ଏହା ପୂର୍ବରୁ ରାଜନାଥ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଜମ୍ମୁ-କଶ୍ମୀରରେ ଆକ୍ରମଣ ପରବର୍ତ୍ତୀ ସ୍ଥିତି ଉପରେ ସମୀକ୍ଷା କରିଥିଲେ। ନୂଆଦିଲ୍ଲୀରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଉକ୍ତ ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ୍, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ ଏବଂ ବାୟୁସେନା ମୁଖ୍ୟ ମାର୍ଶାଲ ଏ.କେ. ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଏବଂ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ସ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ ମଧ୍ୟ ଯୋଗଦେଇଥିଲେ। ଆତଙ୍କବାଦ ନିରୋଧୀ ଅପରେଶନର ଯୁଦ୍ଧ ଦକ୍ଷତା ବୃଦ୍ଧି ପାଇଁ ସଶସ୍ତ୍ର ବଳଙ୍କୁ ରାଜନାଥ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ୩ ସନ୍ଦିଗ୍ଧଙ୍କ ସ୍କେଚ୍ ଜାରି



୨୬ ଜଣଙ୍କୁ ମଙ୍ଗଳବାର ଗୁଳିକରି ହତ୍ୟା କରିଥିବା ୩ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସ୍କେଚ୍ ବୁଧବାର ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଜାରି କରାଯାଇଛି। ଏହି ୩ ପାକିସ୍ତାନୀ ହେଲେ ଆସିଫ୍ ଫୌଜି, ସୁଲେମାନ୍ ଶାହ ଓ ଅବୁ ତଲ୍‌ହା। ସେମାନଙ୍କ କୋଡ୍ ନାମ ହେଉଛି ମୁଷା, ୟୁନୁସ୍ ଓ ଆସିଫ୍। ପୁଞ୍ଚ୍‌ରେ ମଧ୍ୟ ଅନେକ ଆକ୍ରମଣରେ ଏହି ୩ ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି।

ଆକ୍ରମଣରୁ ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଥିବା ଲୋକଙ୍କ ସହାୟତାରେ ଏହି ୩ ଜଣଙ୍କ ସ୍କେଚ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ସହଯୋଗୀ ସଙ୍ଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟ୍ରଏଫ୍) ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି।

## ଆକ୍ରମଣସ୍ଥଳ ପରିଦର୍ଶନ କଲେ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର ପହଲଗାମ ଗସ୍ତକରି ଆକ୍ରମଣସ୍ଥଳ ପରିଦର୍ଶନ କରିଛନ୍ତି। ସେଠାରେ ସେ ସେନା ଓ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ସ୍ଥିତି ଉପରେ ଆଲୋଚନା କରିଛନ୍ତି। ଆତଙ୍କବାଦୀମାନେ କେଉଁଠୁ କିପରି ଭାବେ ଆସିଥିଲେ ଏବଂ କିଭଳି ପର୍ଯ୍ୟଟକମାନଙ୍କୁ ହତ୍ୟା କରିଥିଲେ, ସେନେଇ ଶାହାଙ୍କୁ ସୁରକ୍ଷା ଅଧିକାରୀମାନେ ଅବଗତ କରାଇଥିଲେ। ଏହି ଅବସରରେ ଜମ୍ମୁ-କଶ୍ମୀର ପୋଲିସ ଡିଜି ନଳିନ୍ ପ୍ରଭାତ ଏବଂ ସେନାର ୧୫ କର୍ ଜିଓସି ଲ୍ୟୁଟ୍‌ନାଣ୍ଟ ଜେନେରାଲ ପ୍ରଶାନ୍ତ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଆକାଶମାର୍ଗରୁ ଆକ୍ରମଣସ୍ଥଳ ପରିଦର୍ଶନ ପୂର୍ବରୁ ଶାହା ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ଅନନ୍ତନାଗରେ ସରକାରୀ ମେଡିକାଲ କଲେଜରେ ଚିକିତ୍ସାଧୀନ ଆହତମାନଙ୍କୁ ମଧ୍ୟ ଶାହା ଭେଟିଥିଲେ। ତାଙ୍କ ସହ ଉପରାଜ୍ୟପାଳ ମନୋଜ ସିହ୍ନା ଓ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ଉପସ୍ଥିତ ଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ୍ସ'ରେ କହିଛନ୍ତି, ଆତଙ୍କବାଦ ଆଗରେ ଦେଶ ମୁଣ୍ଡ ନୁଆଁଇବ ନାହିଁ। ଏହି ଆକ୍ରମଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଛଡ଼ାଯିବ ନାହିଁ।

## ପହଲଗାମ୍‌ରେ ଏନ୍ଆଇଏ ଟିମ୍

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଭାରତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ଦିଆଯାଇଛି। ଜଣେ ଆଇଜି ପାହ୍ୟା ଅଧିକାରୀଙ୍କ ନେତୃତ୍ୱରେ ଏନ୍ଆଇଏ ଟିମ୍ ବୁଧବାର ଆକ୍ରମଣସ୍ଥଳକୁ ଯାଇ ତନାଘନା ଆରମ୍ଭ କରିଛି। ଉକ୍ତ ଟିମ୍ ସ୍ଥାନୀୟ ପୋଲିସକୁ ତଦନ୍ତରେ ସହଯୋଗ କରିବ ବୋଲି ଜଣାପଡ଼ିଛି।


ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱର ସାରଙ୍ଗା ଇସାଣି ଗ୍ରାମର ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ଓ ପୁଅଙ୍କୁ ଭେଟୁଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ।


ଆଗ୍ରାସ୍ଥିତ ତାଜମହଲରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ, ତାଙ୍କ ସ୍ତ୍ରୀ ଉଷା ଭାନ୍ସ ଓ ତାଙ୍କର ୩ ପିଲା।

# କଶ୍ମୀର ଟୁର୍ ବାତିଲ କରୁଛନ୍ତି ୯୦% ପର୍ଯ୍ୟଟକ

**ନୂଆଦିଲ୍ଲୀ, ୨୩।୪**

ଜମ୍ମୁ-କଶ୍ମୀରର ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣର ପ୍ରଭାବ ପର୍ଯ୍ୟଟନ କ୍ଷେତ୍ର ଉପରେ ପଡ଼ିଛି। ଲୋକମାନେ ବଡ଼ସଂଖ୍ୟାରେ ଜମ୍ମୁ-କଶ୍ମୀର ଭ୍ରମଣ ପାଇଁ କରିଥିବା ଅଗ୍ରିମ ବୁକିଂକୁ ବାତିଲ କରିବା ଆରମ୍ଭ କରିଛନ୍ତି। ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଦୃଷ୍ଟିରୁ ଲୋକେ ଜମ୍ମୁ-କଶ୍ମୀର ପାଇଁ ସେମାନଙ୍କ ବୁକିଂକୁ ବାତିଲ କରୁଥିବା ନେଇ ବୁଧବାର ବିଭିନ୍ନ ଟ୍ରାଭେଲ ଏଜେନ୍ସି ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ପାଇଁ ପ୍ରାୟ ୯୦% ଟୁର୍ ବୁକିଂ ବାତିଲ ହେଉଥିବା ଜଣାପଡ଼ିଛି। ଏକ ଟ୍ରାଭେଲ ଏଜେନ୍ସିର ମାଲିକ ଦେବ୍ କହିଛନ୍ତି, ଅନେକ ପରିବାର ଜମ୍ମୁ-କଶ୍ମୀର ଭ୍ରମଣ ପାଇଁ ଆଗୁଆ ବୁକିଂ କରିଥିଲେ। ସେମାନେ ବସ୍ ଏବଂ ଫ୍ଲାଇଟ ଟିକେଟଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ସବୁକିଛିର ଅଗ୍ରିମ ବୁକିଂ କରିସାରିଥିଲେ। ତେବେ ପହଲ୍‌ଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ନେଇ ଖବର ଆସିବା ପରେ ସେମାନେ ନିଜ ନିଜ ବୁକିଂକୁ ବାତିଲ କରିବା ପାଇଁ ଟ୍ରାଭେଲ ଏଜେନ୍ସିଗୁଡ଼ିକୁ ଫୋନ୍ କରୁଛନ୍ତି ବୋଲି ଦେବ୍ କହିଛନ୍ତି। ଅନ୍ୟପକ୍ଷରେ, ପହଲ୍‌ଗାମ୍ ଆକ୍ରମଣ ପରେ କେବଳ ବୁଧବାର ସକାଳ ୬ଟାରୁ ୧୨ଟା ମଧ୍ୟରେ ଶ୍ରୀନଗର ଏୟାରପୋର୍ଟରୁ ୨୦ଟି ଫ୍ଲାଇଟ୍‌ରେ ୩,୩୩୭ ଜଣ ଲୋକ ନିଜ ନିଜ ରାଜ୍ୟକୁ ଫେରି ଯାଇଥିବା ନେଇ କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ରାମ ମନୋହର ନାଇଡୁ କହିଛନ୍ତି। ସେହିପରି ବର୍ତ୍ତମାନ ସ୍ଥିତିରେ ବିମାନ ଭଡ଼ା ବୃଦ୍ଧି ନ କରିବାକୁ ସମସ୍ତ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

**୬ ଘଣ୍ଟାରେ ଶ୍ରୀନଗର ଏୟାରପୋର୍ଟରୁ ଫେରିଲେ ୩,୩୩୭**

## ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀରେ ଇସ୍ରାଏଲର ଆକ୍ରମଣ, ୨୩ ମୃତ

**ଡେର୍ ଅଲ ବଲାହ, ୨୩।୪**

ଗାଜା ସିଟିରେ ବିସ୍ଥାପିତଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଏକ ସ୍କୁଲ୍‌ରେ ମଙ୍ଗଳବାର ମଧ୍ୟରାତିରେ ଇସ୍ରାଏଲର ମିଶାଇଲ ମାଡ଼ରେ ୨୩ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ଗାଜାରେ ଥିବା ହମାସ ପରିଚାଳିତ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା କରିଛି। ତେବେ ଏହି ଘଟଣାକୁ ଇସ୍ରାଏଲୀ ସାମରିକ ବାହିନୀ ଅସ୍ୱୀକାର କରିଛି। ହମାସ ସଶସ୍ତ୍ର ବାହିନୀର କ୍ୟାମ୍ପକୁ ଟାର୍ଗେଟ କରି ମିଶାଇଲ ମାଡ଼ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଏକ ବୟାନରେ ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି, ଗାଜାରେ ସାଧାରଣ ନାଗରିକଙ୍କ ମୃତ୍ୟୁ ପାଇଁ ହମାସ ଦାୟୀ। ଘନ ଜନବସତି ଅଞ୍ଚଳରେ ହମାସ୍‌ର ସଦସ୍ୟମାନେ କ୍ୟାମ୍ପ୍ କରୁଥିବାରୁ ସେଠାକାର ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟୁଥିବା ଇସ୍ରାଏଲୀ ସେନା କହିଛି। ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିରାମ ପାଇଁ ଆରବର କେତେଜଣ ମଧ୍ୟସ୍ଥ ଏକ ପ୍ରସ୍ତାବ ଉପରେ କାମ କାରୁଛନ୍ତି। ଉକ୍ତ ପ୍ରସ୍ତାବ ଅନୁଯାୟୀ, ୫ରୁ ୭ ବର୍ଷର ଯୁଦ୍ଧ ବିରାମ ସହ ବାକି ରହିଯାଇଥିବା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରାଯିବ।



## ଶାହାବାନୋଙ୍କ ଭୂମିକାରେ ୟାମୀ

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ୟାମୀ ଗୌତମ ଧର୍ ଏବଂ ଅଭିନେତା ଇମ୍ରାନ ହାସ୍‌ମୀଙ୍କୁ ଖୁବ୍‌ଶୀଘ୍ର ଏକ ନୂତନ ଫିଲ୍ମରେ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମଟି ୧୯୮୫ର ବହୁଚର୍ଚ୍ଚିତ ସୁପ୍ରିମକୋର୍ଟ ମାମଲା ଶାହାବାନୋ ବନାମ ଅହମଦ ଖାନ୍‌କୁ ନେଇ ଆଧାରିତ ରହିଛି ବୋଲି ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି। ଫିଲ୍ମରେ ୟାମୀ ଶାହାବାନୋଙ୍କ ଭୂମିକା ତୁଲାଉଛନ୍ତି। ୮୦ ଏବଂ ୯୦ ଦଶକରେ ମୁସଲମାନ ମହିଳାଙ୍କ ଅଧିକାର ପାଇଁ ଭାରତରେ ହୋଇଥିବା ବିଭିନ୍ନ ସଂଘର୍ଷକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ।

ଫିଲ୍ମରେ ଇମ୍ରାନ ଅହମଦ ଖାନ୍‌ଙ୍କ ଭୂମିକା ନିଭାଉଛନ୍ତି। ଲକ୍ଷ୍ନୌରେ ଫିଲ୍ମର ପ୍ରଥମ ପର୍ଯ୍ୟାୟ ଶୁଟିଂ ଶେଷ ହୋଇସାରିଛି। ତେବେ ବର୍ତ୍ତମାନ ସୁଦ୍ଧା ସୁପର୍ନ ଏସ୍ ବର୍ମାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଛି। ୧୯୭୮ରେ ୫ ସନ୍ତାନର ମା' ଶାହାବାନୋଙ୍କୁ ତାଙ୍କ ଓକିଲ ସ୍ୱାମୀ ମହମ୍ମଦ ଅହମ୍ମଦ ଖାନ୍ ତିନ୍ ତଲାକ ଦେଇଥିଲେ। ଛାଡପତ୍ର ପରେ ଶାହାବାନୋ ତାଙ୍କ ସ୍ୱାମୀଙ୍କୁ କ୍ରିମିନାଲ ପ୍ରୋସେଜିଓର କୋଡ୍ (ସିଆର୍‌ପିସି)ର ସେକ୍ସନ ୧୨୫ ଅନୁଯାୟୀ, ଭରଣପୋଷଣ ଭତ୍ତା ମାଗିଥିଲେ। ତେବେ ମୁସଲିମ ପର୍ସନାଲ ଲ'ରେ ଏପରି କୌଣସି ପ୍ରାବଧାନ ନାହିଁ କହି ଅହମ୍ମଦ ଭରଣପୋଷଣ ଭତ୍ତା ଦେବାକୁ ମନା କରିଦେଇଥିଲେ।



**ଫୁରସତ୍**

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ: ସେଲିବ୍ରିଟିଙ୍କ ଶ୍ରଦ୍ଧାଞ୍ଜଳି

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣର ଦୁଃଖ ଏବଂ କ୍ରୋଧକୁ ଶବ୍ଦରେ ପ୍ରକାଶ କରିବା ସମ୍ଭବ ନୁହେଁ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଦେଶବାସୀ ଏକଜୁଟ ହେବାର ସମୟ ଆସିଛି।
**–ଶାହରୁଖ ଖାନ୍, ଅଭିନେତା**

ନିରୀହ ଲୋକଙ୍କୁ ଆକ୍ରମଣ କରାଯାଇଛି। ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକଟ କରୁଛି।
**–ସଲ୍‌ମାନ ଖାନ୍, ଅଭିନେତା**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଅତ୍ୟନ୍ତ ବର୍ବରୋଚିତ ଓ ନିନ୍ଦନୀୟ। ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଦୁଃଖ ମନରୁ ଲିଭିବ ନାହିଁ।
**– ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ**

ପହଲ୍‌ଗାମ୍ ଆକ୍ରମଣ ସମ୍ପୂର୍ଣ୍ଣ ହୃଦୟ ବିଦାରକ। ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ସମବେଦନା ବ୍ୟକ୍ତ କରୁଛି।
**– ଅଲ୍ଲୁ ଅର୍ଜୁନ, ଅଭିନେତା**

ଅନେକ ନିର୍ଦ୍ଦୋଷ ଲୋକ ଜୀବନ ହରାଇଛନ୍ତି। ଅନେକେ ଶାନ୍ତି ଏବଂ ସୌନ୍ଦର୍ଯ୍ୟତାକୁ ଖୋଜି କଶ୍ମୀରକୁ ଭ୍ରମଣ ପାଇଁ ଆସିଥିଲେ। କିନ୍ତୁ ଏବେ ସେମାନେ ନିଜ ଆତ୍ମୀୟ ସ୍ୱଜନଙ୍କୁ ହରାଇ ମ୍ରିୟମାଣ ଅଛନ୍ତି। ପୂରା ଘଟଣା ମନକୁ ଆନ୍ଦୋଳିତ କରୁଛି।
**– ଆଲିଆ ଭଟ୍ଟ, ଅଭିନେତ୍ରୀ**

ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପୂର୍ଣ୍ଣ ହୃଦୟ ବିଦାରକ। ଏହି ଘଟଣାରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ନିଜ ପ୍ରିୟ ପରିଜନଙ୍କୁ ହରାଇଥିବା ପରିବାରଗୁଡ଼ିକୁ ଶୀଘ୍ର ନ୍ୟାୟ ମିଳୁ।
**– କ୍ୟାଟ୍ରିନା କୈଫ୍, ଅଭିନେତ୍ରୀ**

## ଫେରିଲେ ୧୧୨ ତୀର୍ଥଯାତ୍ରୀ

ଭଦ୍ରକ,୨୩।୪ (ରବିନାରାୟଣ ଖିଲାର)

ଭଦ୍ରକର ୧୧୨ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସାରି ବୁଧବାର ସନ୍ଧ୍ୟାରେ ଫେରିଛନ୍ତି। ୩ଟି ବସ୍ ଯୋଗେ ସେମନେ ଜିଲାପାଳଙ୍କ ଅଫିସଠାରେ ପହଞ୍ଚିବା ପରେ ୭ ବ୍ଲକକୁ ପ୍ରତ୍ୟାବର୍ତ୍ତନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ସରୋଜ ଦତ୍ତ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ପର୍ଯ୍ୟଟନ ଅଧିକାରୀ ସୁଧାଂଶୁ ସ୍ୱାଇଁ ଉପସ୍ଥିତ ଥିଲେ। ତୀର୍ଥଯାତ୍ରୀ ଗତ ୧୮ ତାରିଖରେ ଅଯୋଧ୍ୟା ଓ ବାରାଣସୀ ଯାତ୍ରା କରିଥିଲେ।

## ବିଶ୍ୱ ପୁସ୍ତକ ଦିବସ

ଭଣ୍ଡାରିପୋଖରୀ,୨୩।୪(ରାଜେନ୍ଦ୍ର ଶତପଥୀ)

ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବୁଧବାର ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ସନ୍ତୋଷ ସାହୁ, ଘନଶ୍ୟାମ ସ୍ୱାଇଁ, ଦେବେନ୍ଦ୍ର ନାୟକ, ଖଗେଶ୍ୱର ସୂତାର, ଜଗନ୍ନାଥ ନାୟକ, ରବୀନ୍ଦ୍ର ନନ୍ଦ, ଡା. ନିରଞ୍ଜନ ଓଝା ଏବଂ ପ୍ରଫୁଲ୍ଲ ସାହୁ ଯୋଗଦେଇ ପଠନ ଅଭ୍ୟାସ, ପୁସ୍ତକ ପ୍ରଭାବ, ଲେଖକଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଜଗବନ୍ଧୁ ରାଉତ ଅତିଥି ପରିଚୟ ଓ ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

# ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ




ବରପଦା ବଜାରଠାରେ ମହିଳାମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରୁଛନ୍ତି।

## ରାସ୍ତାରୋକୋ କଲେ ଉପଭୋକ୍ତା

ଭଦ୍ରକ,୨୩।୪ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବରପଦା ବଜାରରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ସ୍ଥାନାନ୍ତରକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏହି ବ୍ୟାଙ୍କରେ ଖାତା ଖୋଲିଥିବା ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ଓ ବ୍ୟାଙ୍କ ଉପଭୋକ୍ତାମାନେ ବୁଧବାର ସକାଳ ୬ଟାରୁ ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ବରପଦା ବଜାରଠାରେ ପ୍ରବଳ ଖରାରେ ରାସ୍ତାରୋକୋ କରି ପ୍ରତିବାଦ ଜଣାଇଛନ୍ତି।

ଦୀର୍ଘବର୍ଷ ଧରି ବରପଦା ବଜାରର ଏକ ଭଡ଼ାଘରେ ବ୍ୟାଙ୍କର ଶାଖା ଚାଲୁଥିଲା। ଉକ୍ତ ଭଡ଼ାଘର ଡ୍ୟାମେଜ ହୋଇଯାଇଥିବାରୁ ଘର ବଦଳାଇବାକୁ ମାଲିକ ଜଣାଇଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ବରପଦାରେ ଅନ୍ୟ ଭଡ଼ା ଘର ନ ନେଇ ୧୦ କି.ମି. ଦୂର ବନ୍ତ ବଜାରକୁ ବ୍ୟାଙ୍କ ଶାଖା ସ୍ଥାନାନ୍ତର କରି ନେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଖାତା ଖୋଲିଥିବା ବରପଦା, କାଜିପୋଖରୀ, ଅରଞ୍ଜି, କାଉପୁର, ଦୈସିଂ, ଗଣିଜାଙ୍ଗ, ରାମକୃଷ୍ଣପୁର ଆଦି ସ୍ଥାନୀୟ ୧୦ ଖଣ୍ଡ ଗ୍ରାମର ଲୋକ ବ୍ୟାଙ୍କ କାମ ପାଇଁ ଏବେ ୧୦ କି.ମି. ଦୂର ବନ୍ତ ଯିବାକୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଅପରପକ୍ଷେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ବନ୍ତ ଯିବା ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେବ ବୋଲି କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଲୋକେ ରାସ୍ତାରୋକୋ କରିଛନ୍ତି। ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶ ଓ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ମୁତୟନ ରହିଥିଲା। ଅପରାହ୍ନରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ଉପରିସ୍ଥ ଅଧିକାରୀମାନେ ପହଞ୍ଚି ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଆସନ୍ତା ୧୦ଦିନ ଭିତରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ରାସ୍ତାରୋକୋ ହଟିଥିଲା।

## ଆଜିଠୁ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ

ଚାନ୍ଦବାଲି,୨୩।୪(ରତିକାନ୍ତ ବାରିକ)

ବୈତରଣୀ ନଦୀର ସଂରକ୍ଷଣ, ପ୍ରଦୂଷଣମୁକ୍ତ ଓ ଚିରସ୍ରୋତା କରିବା ଉଦ୍ଦେଶ୍ୟରେ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହେବ। ଚାନ୍ଦବାଲି ସହର ଦୁର୍ଗାପଡ଼ିଆରେ ଏହି ମହୋତ୍ସବ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗାପଡ଼ିଆରେ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ପ୍ରଶାସନିକ ଅଧିକାରୀ, ରାଜନେତା, ପରିବେଶବିତ୍, ସାଧୁ ସନ୍ଥ, ସାମାଜିକ କର୍ମୀଙ୍କଠାରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗର ଲୋକେ ଯୋଗଦେଇ ନଦୀ ସଂରକ୍ଷଣରେ ସମସ୍ତଙ୍କ ଭୂମିକା ବିଷୟରେ ଚର୍ଚ୍ଚା ଆଲୋଚନା କରିବେ। ବୈତରଣୀ ବାଣିଜ୍ୟ ହାଟରେ କୁଟୀର ଶିଳ୍ପ, ହସ୍ତ ଶିଳ୍ପ ଓ ଗ୍ରାମୀଣ ଉଦ୍ୟୋଗୀମାନଙ୍କ ଉତ୍ପାଦିତ ଦ୍ରବ୍ୟର କିଣାବିକା ପାଇଁ ବାଣିଜ୍ୟିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯିବା ସହ ମୀନାବଜାର ଓ ଖାଦ୍ୟ ଷ୍ଟଲ୍ ସ୍ଥାନ ପାଇବ। ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ କଳା ସଂସ୍କୃତି ଅନୁଷ୍ଠାନ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟି ସଭାପତି ବ୍ରଜକିଶୋର ପଣ୍ଡା ଓ ସମ୍ପାଦକ ଆଦିତ୍ୟ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ବୈଠକରେ କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତାମାନେ।

# ଯୋଗ୍ୟଙ୍କୁ ଆବାସ, ପାନୀୟଜଳ, ଜଳସେଚନ ବ୍ୟବସ୍ଥା ଉପରେ ଗୁରୁତ୍ୱ




ବୈଠକରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

## ୨ୟ ଦିଶା ବୈଠକ

ଭଦ୍ରକ,୨୩।୪(ସନାତନ ରାଉତ)

ଭଦ୍ରକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ କୋର୍ଡିନେଶନ ଏବଂ ମନିଟରିଂ କମିଟିର ୨ୟ ଦିଶା ବୈଠକ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଜିଲାପାଳ ଦିଲୀପ ରାଉତରାଏ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଯୋଗାଇଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜଳସେଚନ, ପାନୀୟ ଜଳ, ବନ୍ୟା ନିୟନ୍ତ୍ରଣ, ସମୁଦ୍ର ଉପକୂଳରେ ଲୁଣାପାଣି ନିୟନ୍ତ୍ରଣ, ଆଖୁଆପଦାଠାରେ ବ୍ୟାରେଜ ନିର୍ମାଣ, ଭଣ୍ଡାରିପୋଖରୀଠାରୁ ରାଣୀତାଲ ପର୍ଯ୍ୟନ୍ତ ୪ ଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ, ଦଶମୌଜା କେନାଲ ସମସ୍ୟା ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇ କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଯୋଗ୍ୟଙ୍କୁ ଆବାସ ପ୍ରଦାନ, ପାନୀୟ ଜଳ ଯୋଗାଣ ଓ ଜଳସେଚନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏସବୁ ବିଷୟ ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଏମ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ସମସ୍ତ ବ୍ଲକ, ପୌରପାଳିକା ଓ ଏନ୍‌ଏସି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ଜନପ୍ରତିନିଧି ବୈଠକରେ ଯୋଗଦେଇ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ଭଦ୍ରକ ସମେତ ବାଲେଶ୍ୱର ଓ ଯାଜପୁର ଜିଲାର ବିଭିନ୍ନ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

# ଖୋଲିଲା ଘରୋଇ ସ୍କୁଲ

## ସରକାରୀ ନିୟମ ଉଲ୍ଲଂଘନ

ଚାନ୍ଦବାଲି,୨୩।୪(କିଷାନ ପାତ୍ର)

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାରଠାରୁ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଛୁଟି ଘୋଷଣା କରିଛନ୍ତି। କିନ୍ତୁ ସରକାରୀ ନିୟମକୁ ଉଲ୍ଲଂଘନ କରି ଚାନ୍ଦବାଲିରେ ଏକ ଘରୋଇ ସ୍କୁଲ ଖୋଲା ରହିବା ସହ ପିଲାଙ୍କୁ ପାଠପଢ଼ା ଯାଇଥିଲା। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

ଚାନ୍ଦବାଲି ଏନ୍‌ଏସି ଅଧୀନ ହରିପୁରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ କୁନି ପିଲାମାନଙ୍କୁ ପାଠପଢ଼ା ଯାଇଥିଲା। ବହୁ ଦୂରଦୂରାନ୍ତରୁ ଛାତ୍ରୀଛାତ୍ର ସକାଳୁ ଆସି ପୂର୍ବାହ୍ନ ୧୧ଟା ବେଳକୁ ଘରକୁ ଫେରିଥିଲେ। ଏନେଇ ବିଦ୍ୟାଳୟ ମୁଖ୍ୟ ପରିଚାଳକ ସୁଧୀର କୁମାର ମହାନ୍ତି କହିଛନ୍ତି, ବହୁ ଦୂରରୁ ଛାତ୍ରୀଛାତ୍ର ଆସନ୍ତି, ସେମାନଙ୍କୁ ସୂଚନା ଦିଆଯାଇ ପାରି ନ ଥିଲା। ପୂର୍ବାହ୍ନ ୧୧ଟା ବେଳେ ପାଠପଢ଼ା ବନ୍ଦ କରିଦିଆଯାଇଥିଲା। ଏନେଇ ତହସିଲଦାର ଭବତୋଷ ମଲ୍ଲିକ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ତଦନ୍ତ କରାଯାଉଛି। ଏଭଳି ଘଟିଥିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**OFFICE OF THE**
**SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
Bid Identification No.S.E.E.C (R&B) 01/2025-26
No. 1363/Date : 19.04.2025

**No.B-42** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha,
BBSR

OIPR-34006/11/0031/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**NABARANGPUR (R&B) DIVISION, NABARANGPUR**
E-mail ID: eerbngpur@yahoo.com, Tel & Fax-06858-222833 (O)
**e-Procurement Notice**
Bid Identification No.S.E. (R&B)-01/2025-26/NGP
No.2670, Date:21.04.2025

**No.B-48:**Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in.**


Sd./- Superintending Engineer
Nabarangpur (R&B) Division

OIPR-34143/11/0010/2526

## ପଞ୍ଚମୁଖୀ ହନୁମାନ ମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପିତ

ବାସୁଦେବପୁର,୨୩।୪(କାଳିପଦ ରାୟ)

ବାସୁଦେବପୁର ବ୍ଲକର ବାଲିମେଦ ପଞ୍ଚାୟତ ଅଧୀନ ଜୀବନପୁର, ଶ୍ରୀବତ୍ସପୁର ଗ୍ରାମରେ ୩ଦିନ ଧରି ଚାଲିଥିବା ପଞ୍ଚମୁଖୀ ହନୁମାନ ମନ୍ଦିରର ୩ୟ ବାର୍ଷିକୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ନିକଟସ୍ଥ ମନ୍ତେଇ ନଦୀରୁ ୧୦୮ ଘଟ ଉତ୍ତୋଳନ କରାଯାଇଥିଲା। ପ୍ରଫୁଲ୍ଲ କୁମାର ପଳିତା ମୁଖ୍ୟ ଘଟ ଉତ୍ତୋଳନ କରିଥିଲେ। ମନ୍ଦିରର ମୁଖ୍ୟ ପୁଜକ ଦୀନବନ୍ଧୁ ପଣ୍ଡା ଏବଂ ଅନ୍ୟ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ, ୧୦୮ ହନୁମାନ ଚାଳିଶା ପଠନ କରାଯାଇଥିଲା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। କମିଟି ସଭାପତି ସନ୍ଦୀପ ପଳିତା, ଉପସଭାପତି ବାସୁଦେବ ନାୟକ, ସମ୍ପାଦକ ଦୀପକ ନାୟକଙ୍କ ସମେତ ସୁବାସ ବଳ, ଦେବେନ୍ଦ୍ର ନାୟକ, ବିଜୟ ବଳ, ବଟକୃଷ୍ଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ପଞ୍ଚମୁଖୀ ହନୁମାନ।

## ନମ୍ବରବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ

ଭଣ୍ଡାରିପୋଖରୀ,୨୩।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତର ଦାଣ୍ଡକୂଳ ଗ୍ରାମ ବୈତରଣୀ ନଦୀରୁ ବେଆଇନ ବାଲି ପରିବହନ କରୁଥିବା ଏକ ନମ୍ବରବିହୀନ ଟ୍ରାକ୍ଟରକୁ ମଙ୍ଗଳବାର ରାତିରେ ପୋଲିସ ଜବତ କରିଛି। କୌଣସି ବୈଧ କାଗଜପତ୍ର ନ ଥିବାରୁ ଟ୍ରାକ୍ଟର ଜବତ ସହ ଚାଳକ ବିରୋଳି ଗ୍ରାମର ପ୍ରଦୀପ ଜେନା(୨୬)ଙ୍କୁ ପୋଲିସ ଗିରଫ କରିଛି। ସବ୍‌ଇନ୍ସପେକ୍ଟର ଇଭାରାଣୀ ପରିଡ଼ାଙ୍କ ଏତଲାକ୍ରମେ ମାମଲା (ନଂ.୧୯୯/୨୫) ରୁଜୁ ହୋଇଛି।

**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR
rwdivision_jaraka@yahoo.co.in
'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

**Other details as follows :**

a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer
Rural Works Division-II
Jajpur at Jaraka

OIPR-25080/11/0037/2526

omfed www.omfed.com
**The Odisha State Co-operative Milk Producers' Federation Limited**
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com

**E-TENDER NOTICE**

**No.CAD-204 : OMFED** invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୨୩।୪
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତ ନୌରଙ୍ଗପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକଙ୍କୁ ବୁଧବାର ପୂର୍ବାହ୍ନରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ଶିକ୍ଷାବିତ୍ ପବନ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଅଧୀର ରଞ୍ଜନ ତରାଇ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରୀତିକାନ୍ତ ରାଉତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ରଞ୍ଜନ ପରିଡ଼ା, ପୂର୍ବତନ ଶିକ୍ଷକ ନୃସିଂହ ଚରଣ ସାମଲ, ସଞ୍ଜିତ କୁମାର




ପ୍ରଧାନଶିକ୍ଷକ ସମ୍ବର୍ଦ୍ଧନା ଗ୍ରହଣ କରୁଥିବା ବେଳେ ଉପସ୍ଥିତ ଅନ୍ୟ ଶିକ୍ଷାବିତ୍।

ସାମଲ, ଯଦୁମଣି ଦାସ, ରାମଚନ୍ଦ୍ର ମହାନ୍ତି, ସତ୍ୟରଞ୍ଜନ ସାମଲ, ନୀଳମଣି ନାୟକ, ରାମଚନ୍ଦ୍ର ରାଉତ, ନିରାକାର ରାଉତ, ଦୁର୍ଗା ଚରଣ ମହାକୁଡ଼, ସଞ୍ଜୁଲତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୀତାମ୍ବର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୟନ୍ତ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ତାପସୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

OHPC
**ODISHA HYDRO POWER CORPORATION LTD.**
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025
**TENDER CALL NOTICE NO.HHEP-17/2025**

**No.CAD-186:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.

OIPR-04007/11/0040/2526 Sd./- C & P Head, HHEP, Burla

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**
**e-Procurement Notice**
Tender Call Notice No.-3451, Date:21.04.2025
INVITATIONS FOR BIDS THROUGH e-Procurement
Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

**No.L-08:**Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK** No.A-60
Letter No. 1844/Dt. 21.04.2025
GOVERNMENT OF ODISHA e-Procurement Notice
Bid Identification No. on line SECMID - 03/2025-26
eemidcuttack@yahoo.co.in

1 Name of work : **Improvement to canal Lining of MIP under Capex in MI Sub-Division Athagarh**
2 Total Number of work : **01 (One) No.**
3 Estimated cost : **Rs.82.54 lakhs**
4 Tender paper Cost (Online) : **Rs. 10,000/-**
5 Bid Security (Online) : As per DTCN
6 Period of Completion : As per DTCN
7 Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8 Last date & Time of receipt : **07.05.2025 at 5.00 P.M.** through online Bid
9 Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10 Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11 Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12 Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack

OIPR-32121/11/0033/2526

## ସଂକ୍ଷେପରେ

### ଟ୍ରାକ୍ଟର ଚକ ତଳେ ଚାପି ହୋଇ ଶିଶୁ ମୃତ

ଖଇରା, ୨୩।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଜଳଙ୍ଗ ଗଣ୍ଡିବେଡ ଗ୍ରାମରେ ବୁଧବାର ଅଜୟ ବାରିକଙ୍କ ପୁଅ ସତ୍ୟଜିତ(୭)ଙ୍କ ଉପରେ ଟ୍ରାକ୍ଟର ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରେ ମୃତଦେହ ରଖି ଧାରଣା ଦେଇଛନ୍ତି। ଅନ୍ତରା ପଞ୍ଚାୟତ ନୂଆ ଗ୍ରାମର ଅଜୟ ଓ ତାଙ୍କ ସ୍ତ୍ରୀ ପୁଅକୁ ଜଳଙ୍ଗ ଗ୍ରାମର ଆଈ ଅନିତା ଦାସଙ୍କ ପାଖରେ ଛାଡି ଦାଦନ ଖଟିବାକୁ ଚେନ୍ନାଇ ଯାଇଛନ୍ତି । ଅପରାହ୍ନରେ ଶିଶୁଟି ରାସ୍ତା କଡରେ ଖେଳୁଥିବା ବେଳେ ଟ୍ରାକ୍ଟର ପିଲା ଉପରେ ଚଢିଯାଇଥିଲା। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଜଳଙ୍ଗ-ଗରସଙ୍ଗ ରାସ୍ତାକୁ ଅବରୋଧ କରିଥିଲେ। ଖଇରା ତହସିଲର ଅଧିକାରୀ ଓ ସିମୁଳିଆ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ।

### ପୌରପାଳିକା ଅଧିକାରୀଙ୍କ ଚଢ଼ାଉ

ଜଳେଶ୍ୱର, ୨୩।୪(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ସହର ମଧ୍ୟରେ ଥିବା ଦୋକାନୀମାନେ ଖାଦ୍ୟ ନିରାପତ୍ତା ଆଇନ୍ ଉଲ୍ଲଂଘନ କରି ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଛନ୍ତି। ଯାହାକୁ ନେଇ ଜଳେଶ୍ୱର ପୌରପାଳିକା ଅଧିକାରୀ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲା। ବୁଧବାର ପୂର୍ବାହ୍ନ ୧୦ଟା ବେଳେ ଜଳେଶ୍ୱର ପୌରପାଳିକା ଅଧିକାରୀ ହେମନ୍ତ ସିଂଙ୍କ ନେତୃତ୍ୱରେ ଜଳେଶ୍ୱର ଷ୍ଟେଶନ ଛକରେ ଦୁଇଟି ଦୋକାନ ଉପରେ ଚଢ଼ାଉ କରି ସମୟ ଅବଧି ସରିଥିବା ବିଭିନ୍ନ ସାମଗ୍ରୀ ମିଳିଛି। ପୌରପାଳିକା ଖାଦ୍ୟ ସୁରକ୍ଷା କର୍ମଚାରୀ ଶଶୀକାନ୍ତ ବେହେରା, ମନୋରଞ୍ଜନ ଦାସ ଏବଂ ଜଳେଶ୍ୱର ପୋଲିସ ଅଧିକାରୀ ସାମିଲ ଥିଲେ। ଜଳେଶ୍ୱର ବୁଦ୍ଧିଜୀବୀମାନେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ 'ଇନୋଭେଶନ କାର୍ନିଭାଲ'



କାର୍ଯ୍ୟକ୍ରମରେ ଉପସ୍ଥିତ ସିଇଓ ଓ ବରିଷ୍ଠ ଅଧିକାରୀ।

ବାଲେଶ୍ୱର, ୨୩।୪(ବାଞ୍ଛାନିଧି ଦେ)

**ବିଶ୍ୱ ସୃଜନଶୀଳତା ଏବଂ ନବସୃଜନ ଦିବସ**

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ବିଶ୍ୱ ସୃଜନଶୀଳତା ଓ ନବସୃଜନ ଦିବସ ଅବସରରେ ପ୍ରଥମଥର ପାଇଁ 'ଇନୋଭେଶନ କାର୍ନିଭାଲ' ପାଳନ କରାଯାଇଛି। ଇନୋଭେଶନ କାର୍ନିଭାଲ ପରିଚାଳନା, ବାଣିଜ୍ୟିକ, ନିରାପତ୍ତା, ଉପଭୋକ୍ତା ସେବା, ଆଇଟି, ଶକ୍ତି ଏବଂ ପ୍ରକଳ୍ପ ସମେତ ବିଭିନ୍ନ କାର୍ଯ୍ୟର କର୍ମଚାରୀଙ୍କ ପାଇଁ ଏକ ଜୀବନ୍ତ ପ୍ଲାଟଫର୍ମ। ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ ଏବଂ କାର୍ଯ୍ୟକାରୀ ମୁଖ୍ୟମାନେ ଯୋଗଦେଇ ସାଙ୍ଗଠନିକ ଅଭିବୃଦ୍ଧି ଏବଂ ନିରନ୍ତର ବିକାଶରେ ନବସୃଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏକ ସହଯୋଗୀ, ଧାରଣା ଭିତ୍ତିକ ସଂସ୍କୃତି କିପରି ସେବା ବୃଦ୍ଧି ଏବଂ ସାଙ୍ଗଠନିକ ଉତ୍କର୍ଷତା ପାଇଁ ନୂତନ ସମ୍ଭାବନା ଖୋଲିପାରିବ ତାହା ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା। ଏହା ବିବିଧ ଶିକ୍ଷଣୀୟ ଏବଂ ଜ୍ଞାନ ବିନିମୟ ପାଇଁ ଏକ ଭାବ ବିନିମୟ ସ୍ଥାନ ମଧ୍ୟ ପ୍ରଦାନ କରିଥିଲା। ଯାହା ଏକ ପ୍ରଗତିଶୀଳ ଶକ୍ତି ବିତରଣ କମ୍ପାନୀ ଭାବରେ ଟିପିଏନଓଡିଏଲର ସ୍ଥିତିକୁ ସୁଦୃଢ଼ କରିଥିଲା। ଏହି ଅବସରରେ ବସାକ ୨୦୨୫-୨୬ ଆର୍ଥିକବର୍ଷ ଏବଂ ପରେ ଟିପିଏନଓଡିଏଲର ନବସୃଜନ ରୋଡମ୍ୟାପ୍ ଉନ୍ମୋଚନ କରିଥିଲେ। ଅଭିନବତା କେବଳ ନୂତନ ଚିନ୍ତାଧାରା ବିଷୟରେ ନୁହେଁ, ଏହା ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବାର ବିଷୟ। କର୍ମଚାରୀଙ୍କୁ ଭିନ୍ନ ଭାବରେ ଚିନ୍ତା କରିବା ଏବଂ ଉପଭୋକ୍ତାଙ୍କ ଅଭିଜ୍ଞତା ଏବଂ ପରିଚାଳନା ଦକ୍ଷତା ବୃଦ୍ଧି କରୁଥିବା ସମାଧାନ ସୃଷ୍ଟି କରିବାକୁ ସଶକ୍ତ କରିବାରେ ବିଶ୍ୱାସ କରୁଛୁ ବୋଲି ସେ କହିଥିଲେ।

# ହନୁମାନ ମନ୍ଦିର ପରିଚାଳନା ଟ୍ରଷ୍ଟର ବାର୍ଷିକ ଉତ୍ସବ

ଔପଦା, ୨୩।୪(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ କମାରପାଳ ଚିଞ୍ଚିଡ଼ା ସତ୍ୟନଗର ସାହିରେ ଥିବା ହନୁମାନ ମନ୍ଦିର ପରିଚାଳନା ଟ୍ରଷ୍ଟ ତରଫରୁ ବାର୍ଷିକ ଉତ୍ସବ ପାଳନ ସହ ମନ୍ଦିରରେ ପ୍ରଭୁ ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁ ଗୌରବ ମୂରଲୀଧର ବାରିକ ଏବଂ ଆଦର୍ଶ ଶିକ୍ଷକ ଚୈତନ୍ୟ ବାରିକଙ୍କ ସ୍ମୃତିଚାରଣ ସଭାରେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଔପଦା ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ଲୋକନାଥ ଦଳେଇ, ସମ୍ମାନନୀୟ ଅତିଥି ଭାବେ ଖବରଦାତା ଅଶୋକ କୁମାର ପ୍ରଧାନ, ବରିଷ୍ଠ ଖବରଦାତା ଗୟାଧର ତ୍ରିପାଠୀ, ଶିକ୍ଷାବିତ୍ ସୁଦାମ ଚରଣ ରାଉତ, ହରିହର ଦାସବର୍ମା, ଅନାଦି ଚରଣ ନାୟକ, ସାଧକ ସର୍ବେଶ୍ୱର ପାଢ଼ୀ, ପ୍ରଧାନଶିକ୍ଷକ ନାରାୟଣ ପୁଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୁନି ନୃତ୍ୟଶିଳ୍ପୀ ଛନ୍ଦିତା ରାଣୀ ବେହେରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଅଘିରାପଦା ପଞ୍ଚାୟତରେ ଥିବା ସମସ୍ତ ବିଦ୍ୟାଳୟର ଜଣେ ଜଣେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତପନ ଗାହାଣ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଦିବ୍ୟରଞ୍ଜନ ଗାହାଣ ଅତିଥି ପରିଚୟ ଦେଇଥିଲେ।

### ଜଳିଗଲା ୬ଶହ ଏକରରୁ ଊର୍ଦ୍ଧ୍ୱ ଖଡ଼ି ବାଡ଼ି

ଭୋଗରାଇ, ୨୩।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ୨ଟି ପଞ୍ଚାୟତରେ ବୁଧବାର ସକାଳେ ଅଦ୍ୟାବଧି ପ୍ରାୟ ୬ ଶହ ଏକର ଖଡ଼ି ଓ ଇକଡ଼ ଚାଷ ନିଆଁରେ ପୋଡ଼ିଯାଇଛି। ନିଆଁର ଧାସ ଉପରକୁ ଉଠି ସନ୍ଧ୍ୟା ପର୍ଯ୍ୟନ୍ତ ୪ କି.ମି. ବ୍ୟାସାର୍ଦ୍ଧ ପରିଧିରେ ପାଉଁଶ ଉଡି ଗ୍ରାମରେ ପଡ଼ୁଛି। ଅଗ୍ନିଶମ ବାହିନୀର ୨ଟି ଟିମ୍ ଅକ୍ଲାନ୍ତ ଉଦ୍ୟମ ଜାରି ରଖିଥିଲା। ଏହି ବ୍ଲକର କୁଳିଦା ପଞ୍ଚାୟତ କୁଳିଦା, ମାହାଦିଆ, ପଣ୍ଡୁଆ, ଉଫୁଳା, କରଣମ୍ପୁର ଓ ବାଗଧଡ଼ାସ ଗ୍ରାମରେ ଖଡ଼ି ଚାଷ ଜମିରେ ନିଆଁ ଲାଗିଛି। ମହାବନ୍ଧ ପଞ୍ଚାୟତ ଚାନ୍ଦକୁମ୍ଭୀ ଗ୍ରାମ ଚାଷଜମିରେ ନିଆଁ ଲାଗି ଜନଜୀବନକୁ ଦୁର୍ବିଷହ କରିଛି। ପୋଡ଼ିଯାଇଥିବା ଖଡ଼ି ଚାଷର ଆନୁମାନିକ ମୂଲ୍ୟ ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୃଷକ ନେତା ବିମଳ ପାତ୍ର ସୂଚନା ଦେଇଛନ୍ତି।

### ଭୁଜାଲି ଦେଖାଇ ଲୁଟ୍ ଅଭିଯୋଗରେ ୪ ଗିରଫ

ସୋର, ୨୩।୪(ଜନ୍ମେଜୟ ମିଶ୍ର)

ସୋର ଥାନା ବାରିକପୁର ଅଶିମିଲାଠାରେ ବାଇକରେ ଯାଉଥିବା ଦୁଇ ଭାଇଙ୍କଠାରୁ ଦୁଇଟି ମୋବାଇଲ ଓ ୪୦ ହଜାର ଟଙ୍କା ଲୁଟ୍ ଅଭିଯୋଗରେ ସୋର ପୋଲିସ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୨ଟି ବାଇକ, ଭୁଜାଲି ଓ ୮ ହଜାର ଟଙ୍କା ଜବତ କରାଯାଇଛି। ଗୋବିନ୍ଦପୁର ଗ୍ରାମର ପ୍ରଦୀପ ମଲ୍ଲିକ ଓ ତାଙ୍କ ଭାଇ ଏକ ବାଇକରେ ଗତ ୧୪ ତାରିଖରେ ଯାଉଥିବା ବେଳେ ୪ଜଣ ଯୁବକ ଭୁଜାଲି ଦେଖାଇ ଭୟଭୀତ କରି ୨ଟି ମୋବାଇଲ ଓ ୪୦ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ସୋର ଥାନାରେ ମାମଲା(ନଂ. ୨୯୦/୨୫) ରୁଜୁ ହୋଇଛି। ଗିରଫ ୪ ଯୁବକ ହେଲେ ସୋର ଥାନା ପଥରପେଣ୍ଟ ଗ୍ରାମର ଶିବା ମଲିକ, ଅନୀଲ ବେହେରା ଓ ଅନ୍ୟ ଦୁଇଜଣ ଦରମପୁର ଗ୍ରାମର ପପୁ ଜେନା ଓ ରାହୁଲ ଜେନା।

# ବାଗୁଡ଼ି ଖାଦାନରେ ଚଢ଼ାଉ

ସୋର, ୨୩।୪(ଜନ୍ମେଜୟ ମିଶ୍ର)

**ଲକ୍ଷାଧିକ ଟଙ୍କାର ପଥର ଜବତ**

ସୋର ବ୍ଲକ ମଙ୍ଗୁଡ଼ହାଣ ପଞ୍ଚାୟତ ବାଗୁଡ଼ି ଖାଦାନରେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରଶାସନ ତରଫରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ପଥର ଜବତ କରାଯାଇଛି। ଏହି ଖାଦାନ ଅଞ୍ଚଳରେ ବେଆଇନ ବ୍ଲାଷ୍ଟିଂ ହେବାର ଖବର ପାଇ ସୋର ଅତିରିକ୍ତ ତହସିଲଦାର ଦେବାଶୀ ମଲ୍ଲିକ ୨ଜଣ କନିଷ୍ଠ ଖଣି ଅଧିକାରୀ ଓ ସୋର ପୋଲିସ ସହାୟତାରେ ଚଢ଼ାଉ କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ବ୍ଲାଷ୍ଟିଂ ପରେ ସେଠାରେ ପଥର ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଥିବା ୪ଟି ପୋକ୍ଲେନ ଚାଳକ ପୋକ୍ଲେନକୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ଅତିରିକ୍ତ ତହସିଲଦାର ମଲ୍ଲିକ ୧୦୪ ଟ୍ରିପ ପଥରକୁ ଜବତ କରିଥିଲେ। ବୁଧବାର ଉକ୍ତ ଜବତ ପଥରକୁ ଖଣି ବିଭାଗର ଉପସ୍ଥିତିରେ ୩,୬୭,୦୭୦ ଟଙ୍କାରେ ନିଲାମ କରାଯାଇଥିଲା। ଏହି କାର୍ଯ୍ୟ ସାରି ଫେରିବା ସମୟରେ ମଲ୍ଲିକ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ଡମ୍ପର(ନଂ. ୨୨ ଏବ ୭୦୦୧) ଏବଂ ବେଆଇନ ମାଟି ବୋଝେଇ କରି ଯାଉଥିବା ୨ଟି ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରି ସୋର ଥାନାରେ ରଖିବା ସହିତ ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ।

# ହାଇଜେନିକ ମାଛ ମାର୍କେଟ ପାଇଁ ସ୍ଥାନ ପରିଦର୍ଶନ



ସ୍ଥାନ ପରିଦର୍ଶନ ସମୟରେ ଉପଜିଲାପାଳ ଓ ଅନ୍ୟମାନେ।

ଜଳେଶ୍ୱର, ୨୩।୪(ନବୀନ ସାହୁ)

ଜଳେଶ୍ୱର ମ୍ୟୁନିସିପାଲିଟିରେ ହେବ ଆଧୁନିକ ଉନ୍ନମାନର ହାଇଜେନିକ ମାଛ ମାର୍କେଟ। ବୁଧବାର ବାଲେଶ୍ୱର ଉପ-ଜିଲାପାଳ ପ୍ରଥମେଶ ରାଜେଶିର୍କେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଥିବା ସରକାରୀ ଜାଗା ପରିଦର୍ଶନ କରିଛନ୍ତି। ଜଳେଶ୍ୱରରେ ଦୀର୍ଘ ଦିନ ଧରି ଏକ ହାଇଜେନିକ ମାଛ ମାର୍କେଟ ହେବ ବୋଲି ଅର୍ଥ ମଞ୍ଜୁର ହେବା ସହିତ କାର୍ଯ୍ୟାଦେଶ ଦେବା ପରେ ମଧ୍ୟ ସରକାରୀ ଉପଯୁକ୍ତ ଜାଗା ନିରୂପଣ ହୋଇ ନ ପାରିବାରୁ ଆଜିଯାଏ ମାଛ ମାର୍କେଟ ହୋଇପାରିନାହିଁ। ବର୍ତ୍ତମାନ ମାଛ ମାର୍କେଟ ଚାଲିଥିବା ଗ୍ରୀନ୍‌ରେ ବିଲଡିଂ ସମ୍ମୁଖ ସ୍ଥାନରେ ଏହି ମାର୍କେଟ ହେବ ବୋଲି ପୂର୍ବରୁ ସ୍ଥାନ ନିରୂପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଜାଗାର ବୈଧତାକୁ ନେଇ କେତେକ ବ୍ୟକ୍ତି ନ୍ୟାୟାଳୟ ଆଶ୍ରୟ ନେଇଥିଲେ। ଫଳରେ ବାଟ ବନ୍ଦ ହୋଇଯାଇଥିଲା। ତେଣୁ ନୂଆ ଜାଗାରେ ଏହି ମାଛ ମାର୍କେଟ ହେବ ବୋଲି ଉପଜିଲାପାଳ ସ୍ଥାନ ପରିଦର୍ଶନ କରିଛନ୍ତି। ସେହିପରି ପୌରାଞ୍ଚଳର ୱାର୍ଡ ନଂ. ୧୬ ଅଲାଇପୁର ଗ୍ରାମରେ ହେବାକୁ ଥିବା ୫ କୋଟି ୭୫ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୋଶାଳାର ସ୍ଥାନ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କ ସହିତ ପୌର କନିଷ୍ଠଯନ୍ତ୍ରୀ ଓ କର୍ମଚାରୀ, ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ଥିଲେ।

# ଯୋଡ଼ା ଛାତ୍ରୀଛାତ୍ରଙ୍କ ସଫଳତା

**ରାଜ୍ୟ ଟାଇକୋଣ୍ଡୋ ଚାମ୍ପିଅନଶିପ**

ଯୋଡା, ୨୩।୪(ମାନସ ମହାନ୍ତି)



କୃତିତ୍ୱ ହାସଲ କରିଥିବା ଯୋଡ଼ା ଅଞ୍ଚଳର ଖେଳାଳିମାନେ।

କଟକ ଜିଲା ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିଅନସିପ (ଫୁମସେ ଏବଂ କାଏରୁଗୀ)ରେ ଯୋଡା ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଟାଇକୋଣ୍ଡୋ ପ୍ରତିଯୋଗିତା-୨୦୨୫ରେ କେନ୍ଦୁଝର ଜିଲା ଛାତ୍ରୀଛାତ୍ର ଙ୍କର ଚିତ୍ତାକର୍ଷକ ସଫଳତା ଦେଖିବାକୁ ମିଳିଛି। ଟାଇକୋଣ୍ଡୋ ସଂଘ ଆନୁକୂଲ୍ୟରେ ଫୁମସେ ଏବଂ କାଏରୁଗୀ ଚାମ୍ପିଆନସିପ ଏପ୍ରିଲ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୦ଟି ଜିଲାରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ କେବଳ କେନ୍ଦୁଝର ଜିଲା ଟାଇକୋଣ୍ଡୋ ସଂଘ ପକ୍ଷରୁ ୪୫ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ସେଥି ମଧ୍ୟରୁ ୩୧ଜଣ ପ୍ରତିଯୋଗୀ କାଏରୁଗୀ ଏବଂ ୪ ଜଣ ପ୍ରତିଯୋଗୀ ଫୁମସେରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂଶ୍ୟ ପଦକ ହସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଜିଲା ପାଇଁ ୬ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୫ଟି କାଂଶ୍ୟ ପଦକ ମିଳିଥିବା ବେଳେ ଯୋଡା ପାନ୍ଥର୍ସ ସ୍କୁଲ ଅଫ ଟାଇକୋଣ୍ଡୋ ଛାତ୍ରୀଛାତ୍ରମାନେ ଉତ୍ତମ ପ୍ରଦର୍ଶନ କରି ୧ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୮ଟି କାଂଶ୍ୟ ପଦକ ହାସଲ କରିଛନ୍ତି। ଯୋଡ଼ା ପାନ୍ଥର୍ସ ସ୍କୁଲ ଅଫ ଟାଇକୋଣ୍ଡୋ ପକ୍ଷରୁ ସମର୍ପିତା ଭଟ୍ଟାଚାର୍ଯ୍ୟ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ବିଜୟଲକ୍ଷ୍ମୀ ନାୟକ, ଜୟସ୍ମିତା ଶାହ, କସ୍ତୁରୀ ମୁଣ୍ଡା, ସହନଭ ଭୌମିକ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଅଞ୍ଜଲିନା ପ୍ରଧାନ, ନାଏରା ଭୌମିକ, ତିଜିଲ ବଞ୍ଜାରୀ, ବରୁଣ ଆଦିତ୍ୟ, ଗୌରବ ନିଆଲ, ଶୁଭମ ମୁଣ୍ଡା, ଆୟୁଷ ଦାସ, ସ୍ନିହି ଭଟ୍ଟାଚାର୍ଯ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି। ପଦକ ବିଜେତାମାନଙ୍କ ସହ ତରୁଣ ପୃଷ୍ଟି, ୟାଦାନ୍ତ ବଞ୍ଜାରୀ, ସମର୍ପଣ ଭଟ୍ଟାଚାର୍ଯ୍ୟ, ତନ୍ମୟ ତରାଇ ଏବଂ ପ୍ରଭାଶ ଶେଖର ସାଓ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଯୋଡ଼ା ଛାତ୍ରୀଛାତ୍ରଙ୍କ ଏହି ସଫଳତା ପଛରେ କୋଚ୍ ଅଜୟ କୁମାର ପୃଷ୍ଟିଙ୍କ ଆପ୍ରାଣ ଉଦ୍ୟମ ରହିଥିବା ବେଳେ ଅଭିଭାବକମାନଙ୍କ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଅଭିଯୋଗ ଶୁଣାଣି ଶିବିର

ମୋରଡ଼ା, ୨୩।୪(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦାସମାଥ ସୋରେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୋରଡା ବିଡିଓ ଅଣାକର ନାଏକ, ଏଇଇ ସୁଶାନ୍ତ ନାଏକ, ଜିପିଇଓ ଦାୟିତ୍ୱରେ ଥିବା ପ୍ରସନ୍ନ ମହାନ୍ତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲବ ବାସ୍କେ, ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ, ଆରଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ମାର୍କଣ୍ଡ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସିଥିବା ଲୋକଙ୍କ ନାମ ପଞ୍ଜୀକରଣ କରିବା ସହିତ ଅଭିଯୋଗ ଶୁଣିଥିଲେ। ଉକ୍ତ ଅଭିଯୋଗ ଶିବିରରେ ୫୨ଜଣଙ୍କ ଅଭିଯୋଗ ପଞ୍ଜୀକରଣ ହୋଇଛି।



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଅବସରକାଳୀନ ସମ୍ବର୍ଦ୍ଧନା

ବୈଶିଙ୍ଗା, ୨୩।୪(ରତନ ଦାଶ): ବୈଶିଙ୍ଗା ମିଡିଆ ସେଣ୍ଟରର ପ୍ରତିଷ୍ଠାତା ସଦସ୍ୟ ବିମଳେନ୍ଦୁ ମହାପାତ୍ର ମଙ୍ଗଳବାର ଭାରତୀୟ ଡାକ ବିଭାଗରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ତାଙ୍କୁ ମଙ୍ଗଳବାର ରାତି ୭ଟା୩୦ ସମୟରେ ବୈଶିଙ୍ଗା ଆର୍‌ଏମସି ଗେଷ୍ଟ ହାଉସ୍ ପରିସରରେ ବେତନଟୀ ବ୍ଲକ ପ୍ରେସ କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିଲେ ବେତନଟୀ ବ୍ଲକ ପ୍ରେସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ବେହେରା। ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିମଳେନ୍ଦୁଙ୍କ ସଂଗ୍ରାମୀ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ ସଞ୍ଜୟ କୁମାର ମିଶ୍ର ଓ ସୀତାନାଥ ବେହେରା, ଖବରଦାତା ସତ୍ୟ ପ୍ରକାଶ ପ୍ରଧାନ , ସରୂପ କୁମାର ପଟ୍ଟନାୟକ, ରାଜୀବ ରଞ୍ଜନ ସେନାପତି, ସତ୍ୟଜିତ ରାଉତ, ଲକ୍ଷ୍ମୀଧର ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

Bid Identification No.S.E.E.C (R&B) 01/2025-26

No. 1363/Date : 19.04.2025

**No.B-42** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.04.2025 at 05.00 P.M. to dt.12.05.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.05.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer, Electrical Circle (R&B) Odisha, BBSR

OIPR-34006/11/0031/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NABARANGPUR (R&B) DIVISION, NABARANGPUR**

E-mail ID: eerbngpur@yahoo.com, Tel & Fax-06858-222833 (O)

e-Procurement Notice

Bid Identification No.S.E. (R&B)-01/2025-26/NGP

No.2670, Date:21.04.2025

**No.B-48**:Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractors and the set of terms & conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Civil Construction Work as mentioned in DTCN
2. No. of Work : 01 No.
3. Estimated Cost : Rs.87.26 Lakhs
4. Period of Completion : 6 Calendar Months
5. Date & Time of Bidding : From 11.00 hours of 30.04.2025, upto 16.00 hours of 14.05.2025.
6. Last date & time for receipt of bids in portal : 16.00 hours of 14.05.2025
7. Bids received online shall be opened on : 11.00 hours of 15.05.2025
8. Name and address of the officer inviting bid : Superintending Engineer Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer, Nabarangpur (R&B) Division

OIPR-34143/11/0010/2526



**GOVERNMENT OF ODISHA** No.O-74
**OFFICE OF THE SUPERINTENDING ENGINEER**
RURAL WORKS DIVISION-II, JAJPUR

rwdivision_jaraka@yahoo.co.in

'E' PROCUREMENT NOTICE NO.RWD-II/JJPR-II-01/2025-26, DTD-19.04.2025

1. Name of work : Construction of Road work in the District of Jajpur for the yr. 2024-25
2. Total No. of Work : 1 no. of road works
3. Estimated Cost (Approx) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows :

a) Procurement officer : Superintending Engineer, Rural Works Division-II, Jajpur at Jarka
b) Availability of tender online & submission of bid : 23.04.2025 at 11.00 A.M. to 30.04.2025 upto 5.00 P.M.
c) Last date & time of seeking of tender clarification : 29.04.2025 upto 5.00 P.M.
d) Opening of Tender (Technical) : 01.05.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Sd./- Executive Engineer, Rural Works Division-II, Jajpur at Jaraka

OIPR-25080/11/0037/2526



**The Odisha State Co-operative Milk Producers' Federation Limited**
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com
www.omfed.com

**E-TENDER NOTICE**

**No.CAD-204 : OMFED** invites sealed offers for engagement of Transporter-cum-Distributor having various carrying capacity of insulated vehicle for the distribution of Milk and Milk products under OMFED Salapada Dairy's Marketing Route/ Cluster. Interested parties shall have to purchase & submit a complete set of Tender documents, duly signed on each page, indicating their desired commission per Litre of Milk sale, for transportation and distribution of milk and also milk products in Marketing routes/clusters. The tender document can be purchased from the Dairy of OMFED on payment of Rs.560/- only in cash on any working days from dt 23.04.25 to 07.05.25 (up to 2 P.M.) within office hours. The tender document can also be downloaded from the website & be submitted with D.D of Rs.560/- in favour of OMFED payable at Salapada Dairy/Corporate Office Sahid Nagar, towards the cost of Tender paper. Filled in tender paper along with EMD of Rs. 10000/- for Marketing route/cluster along with the required documents/certificates, should reach Salapada Dairy or OMFED Corporate Office latest by dtd.07.05.25 up to 2.00 P.M. and the offer will be opened on the same day at 3.00 P.M. at Salapada Dairy & at OMFED Corporate office on the same date and time in the presence of bidders or their authorized representatives.

For details, please visit the website www.omfed.com. The corrigendum/ amendment to this notice, if required, shall be published only on the OMFED website and will not be published again in the newspaper. OMFED reserves the right to accept or reject any of all the offers without assigning any reason thereof.

OIPR-06063/11/0165/2526 Sd./- Managing Director



**ODISHA HYDRO POWER CORPORATION LTD.**
**O/o. SR. GENERAL MANAGER, HIRAKUD HYDRO ELECTRIC PROJECT**
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in, CIN: U40101OR1995SGC003963
No.HHEP/Tech-WK-149 (Vol-II) / 2234 Date: 19.04.2025

TENDER CALL NOTICE NO.HHEP-17/2025

**No.CAD-186:** Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed **Manufacturers/ Authorized dealers/ channel partners/ reputed suppliers** providing services as mentioned below.

| Description of Work/Service | Cost of tender paper (Non-re-fundable) in Rs. | EMD in shape of DD/BC (Refundable) in Rs. | Period of Sale/ download of tender document | Last date & time of receipt of tender document | Date & Time of opening of Techno Commercial Bid |
|---|---|---|---|---|---|
| Design, Manufacture, Supply, Erection, Testing and Commissioning of High Velocity Water Spray system of Fire Protection for Unit-1, Unit-2, Unit-3 & Unit-4, 11/132 KV GT of Burla Power House on Turnkey basis | Rs. 11,800/- (Rs.10000/-+ GST @ 18% | 70570/- | 25.04.2025 (10.00 AM) to 13.05.2025 (01.00 PM) | 14.05.2025 11.00 AM | 14.05.2025 at 11.30 AM |

Further details like tender documents/ terms & conditions (corrigendum/erratum/addendum, if any), please visit our official website www.ohpcltd.com.

OIPR-04007/11/0040/2526 Sd./- C & P Head, HHEP, Burla



INVITATIONS FOR BIDS (IFB) GOVERNMENT OF ODISHA
AGRICULTURE & FARMERS' EMPOWERMENT DEPARTMENT
**DIRECTORATE OF SOIL CONSERVATION AND WATERSHED DEVELOPMENT, ODISHA, BHUBANESWAR**
**EXECUTIVE ENGINEER (AGRIL.), CENTRAL ZONE, BHUBANESWAR**

e-Procurement Notice

Tender Call Notice No.-3451, Date:21.04.2025

INVITATIONS FOR BIDS THROUGH e-Procurement

Bid Identification No/e-Procurement Notice No.E.E.(A), DSC & WD (O), C/Z-02 of 2024-25

**No.L-08:**Online Bids are invited from intending eligible bidders to carry out six nos. of civil works under the jurisdiction of The Executive Engineer (Agril.), DSC & WD (O) Central Zone, Bhubaneswar, Odisha, for details and other terms and condition of bidding visit the website http://tendersodisha.gov.in.

| Sl. No. | Nos. of the work/ nature of work | Estimated Cost (Rs. in lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 06 (Six) Nos. of Civil Works | Rs.12.00 Lakhs to Rs.46.00 Lakhs | Rs.6000/- | 1% of estimated Cost | A, B, C & D | 90 days to 150 Days |

| | |
|---|---|
| Period of availability of tenders on-line/Date of time of bidding online | 23.04.2025 at 11.00 AM to Date 07.05.2025 upto 5.30 P.M. |
| Submission of hard copies of documents | Dt.08.05.2025 at 10.30 AM to Date 09.05.2025 upto 3.00 P.M. |
| Date of Opening of Tenders | 12.30 PM on Dt.13.05.2025 |
| Venue for Opening | (Board Room Ground Floor Krushi Bhawan), Odisha, Pin:751001 |

OIPR-01039/11/0002/2526 Sd./- Executive Engineer (Agril.), DSC & WD, Central Zone, Bhubaneswar



**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK** No.A-60

Letter No. 1844/Dt. 21.04.2025

GOVERNMENT OF ODISHA e-Procurement Notice

Bid Identification No. on line SECMID - 03/2025-26

eemidcuttack@yahoo.co.in

1. Name of work : **Improvement to canal Lining of MIP under Capex in MI Sub-Division Athagarh**
2. Total Number of work : **01 (One) No.**
3. Estimated cost : **Rs.82.54 lakhs**
4. Tender paper Cost (Online) : **Rs. 10,000/-**
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From **25.04.2025, 10.00 A.M. to 07.05.2025, 5.00 P.M.** in website (www.tendersorissa.gov.in)
8. Last date & Time of receipt : **07.05.2025 at 5.00 P.M.** through online Bid
9. Date of opening of Technical Bid documents : **08.05.2025 - at 11.00 A.M.** in the office of the SE, M.I. Division, Cuttack
10. Date of opening of Financial Bid Documents : **14.05.2025 at 11.00 A.M.** in the office of the SE, M.I. Division, Cuttack
11. Date of Lottery, if required : **17.05.2025 at 12.00 Noon** in the office of the SE, M.I. Division, Cuttack
12. Name and address of the OIT : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer, M.I. Division, Cuttack

OIPR-32121/11/0033/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବେଙ୍ଗାଲୁରୁକୁ ନକ୍‌ଆଉଟ କଲା ଇଷ୍ଟର କାଶୀ



ମ୍ୟାଚ ଜିତିବାପରେ ଉଲ୍ଲସିତ ଇଷ୍ଟର କାଶୀ ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୩।୪(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ରେ ବୁଧବାର ହଟ୍ ଫେଭରାଇଟ ବେଙ୍ଗାଲୁରୁ ଏଫ୍‌ସିକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି ଦ୍ୱିତୀୟ ଡିଭିଜନ୍ କ୍ଲବ ଇଣ୍ଟର କାଶୀ। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାପରେ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଇଣ୍ଟର କାଶୀ ୫-୩ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳ ଆରମ୍ଭରୁ ଇଣ୍ଟର କାଶି ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ତାରକାଖଚିତ ବେଙ୍ଗାଲୁରୁ ଏଫ୍‌ସି ଗୋଲ ଦେବାରେ ସକ୍ଷମ ନ ହେବାରୁ ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ୬୧ତମ ମିନିଟ୍‌ରେ ର୍‍ୟାନ ୱିଲିୟମ୍ସ ଏକ ଗୋଲ ଦେଇ ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ପରେ ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଇଣ୍ଟର କାଶି ଶେଷପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲା। ଏହାର ସୁଫଳ ମିଳିଥିଲା। ୮୭ତମ ମିନିଟ୍‌ରେ ମାଟିଜା ବୋବୋଭିକ୍ ଗୋଲ ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଭରିଯାଇଥିଲା। ଇଣ୍ଟର କାଶୀ ଖେଳାଳିଙ୍କ ମନୋବଳ ଏତେ ଉଚ୍ଚା ହୋଇଯାଇଥିଲା ଯେ, ସେମାନେ ପେନାଲ୍ଟି ଶୁଟ୍‌ଆଉଟ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ମ୍ୟାଚ୍‌ର ୫୧ତମ ମିନିଟରେ ବେଙ୍ଗାଲୁରୁ ଏଫ୍‌ସିର ନାଇରେମ ରୋଶନ ସିଂ, ୭୩ତମ ମିନିଟରେ ଆଲବର୍ଟୋ ନଗୁଏରା ରିପୋଲ ଓ ୮୦ତମ ମିନିଟରେ ସୁରେଶ ସିଂ ୱାଙ୍ଗଜାମ ୟେଲୋ କାର୍ଡ ପାଇବା ଥିଲା ମ୍ୟାଚ୍‌ର ଅନ୍ୟତମ ଉଲ୍ଲେଖନୀୟ ଘଟଣା। ପୂରା ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଇଣ୍ଟର କାଶୀର ନିକୋଲା ଷ୍ଟୋଜାନୋଭିକ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ୟୁନିୟନ ସ୍ପୋର୍ଟିଂ କ୍ଲବ୍ ସେମିଫାଇନାଲରେ

**ଫୁଲବେରୀ ଟୁଇନ୍ ସିଟି ଟି୨୦ କ୍ରିକେଟ**

ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)

କଟକ ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଫୁଲବେରୀ ଟ୍ୱିନ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ସୋଲାର କ୍ରିକେଟ କ୍ଲବକୁ ୯୯ ରନରେ ହରାଇ ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁନିୟନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୦ ରନ କରିଥିଲା। ଅରବିନ୍ଦ ସିଂ ମାତ୍ର ୫୩ ବଲ୍‌ରୁ ଶତକ (୧୧୦) ହାସଲ କରିବାରୁ ଦଳ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ବିପକ୍ଷ ଦଳର ସୌଭାଗ୍ୟ ରାଉତ ୨ଟି ଉଇକେଟ ନେଇଥିଲେ। ୨୦୧ ରନ ବିଜୟ ଲକ୍ଷ୍ୟରେ ସୋଲାର ୧୦୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଶୁଭଙ୍କର ବିଶ୍ୱାସ ସର୍ବାଧିକ ୩୯ ରନ କରି ପାରିଥିଲେ। ବିଜୟୀ ଦଳର ଶୋଭନଦେବ ବେହେରା ୩ଟି ଏବଂ ବିନାୟକ ସାହୁ ୨ଟି ଉଇକେଟ ନେଇଥିଲେ। ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଓ ରଣଜିତ ମହାରଣା ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ବିସ୍ଫୋରକ ଶତକୀୟ ଇନିଂସ ପାଇଁ ଅରବିନ୍ଦ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିଳ୍ପପତି ଆଦିତ୍ୟ ପରିଡ଼ା ଓ ସତ୍ୟବାନ ରାଉତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ନିମପୁର ସ୍ପୋର୍ଟ୍ସ କ୍ଲବ ଓ ୟୁନିୟନ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।



ଅରବିନ୍ଦ ସିଂଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## କଳିଙ୍ଗ ସୁପର କପ୍

(ଆଜିର ମ୍ୟାଚ୍)

**ନର୍ଥ ଇଷ୍ଟ ୟୁନାଇଟେଡ୍ ବନାମ୍ ମହମ୍ମଡାନ ସ୍ପୋର୍ଟିଂ**
ସମୟ: ଅପରାହ୍ନ ୪.୩୦

**ଜାମଶେଦ୍‌ପୁର ଏଫ୍‌ସି ବନାମ୍ ହାଇଦ୍ରାବାଦ ଏଫ୍‌ସି**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି ୨୫ରୁ

ଭୁବନେଶ୍ୱର, ୨୩।୪ (ତପନ ସ୍ୱାଇଁ)

ହକି କିମ୍ବଦନ୍ତି ମାଇକେଲ କିଣ୍ଡୋଙ୍କ ନାମରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଏକ ଜୁନିୟର ହକି ପ୍ରତିଯୋଗିତା। ଭୁବନେଶ୍ୱର ହକି କ୍ଲବ (ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ମାଇକେଲ କିଣ୍ଡୋ ସ୍ମାରକୀ ପ୍ରତିଯୋଗିତା ଚଳିତ ମାସ ୨୫ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ହକି ଆସୋସିଏଶନ ଅଫ୍ ଓଡ଼ିଶା ସହଯୋଗରେ ଏହି ଟୁର୍ନାମେଣ୍ଟ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିବେ। ଦଳ ଗୁଡ଼ିକ ହେଲେ ଏଚ୍‌ପିସି ପୁରୀ, ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ, ଏଚ୍‌ଟିସି ଛତ୍ରପୁର, ଏଚଟିସି ଯାଜପୁର, ଏଚଟିସି କଟକ, ଏଛପିସି ରଣପୁର, ଏଚଟିସି ଭୁବନେଶ୍ୱର, ଏଚପିସି ଢେଙ୍କାନାଳ ଏବଂ ଏଚ୍‌ପିସି ପିପିଏଲ୍ ପାରାଦୀପ। ପ୍ରତିଯୋଗିତା ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ। ୨୫ ତାରିଖରେ ପ୍ରଥମ ମ୍ୟାଚ ସକାଳ ୬ଟାରେ ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ ଏବଂ ଏଚପିସି ପୁରୀ ମଧ୍ୟରେ ଅନୁଷ୍ଠିତ ହେବ। ୨୬ ତାରିଖରେ ଦୁଇଟି ସେମିଫାଇନାଲ ପୂର୍ବାହ୍ନ ଓ ଅପରାହ୍ନରେ ଏବଂ ୨୭ ତାରିଖ ପୂର୍ବାହ୍ନରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଏବଂ ଅପରାହ୍ନ ୫ଟାରେ ଫାଇନାଲ ଅନୁଷ୍ଠିତ ହେବ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି।

ଓଡ଼ିଶା ହକିର ବିକାଶ ଦିଗରେ ମାଇକେଲ କିଣ୍ଡୋଙ୍କ ବିଶେଷ ଅବଦାନ ରହିଥିଲା। ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ, ୧୯୭୫ କୁଆଲାଲମ୍ପୁର ହକି ବିଶ୍ୱକପରେ ସ୍ୱର୍ଣ୍ଣ, ୧୯୭୧ ମାର୍ସିଲୋନା ବିଶ୍ୱକପରେ ବ୍ରୋଞ୍ଜ, ୧୯୭୩ ଆମଷ୍ଟେଲଭିନ ବିଶ୍ୱକପରେ ରୌପ୍ୟ, ୧୯୭୪ ତେହେରାନ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ସର୍ଭିସେସରୁ ଅବସର ନେବାପରେ ସେ ସେଲ୍‌ରେ ଯୋଗଦେଇ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟରେ କାର୍ଯ୍ୟ କରିବା ସହିତ ଓଡ଼ିଶା ହକିର ସେବାରେ ଲିପ୍ତ ରହିଥିଲେ। ଓଡ଼ିଶା ହକି ପାଇଁ ଯୁବ ଖେଳାଳି ସୃଷ୍ଟି କରିବା ଦିଗରେ ତାଙ୍କର ବିଶେଷ ଯୋଗଦାନ ରହିଥିଲା। ତାହାକୁ ଦୃଷ୍ଟିରେ ରଖି ମାଇକେଲ କିଣ୍ଡୋଙ୍କ ନାମରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଏଚ୍‌ସି ଅଧ୍ୟକ୍ଷ ରତିକାନ୍ତ ନାୟକ, ସଭାପତି ବିଶ୍ୱବିଜୟ ସାହୁ, ସମ୍ପାଦକ ରଞ୍ଜନ ଦାସ, ସଦସ୍ୟ ବିଶ୍ୱଜିତ ସାହୁ, ସଞ୍ଜୟ ସାହୁ, ଏଭରଗ୍ରୀନ ଟି' ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ ଓ ସିନିୟର ଜର୍ନାଲିଷ୍ଟ ସମ୍ବିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଆନ୍ଦ୍ରେ ଆଗାସି ଖେଳିବେ

**ୟୁଏସ୍ ଓପନ ପିକଲ୍‌ବଲ ଚାମ୍ପିୟନଶିପ୍**

ୱାଶିଂଟନ,୨୩।୪(ଏପି)

ଆନ୍ଦ୍ରେ ଆଗାସି ଜିତିଥିବା ୮ଟି ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରୁ ଦୁଇଟି ୟୁଏସ୍ ଓପନ୍‌ରେ ଜିତିଥିଲେ। ଏବେ ସେ ଭିନ୍ନ ରାକେଟ ସହ ୟୁଏସ୍ ଓପନ୍ ପିକଲ୍‌ବଲ ଚାମ୍ପିୟନଶିପ୍‌ରେ ଖେଳିବାକୁ ଯାଉଛନ୍ତି। ୨୦୦୬ରେ ପେସାଦାର ଟେନିସ୍‌ରୁ ଅବସର ଘୋଷଣା କରିଥିବା ଆଗାସି ଆସନ୍ତା ସପ୍ତାହରେ ଫ୍ଲୋରିଡ଼ାର ନାପ୍ଲେସ୍‌ଠାରେ ହେବାକୁ ଥିବା ଟୁର୍ନାମେଣ୍ଟରେ ଆନା ଲେଗ୍ ୱାଟର୍ସଙ୍କ ସହିତ ମିକ୍ସଡ ପ୍ରୋ ଡିଭିଜନରେ ଖେଳିବେ। ଆସନ୍ତା ସପ୍ତାହରେ ୫୫ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଆଗାସିଙ୍କ ଲାଗି ଏହା ପ୍ରଥମ ପେସାଦାର ପିକଲ୍‌ବଲ ଟୁର୍ନାମେଣ୍ଟ ହେବ।


# Classified Everyday
**0674-2580101, 9692975378**



**REAL ESTATE**
**SALE**


**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**1000sqft. Office on rent at Jaydev Vihar Square @ 35000/-, one Guest House room @ 15000/- marketing office not allowed. 2years lease only. +91 6371-084018 Sohan.** D-263

**AFFIDAVIT**

By virtue of an affidavit sworn before the Executive Magistrate, Muniguda on dated 21.04.2025 (Sl. No.-546/25),I,PADMANNALA of Village- Kamaragudi, P.O.- Budubali, P.S.- Chandrapur, Dist.- Rayagada, Date of Birth is 20.01.1999 declare that I have changed my name BULU NALA to PADMAN NALA. Henceforth, I shall be known as PADMAN NALA for all purposes and my Date of Birth is 20.01.1999.
PADMAN NALA
D-266

I, Anjali Bala Nayak, W/o- Sushant Samal, At-Biswanathpur, P.O.-Kapilash, Dist.- Dhenkanal-759016 have changed my name to Anjali Samal vide affidavit dt. 16.04.2025 before Executive Magistrate, Gondia, Dhenkanal. D-267

I, Madhuri Ekka, aged about 29years, D/o- Rameswar Ekka, resident of Vill- Tarkera, P.O.- Tarkera, P.S.- Rajgangpur, Dist.- Sundargarh (Odisha) do hereby solemnly affirm and declare as under, I have a Aadhaar Card vide No.- xxxx xxxx 1904 in which my name has been wrongly mentioned as Madhuri Lakra. That Madhuri Ekka and Madhuri Lakra denotes to one and same person i.e. myself.
Madhuri Ekka
D-265

I, Ursela Nag, aged about 67 years, W/o- Jatia Nag, resident of Village- Samlaimunda, P.O.- Amgova, P.S.- Rajgangpur, Dist.- Sundargarh, Odisha do have by solemnly affirm declare as under- I have Aadhaar Card vide No.- xxxx xxxx 0686 in which my name has been wrongly mentioned as Bharsela Nag. That Ursela Nag and Bharsela Nag denotes to one & same person i.e. myself.
Ursela Nag
D-264

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By affidavit before Notary Public, Bhubaneswar, dated 22.04.2025, I, JAGADISH KUMAR JENA, S/o- Gayadhar Jena, Aadhaar No.- xxxx xxxx 5248 residing at Flat No.- B-401, Snehalata Apartment, Vivekanandamarg, Bhubaneswar declare that my name is wrongly recorded as JAGDISH KUMAR JENA in my son JIBITESH JENA's Birth Certificate and Educational Certificates. That JAGDISH KUMAR JENA and JAGADISH KUMAR JENA is one and same person. D-261

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**ମନେ ପଡ଼ନ୍ତି**

**୧୪ତମ ଶ୍ରାଦ୍ଧବାର୍ଷିକୀ**




**ଏଗୌରାଙ୍ଗ ଚରଣ ଦାସ**
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୯।୧୯୪୧
ତିରୋଧାନ: ୨୮।୦୪।୨୦୧୧

ଏହା ମଧ୍ୟରେ ୧୪ବର୍ଷ ଅତିକ୍ରାନ୍ତ। ଆପଣଙ୍କୁ ଆମେ ଭୁଲିପାରୁନୁ। ଆପଣ ଆମର ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-ଶୋକସନ୍ତପ୍ତ-
ଇଂ. ଦେବାଶିଷ ଦାସ, ଡାକ୍ତର ଅବକାଶ ଯାଦବ, ବନ୍ଧୁ, ପରିବାରବର୍ଗ ତଥା ଗୌରାଙ୍ଗ-କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ ଓ ଗୌରାଙ୍ଗ ଦାସ ସ୍ମୃତି କମିଟି।
ଧ-୨୨୨

# ଯାହା ଭାବିଥିଲେ ଅକ୍ଷୟ..



'କେଶରୀ ଚାପ୍ଟର ୨' ଫିଲ୍ମର ଏକ ଦୃଶ୍ୟରେ ଅକ୍ଷୟ କୁମାରଙ୍କ ସହ ଅନ୍ୟମାନେ।

ଅକ୍ଷୟ କୁମାର ଇତିମଧ୍ୟରେ ଅନେକ ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ଫିଲ୍ମଟିର କାହାଣୀ ଆକ୍ସନଭିତ୍ତିକ ହେଉ ଅବା କମେଡ଼ି ଅଥବା ପାରିବାରିକ- ସବୁ ପ୍ରକାର ମସଲା ଥିବା ବିଷୟବସ୍ତୁକୁ ଆଧାର କରି ନିର୍ମିତ ଚିତ୍ରକୁ ସଫଳ କରିବାରେ ଅକ୍ଷୟ କେତେ ସିଦ୍ଧହସ୍ତ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତାଙ୍କ ଅଭିନୀତ ଦେଶାତ୍ମବୋଧକ ସିନେମା ମଧ୍ୟ ବେଶ୍ ଦର୍ଶକାଦୃତ ହୋଇଛି। ଚଳିତ ମାସ ୧୮ ତାରିଖରେ ପରଦା ଉପରକୁ ଆସିଥିଲା ତାଙ୍କ ଅଭିନୀତ 'କେଶରୀ ଚାପ୍ଟର ୨ : ଦ ଅନଟୋଲ୍ଡ ଷ୍ଟୋରି ଅଫ୍ ଜାଲିଆନାୱାଲାବାଗ'। ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ଜାଲିଆନାୱାଲାବାଗ' ହତ୍ୟାକାଣ୍ଡକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ସି. ଶଙ୍କରନ୍ ନାୟାରଙ୍କ କାହାଣୀକୁ ଆଧାର କରି ଚିତ୍ରଟି ପ୍ରସ୍ତୁତ ହୋଇଛି। ପ୍ରଥମ ସପ୍ତାହରୁ ହିଁ ସିନେମା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। ଏହାର କାହାଣୀ ଶୁଣିବା ସମୟରେ ଅକ୍ଷୟ ମଧ୍ୟ ଠିକ୍ ଏଭଳି ପୂର୍ବାନୁମାନ କରିଥିଲେ। ଏଥିରେ ସେ ଚେଟୁର୍ ଶଙ୍କରନ୍ ନାୟାର ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏଥିରେ ଅନନ୍ୟା ପାଣ୍ଡେ ଏବଂ ଆର୍. ମାଧବନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କରନ୍ ସିଂ ତ୍ୟାଗୀ। ୧୩୫ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମର ବଜେଟ୍ ରହିଛି ପାଖାପାଖି ୧୦୦ କୋଟି। ଏ ପର୍ଯ୍ୟନ୍ତ ଫିଲ୍ମଟି ବକ୍ସ ଅଫିସରେ ଅର୍ଦ୍ଧାଧିକ ଅର୍ଥାତ୍ ପ୍ରାୟ ୫୨ କୋଟି ଆୟ କରିସାରିଲାଣି।

# ହାବିଲଦାର ଅବତାର

କାର୍ଟୁନ ଜଗତରେ 'ନଟିଆ' ଫେମ୍ ସ୍ମୃତି ରଞ୍ଜନ ମହାନ୍ତିଙ୍କୁ ଖୁବ୍ ଶୀଘ୍ର ବଡ଼ ପରଦାରେ ଏକ ନୂଆ ଅବତାରେ ଦେଖିବାକୁ ମିଳିବ। ତାହା କ'ଣ ଜାଣନ୍ତି ? ହାବିଲଦାର ଅବତାର। ହାବିଲଦାର ଚାକିରି ସିନା କରିଛନ୍ତି ହେଲେ ପ୍ରେମ ଦୁନିଆରେ ମନଟି ତାଙ୍କର ଏରୋପ୍ଲେନ୍ ପରି ଉଡୁଛି। ସୁନ୍ଦରୀ ତରୁଣୀଙ୍କୁ ନିଜ ପ୍ରେମ ଜାଲରେ ଫସାଇବାକୁ ଉଦ୍ୟମ କରି ଅସଫଳ ହୋଇଛନ୍ତି। ହେଲେ ଯାହାକୁ ପ୍ରେମିକା ଭାବରେ ପାଇଛନ୍ତି ତାହାର ଆଠ ଜଣ ବୟଫ୍ରେଣ୍ଡ ଅଛନ୍ତି। ଏଭଳି ଏକ ମଜାଦାର ଚରିତ୍ରଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ନଟିଆ। କେବଳ ସେତିକି ନୁହେଁ, ଏହି ଭୂମିକାକୁ ବେଶ୍ ସୁଚାରୁ ରୂପେ ତୁଲାଇଛନ୍ତି ସେ ଆଉ ଦର୍ଶକ ସେଥିରୁ ଭରପୂର ମଜା ପାଇବେ ବୋଲି ଆଶା ରଖିଛନ୍ତି ଏହି ହାସ୍ୟାଭିନେତା। ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ରାକେଟ୍'। ଏଥିରେ ତାଙ୍କର ମାନିଆ ଡାଏଲଗ ରହିଛି-ମୁଁ ଟିକେ ଚାର୍ଜ ହେଇଯାଏ..।' ଏହାପୂର୍ବରୁ ସେ 'କୋଟିଏରେ ଗୋଟିଏ ମନ', 'ସିନ୍ଦୂରା', 'ଆପଣମାନେ ଖୁସି ତ' ଏବଂ 'ତୁ ମୋ କମ୍‌ଜୋରି' ସିନେମାରେ ଅଭିନୟ କରିସାରିଛନ୍ତି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଂଗ୍ରାମ ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଆର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଞ୍ଜୀ, ପିହୁ ଓ କୁନୁରୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ୨୫ରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



'ରାକେଟ୍' ଫିଲ୍ମରେ ସ୍ମୃତି

# କେଇ ପଦ କଥା...



ଆଲିୟା

ଆଲିୟା ଭଟ୍ଟଙ୍କ ଅଭିନୟ ଜୀବନ ଯେତେବେଳେ ଆରମ୍ଭ ହେଲା ସେତେବେଳେ ତାଙ୍କୁ କେତେ ବର୍ଷ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ଛଅ ବର୍ଷ। ଜଣେ ଶିଶୁ କଳାକାର ଭାବରେ ସେ ବଡ଼ ପରଦାରେ ପାଦ ଦେଇଥିଲେ। ଫିଲ୍ମଟି ଥିଲା 'ସଂଘର୍ଷ'। ଏଥିରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ଏକ କଳାକାର ପରିବାରେ ତାଙ୍କର ଜନ୍ମ। ବାପା ମହେଶ ଭଟ୍ଟ ଜଣେ ନାମୀ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ସେପଟେ ବଡ଼ ଭଉଣୀ ପୂଜା ଭଟ୍ଟ ମଧ୍ୟ ଜଣେ ଅଭିନେତ୍ରୀ। ତେଣୁ ପ୍ରଥମ ଅଫରଟିକୁ ହାତଛଡ଼ା କରି ନ ଥିଲେ ସେ। ନିଜର ପ୍ରଥମ ଦିନର ଶୁଟିଂ ଅନୁଭୂତି ବିଷୟରେ ଆଲିୟା କହନ୍ତି, "ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଶଟ୍ ଦେବାକୁ କ୍ୟାମେରା ସାମ୍‌ନାକୁ ଗଲି, ସେତେବେଳେ ମୋତେ ଭାରି ଭୟ ଲାଗିଥିଲା। କିନ୍ତୁ କିଛି ସମୟ ପରେ ମୁଁ ମନକୁ ଦୃଢ଼ କରି ଶଟ୍ ଦେଇଥିଲି। ସେଦିନ ଶୁଟିଂ ସମୟରେ ପ୍ରୀତି ଜିଣ୍ଟା ସେଠାକୁ ଆସିଥିଲେ। ତାଙ୍କର କେଇ ପଦ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା।" ଆଲିୟା ଭଟ୍ଟ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ।

# ଡବଲ ଅଫର, ହେଲେ...

କଥାରେ ପରା ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ପ୍ରଥମେ ଗୋଟିଏ ସିନେମା ପାଇଁ କଥାବାର୍ତ୍ତା ଚାଲିଥିଲା। କିନ୍ତୁ ତା' ଭିତରେ କରୀନା କି ଗଦ ଶୁଙ୍ଘାଇଲେ କେଜାଣି ପ୍ରଯୋଜକ ମନ ଏକାଥରେ ଆକାଶରେ ଉଡିଲା। ହେଲେ ତା' ଭିତରେ ଟିକେ କେଁ ରହିଯାଇଛି। ଫିଲ୍ମଦ୍ୱୟର ଶୁଟିଂ ସମାନ୍ତରାଳ ଭାବରେ ଆରମ୍ଭ କରିବାକୁ ପ୍ରଯୋଜକ ସ୍ଥିର କରିଛନ୍ତି। ଆଉ ଏକଥା ଜାଣିବା ପରେ ଅଡୁଆରେ ପଡିଯାଇଛି କରୀନା କପୁର। ଏ ନେଇ ସେ କହନ୍ତି, "ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କର ସିନେମାରେ ଅଭିନୟ କରିବାକୁ ଅଫର ଦେଇଥିଲେ। ସ୍ଥିର ମନରେ କାହାଣୀ ଶୁଣିବା ପରେ ସେଥିରେ ଆକ୍ଟିଂ କରିବାକୁ ରାଜି ହୋଇଥିଲି। ତା'ପରେ ସେ ମୋତେ ଆଉ ଏକ ନୂଆ କାହାଣୀ ଶୁଣାଇଲେ। ଆଉ ମୁଁ ଏହାକୁ ନେଇ ଯଦି ଆପଣ ଶୀଘ୍ର ସିନେମାଟିଏ ନିର୍ମାଣ କରନ୍ତି ତେବେ ତାହା ହିଟ୍ ହେବ ବୋଲି ମତ ଦେଇଥିଲି। କିନ୍ତୁ ଏବେ ମୁଁ ଟିକେ ଅଡୁଆରେ ପଡିଯାଇଛି। ପ୍ରଯୋଜକ ଦୁଇଟି ସିନେମାର ଶୁଟିଂ ଏକାଥରେ ଆରମ୍ଭ କରିବାକୁ ଫାଇନାଲ କରିଛନ୍ତି। ହେଲେ ମୋ ପାଖରେ ଏବେ ସମୟ ନାହିଁ। ତେଣୁ ଏ ନେଇ କ'ଣ କରିବି କିଛି ସ୍ଥିର କରିପାରୁନି। ତଥାପି ଏ ବିଷୟରେ ମାତ୍ର ସପ୍ତାହେ ଭିତରେ ନିଷ୍ପତ୍ତି ନେବାକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ ସୂଚନା ଦିଆଯାଇଛି।" ଦେଖାଯାଉ, କରୀନା ଏହି ଅଫରଦ୍ୱୟକୁ ଗ୍ରହଣ କରୁଛନ୍ତି ନା ସମୟ ଅଭାବରୁ ଏହାକୁ ହାତଛଡା କରୁଛନ୍ତି!



କରୀନା

# ଏପେଟ ଖୁସି ସେ ପଟେ ଦୁଃଖ

ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ଏହା ତ ନିଶ୍ଚିତ ଭାବରେ ତାଙ୍କ ପାଇଁ ଏକ ଖୁସି ଖବର ଥିଲା। କିନ୍ତୁ ତାହା ପରେ ଯାହା ହେଲା, ତାହା ତାଙ୍କୁ ଟିକେ ଦୁଃଖ ଦେଇଥିଲା। ଅସଲ କଥା ହେଲା ସେତେବେଳେ ତାଙ୍କର ଓଜନ ବହୁତ ଅଧିକ ଥିଲା। ପୁଣି କେତେ ଜାଣନ୍ତି ? ୯୦ କିଗ୍ରା। ଏହା ଦେଖି ସଲମାନ ତାଙ୍କୁ ଶୀଘ୍ର ଓଜନ ସନ୍ତୁଳିତ ସ୍ତରକୁ ଆଣିବାକୁ କହିଥିଲେ। ଆଉ ତା'ପରେ ସୋନାକ୍ଷୀ ଏଥିପାଇଁ ଦିନରାତି ଏକାଠି କରିଦେଇଥିଲେ। ଦୀର୍ଘ ଦୁଇ ବର୍ଷ ପରିଶ୍ରମ କରି ସେ ନିଜ ଓଜନକୁ ୬୦ କିଗ୍ରାକୁ ଆଣିବାରେ ସଫଳ ହୋଇଥିଲେ। ସେପଟେ ତାଙ୍କର ପ୍ରଥମ ସିନେମା ହିଁ ତାଙ୍କୁ ନାୟିକା ଦୌଡ଼ରେ ସାମିଲ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା। ୨୦୧୦ରେ ପରଦା ଉପରକୁ ଆସିଥିବା ଏହି ହିଟ୍ ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଅଭିନବ ସିଂ କାଶ୍ୟପ। ମାତ୍ର ୪୧ କୋଟି ବଜେଟରେ ପ୍ରସ୍ତୁତ ଉକ୍ତ ସିନେମା ବକ୍ସ ଅଫିସରେ ପ୍ରାୟ ୨୨୧ କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।



ସୋନାକ୍ଷୀ

# ଓଟିଟି ପ୍ଲାଟଫର୍ମରେ 'ପାବାର'

ବଡ଼ ପରଦାରେ ରିଲିଜ ହୋଇ ଦର୍ଶକାଦୃତ ହେବା ପରେ ଏବେ ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ବାବୁସାନ୍-ଏଲିନା ପ୍ରିୟଦର୍ଶନୀ ଅଭିନୀତ ଓଡ଼ିଆ ସିନେମା 'ପାବାର' ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବାକୁ ଯାଉଛି। ଚଳିତ ମାସ ୨୩ ତାରିଖ ଅର୍ଥାତ୍, ଆଜି ଏହା ଅନ୍ୟତମ ପ୍ରମୁଖ ଓ ଟି ଟି ପ୍ଲାଟଫର୍ମ ଆଓ ନେକ୍ସଟ ଓ ଟି.ଟି.ରେ ଷ୍ଟ୍ରିମିଙ୍ଗ ହେବ। ପ୍ରଯୋଜନା କରିଛନ୍ତି ତୃପ୍ତି ଶତପଥୀ। କାହାଣୀ ଅନୁସାରେ ବେଣୁଧର ମହାନ୍ତି ଓଡ଼ିଶା ଗୁମାଗଡ଼ର ଜଣେ ସାଧାରଣ ବ୍ୟକ୍ତି। ଯିଏ ଖୁବ୍ କମ୍‌ରେ ଖୁସିରେ ରୁହେ କିନ୍ତୁ ଜଣେ ବାପା ପୁଅ କଣ୍ଟ୍ରାକ୍ଟର କଥାରେ ଆସି ସେ ନିର୍ବାଚନରେ ଠିଆ ହୁଏ। ତେବେ ସରପଞ୍ଚ ହେବାର ସ୍ୱପ୍ନ ଦେଖିଥିବା ବେଣୁଧରଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆସୁଛି। ସେ ନିର୍ବାଚନରେ ତ ଜିତିଯାଇଛନ୍ତି, କିନ୍ତୁ ତା'ପରେ କ'ଣ ଘଟୁଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମଟିର କାହାଣୀ ଏକ ସତ୍ୟ ଘଟଣା ଉପରେ ଆଧାରିତ।



'ପାବାର' ଫିଲ୍ମରେ ଏଲିନା-ବାବୁସାନ


# ସୁନାନାକୀ ବୋହୂ

ଓଡ଼ିଶାର ଅନ୍ୟତମ ପ୍ରମୁଖ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଚ୍ଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଚାଲିଛି, ଯାହାପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକର ଅଶେଷ ଭଲପାଇବା । ଏକ ମୌଳିକ ବିଷୟବସ୍ତୁକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ସୁନାନାକୀ ବୋହୂ'। ଉମେଶ ପଟ୍ଟନାୟକଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଅରୁଣ ମନ୍ତ୍ରୀ ,ଉମାକାନ୍ତ ନାୟକ,ନିହାର ପ୍ରିୟାଶିଷଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାସ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା,ଅର୍ପିତା ଚୌଧୁରୀ,ଚିରାଗଦୀପ ପଣ୍ଡା। କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଏହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଚଳଚ୍ଚିତ୍ରର କାହାଣୀ ଆରମ୍ଭ ହୋଇଛି ଦୁଇଟି ଗାଁ ମଧୁପୁର ଓ ଯଦୁପୁରରୁ । ଦୁଇ ଗାଁ ମଧ୍ୟରେ ଏକ ପୁରୁଣା ବିବାଦ ଲାଗିରହିଛି ଯେ ପ୍ରତ୍ୟେକ ପଣା ସଂକ୍ରାନ୍ତିରେ ନିଜର ପବିତ୍ର ଦେବତାଙ୍କୁ ଆତିଥ୍ୟ ଦେବାପାଇଁ ଉଭୟ ଗାଁ ମଧ୍ୟରେ ଲାଗେ ପ୍ରତିଯୋଗିତାର ସଂଘର୍ଷ ଓ ୪ ବର୍ଷ ହେବ ଯଦୁପୁର ଗାଁର ଜଣେ ଏହି ପ୍ରତିଯୋଗିତାକୁ ଏକତରଫା ଜିତି ଆସୁଛି, କିନ୍ତୁ ଚଳିତ ବର୍ଷ ମଧୁପୁର ଗାଁର ଜଣେ ସାହସୀ ମହିଳା ରଘୁର ଏହି ବିଜୟ ରଥକୁ ରୋକି ଏହି ଚକ୍ରକୁ ଭାଙ୍ଗିବାରେ ଦୃଢ଼ ପ୍ରତିଜ୍ଞାବଦ୍ଧ । ପ୍ରତିଯୋଗିତା ପାଇଁ ଉତ୍ତେଜନା ଖୁବ ବୃଦ୍ଧି ପାଇବା ସମୟରେ ପୂରା ମଧୁପୁର ଚିନ୍ତାରେ । କିନ୍ତୁ ଭାଗ୍ୟର ଅଜବ ସଂଯୋଗ ଏକ ମିଥ୍ୟା ଅପବାଦକୁ ରୋକିବାପାଇଁ ଦୁଇ ପ୍ରତିଯୋଗୀଙ୍କ ସମ୍ପର୍କରେ ଆସେ ପରିବର୍ତ୍ତନ । ତେବେ କ'ଣ ଏହି ପରିବର୍ତ୍ତନ ? ଦୀର୍ଘ ଦିନର ଶତ୍ରୁତାକୁ କଣ ଠିକ କରାଯାଇପାରିବ ? ଏଭଳି ପ୍ରଶ୍ନଗୁଡିକର ଉତ୍ତର ରହିଛି ଏହି ସିନେମାରେ। ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ସାପ୍‌ଲିନ ଓ ନିକିତା ମିଶ୍ର । ତେବେ ଏହି ଚଳଚିତ୍ରର ଯାତ୍ରା ସହିତ ନିଜକୁ ସାମିଲ କରିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।



'ସୁନାନାକୀ ବୋହୂ' ଫିଲ୍ମରେ ସାପଲିନ୍-ନିକିତା

# କୋନେରୁ ହମ୍ପି ଚାମ୍ପିୟନ



ଟ୍ରଫି ଓ ସ୍ୱର୍ଣ୍ଣ ପଦକ ସହ କୋନେରୁ ହମ୍ପି (ମଝି) ଏବଂ ବ୍ରୋଞ୍ଜ ବିଜୟୀ ଦିବ୍ୟା ଦେଶମୁଖ (ଡାହାଣ)।

## ଫିଡେ ମହିଳା ଗ୍ରାଁ ପ୍ରି

ପୁଣେ, ୨୩।୪

ଏଠାରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଁ ପ୍ରି ଚେସ୍ ଟୁର୍ନାମେଣ୍ଟର ୫ମ ଚରଣରେ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୭ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଚାଇନାର ଜିନେର ଝୁ ମଧ୍ୟ ୭ ପଏଣ୍ଟ ପାଇଛନ୍ତି। ମାତ୍ର ବ୍ଲାକ୍ ପିସ୍‌ରେ ଉନ୍ନତ ରେକର୍ଡ ଯୋଗୁ ହମ୍ପି ଟାଇଟଲ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ୯ମ ତଥା ଅନ୍ତିମ ରାଉଣ୍ଡରେ ହମ୍ପି ବୁଲଗେରିଆର ନୁରଗୁଲ ସାଲିମୋଭାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଟୁର୍ନାମେଣ୍ଟ ରେକର୍ଡ ଅନୁସାରେ ଯଦି ଦୁଇ ଖେଳାଳିଙ୍କ ପଏଣ୍ଟ ସମାନ ରୁହେ ତେବେ ବ୍ଲାକ୍ ପିସ୍‌ରେ ଯେଉଁ ଖେଳାଳିଙ୍କ ରେକର୍ଡ ଭଲ ଥିବ ସେ ବିଜେତା ଘୋଷିତ ହେବ। ପୁରା ପ୍ରତିଯୋଗିତାରେ ଅପରାଜେୟ ରହିଥିବା ହମ୍ପି ୫ଟି ଗେମ୍ କଳା ପିସ୍‌ରେ ଖେଳିଥିଲେ। ସେହି ତୁଳନାରେ ଝୁ ୪ଟି ଗେମ୍ କଳା ପିସ୍‌ରେ ଖେଳିଥିବାରୁ ପଛରେ ପଡ଼ି ଯାଇଥିଲେ। ଏହାକୁ ମିଶାଇ ହମ୍ପି ଦ୍ୱିତୀୟ ଥରପାଇଁ ୨୦୨୪-୨୫ ଫିଡେ ଗ୍ରାଁ ପ୍ରିରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ମୋନାକୋ ଗ୍ରାଁ ପ୍ରିରେ ମଧ୍ୟ ହମ୍ପି ପ୍ରଥମ ହୋଇଥିଲେ। ଏଠାରେ ବିଜୟ ସହ ହମ୍ପି ୧୧୭.୫ ପଏଣ୍ଟ ସଂଗ୍ରହ କରି ଗ୍ରାଁ ପ୍ରି ସର୍କିଟରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏବେ ତାଙ୍କର ଗ୍ରାଁ ପ୍ରି ପଏଣ୍ଟ ସଂଖ୍ୟା ୨୭୯.୧୭ରେ ପହଞ୍ଚିଛି। ୬ ଚରଣ ବିଶିଷ୍ଟ ପ୍ରତିଯୋଗିତା ଶେଷରେ ଶ୍ରେଷ୍ଠ ୨ ପ୍ରତିଯୋଗୀ ୨୦୨୬ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତା ମାସରେ ଅଷ୍ଟ୍ରିଆଠାରେ ୬ଷ୍ଠ ତଥା ଅନ୍ତିମ ଗ୍ରାଁ ପ୍ରି ଅନୁଷ୍ଠିତ ହେବ। ଏହାର ଫଳାଫଳ ଉପରେ ହମ୍ପିଙ୍କ ଭାଗ୍ୟ ନିର୍ଭର କରିବ।

### ଦିବ୍ୟା ଦେଶମୁଖଙ୍କୁ ବ୍ରୋଞ୍ଜ

ଅନ୍ୟପକ୍ଷରେ ଭାରତର ଦିବ୍ୟା ଦେଶମୁଖ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୫.୫ ପଏଣ୍ଟ ହାସଲ କରିଛନ୍ତି। ଅନ୍ତିମ ରାଉଣ୍ଡରେ ସେ ପୋଲାଣ୍ଡର ଏଲିନା କାଶଲିନସ୍କାୟାଙ୍କୁ ହରାଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଦ୍ରୋଣାଭାଲି ହାରିକା ୪.୫ ଓ ଆର. ବୈଶାଳୀ ୪ ପଏଣ୍ଟ ପାଇ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବବ୍ରତ ଭଞ୍ଜ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ।

# ମୁମ୍ବାଇର ପ୍ରଭାବୀ ବୋଲିଂ

ହାଇଦ୍ରାବାଦ,୨୩।୪

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ପରସ୍ପରକୁ ଭେଟିଛନ୍ତି। ହେନରଚ କ୍ଲାସେନଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ପ୍ରତିପକ୍ଷ ମୁମ୍ବାଇ ଆଗରେ ୧୪୪ ରନର ଟାର୍ଗେଟ ଧାର୍ଯ୍ୟ କରିଛି। ଜମ୍ମୁ-କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଲାଗି ମ୍ୟାଚ୍ ପୂର୍ବରୁ ଉଭୟ ଦଳର ଖେଳାଳିମାନେ ଏକ ମିନିଟ୍ ଲାଗି ନୀରବ ପ୍ରାର୍ଥନା କରିବା ସହ ବ୍ଲାକ ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୮.୩ ଓଭରରେ ୩୫ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସଙ୍କଟଜନକ ପରିସ୍ଥିତିରେ କ୍ଲାସେନଙ୍କ ସହ କ୍ରିଜ୍‌ରେ ଇମ୍ପାକ୍ଟ ପ୍ଲେୟର ଭାବେ ଅଭିନବ ମନୋହର ଯୋଗ ଦେଇଥିଲେ। ଦୁହେଁ ଷଷ୍ଠ ଉଇକେଟରେ ୬୩ ବଲରେ ୯୯ ରନ ଯୋଡ଼ି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। କ୍ଲାସେନ ୪୪ ବଲରେ ୭୧ ରନ କରି ୧୯ତମ ଓଭରରେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ସେହିଭଳି ଅଭିନବ ୩୭ ବଲରେ ୨ ଚୌକା ଓ ୩ ଛକା ସହିତ ୪୩ ରନ କରି ହିଟ୍ ଉଇକେଟ ଆଉଟ୍ ହୋଇଥିଲେ। ଫଳରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରିବାକୁ ସକ୍ଷମ ହୋଇଥିଲା। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ୪ ଉଇକେଟ ସଫଳତା ହାସଲ କରିଥିବା ବେଳେ ଦୀପକ ଚହର ଦୁଇଟି ଉଇକେଟ ନେଇଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)

ବେଙ୍ଗାଲୁରୁ ବନାମ୍ ରାଜସ୍ଥାନ

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | +୦.୪୮୩ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |



ଉଇକେଟ ନେବା ପରେ ଉଲ୍ଲସିତ ଟ୍ରେଣ୍ଟ ବୋଲ୍ଟ (ଡାହାଣ)।

### ସଂକ୍ଷିପ୍ତ ସ୍କୋର

ସନରାଇଜର୍ସହାଇଦ୍ରାବାଦ: ୨୦ଓଭରରେ ୧୪୩/୮ (ହେନରିଚ କ୍ଲାସେନ-୭୧, ଅଭିନବ ମନୋହର-୪୩, ଟ୍ରେଣ୍ଟ ବୋଲ୍ଟ-୪/୨୬, ଦୀପକ ଚହର-୨/୧୨, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୧)।

DSPL - 40



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର
୬ ଲକ୍ଷ ହିତାଧିକାରୀଙ୍କୁ
ନୂତନ ରାସନ କାର୍ଡ ପ୍ରଦାନର
ଶୁଭାରମ୍ଭ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
ସଦୟ ଉପସ୍ଥିତିରେ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ



- ଆବେଦନକାରୀ ପରିବାର ନିଜ ବ୍ଲକ ବା ପୌରାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଇ-କେ.ୱାଇ.ସି କରାଇ ନିଅନ୍ତୁ
- ସ୍ୱତଃ ଯୋଗହେବା ମାନଦଣ୍ଡ ଅନ୍ତର୍ଭୁକ୍ତ ଆବେଦନ ଗୁଡ଼ିକୁ ପ୍ରାଧାନ୍ୟତା ଭିତ୍ତିରେ ରାସନ କାର୍ଡ ପ୍ରଦାନ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-07001/13/0023/2526

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ